

ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-76 ◆TUESDAY ◆9 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୬ ◆ମଙ୍ଗଳବାର ◆୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନେପାଳ ଅଶାନ୍ତ

# ସେନା ଗୁଳିରେ ୨୦ ମୃତ

## ଓଲି ସରକାର ବିରୋଧୀ ଆନ୍ଦୋଳନ ଉଗ୍ର; ସଂସଦରେ ପଶିଲେ ବିକ୍ଷୋଭକାରୀ


■ **କାଠମାଣ୍ଡୁ, ୮।୯(ଏଜେନ୍ସି):** ନେପାଳରେ ଭୟଙ୍କର ଅଶାନ୍ତି ଦେଖାଦେଇଛି। ଓଲି ସରକାରଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସହିତ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଯୁବ ଆନ୍ଦୋଳନକାରୀ ଆଜି ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂସଦ ଆଡ଼କୁ ମାର୍ଚ୍ଚ କରିଛନ୍ତି। ସେମାନଙ୍କୁ ଅଟକାଇବା ଲାଗି ସରକାର ଜାରି କରିଥିବା ନିଷେଧାଜ୍ଞାକୁ ଖାତିର ନକରି ସେମାନେ ସଂସଦ ଭବନ ଆଡ଼କୁ ମାଡ଼ିଯାଇଛନ୍ତି। ଅନେକ ଆନ୍ଦୋଳନକାରୀ ସଂସଦରେ ପଶିଥିବାର ଖବର ମଧ୍ୟ ମିଳିଛି। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯାଇଛି। କର୍ଫ୍ୟୁ କଟକଣା ଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଦେଶରେ ଅଶାନ୍ତି ପାଇଁ ନୈତିକତା ଦୃଷ୍ଟିରୁ ଓଲି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଗୃହ ମନ୍ତ୍ରୀ ରମେଶ ଲେଖାକ୍।

**ଇସ୍ତଫା ଦେଲେ ଗୃହମନ୍ତ୍ରୀ**


**ବିହାରର ୭ ଜିଲ୍ଲା ସୀମା ସିଲ୍**

ମିଳିଥିବା ସୂଚନା ଅନୁଯାୟୀ ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ କେପି ଓଲିଙ୍କ ସରକାର ବିରୋଧରେ ଦେଶବ୍ୟାପୀ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଦୁର୍ନୀତି ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଥିବାରୁ ଏହାକୁ ହଟାଇବା ଲାଗି ବିରୋଧୀ ଦଳ ପକ୍ଷରୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି। ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ ସରକାର ବିରୋଧରେ ▶ପୃଷ୍ଠା-୭





# ଉପରାଷ୍ଟ୍ରପତି ନିର୍ବାଚନ ଆଜି



## ସିପି ରାଧାକୃଷ୍ଣନ ବନାମ୍ ବି ସୁଦର୍ଶନ ରେଡ୍ଡୀ

■ **ନୂଆଦିଲ୍ଲୀ, ୮।୯(ଏଜେନ୍ସି):** କିଏ ହେବେ ଭାରତର ନୂଆ ଉପରାଷ୍ଟ୍ରପତି? ଏନ୍‌ଡିଏର ସିପି ରାଧାକୃଷ୍ଣନ ନା ଇଣ୍ଡିଆ ବ୍ଲକ୍‌ର ବି ସୁଦର୍ଶନ ରେଡ୍ଡୀ? ଆସନ୍ତାକାଲି ହେବାକୁ ଯାଉଥିବା ଦେଶର ୧୭ତମ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ହୋଇଯିବ। ସଂସଦ ଭବନରେ ମଙ୍ଗଳବାର ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଭୋଟଗଣତି ହେବ ଏବଂ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷଣା ହୋଇଯିବ।

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜର ସଦସ୍ୟମାନେ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବେ। ଏବେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୧ ଥିବାବେଳେ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୯୧ଟି ଭୋଟ୍ ଆବଶ୍ୟକ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୪୨୫ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ବିଜୟୀ ହେବାର ସମ୍ଭାବନା ଅଧିକ। ୱାଇଏସ୍‌ଆର୍‌ପିର ୧୧ ଜଣ ସାଂସଦ ମଧ୍ୟ ରାଧାକୃଷ୍ଣନଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସମର୍ଥକଙ୍କ ସଂଖ୍ୟା ୪୩୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସଭ୍ୟସଂଖ୍ୟା ୩୧୨ ରହିଥିବା ବେଳେ ଆପ୍‌ର ୧୨ ଜଣ ସାଂସଦ ସୁଦର୍ଶନ ରେଡ୍ଡୀଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ୩୨୪ ସଭ୍ୟଙ୍କ ସମର୍ଥନ ରହିଛି। ସୁତରାଂ, ସରକାରୀ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକତା ଠାରୁ ୪୫ଟି ଅଧିକ ଭୋଟ୍ ଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କ ପାଖରେ ୬୭ଟି ଭୋଟ୍ କମ୍ ରହିଛି। ଏହି ନିର୍ବାଚନରେ ବିଜେଡି ଏବଂ ବିଆରଏସ୍ ମତଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି। ସଂସଦରେ ବିଜେଡିର ୭ ଜଣ ଏବଂ ବିଆର୍‌ଏସ୍‌ର ୪ ଜଣ ସଦସ୍ୟ ଅଛନ୍ତି।

ଉଭୟ ସରକାରୀ ଓ ବିରୋଧୀ ଦଳ ନିର୍ବାଚନ ପୂର୍ବରୁ ମକଡ୍ରିଲ୍ କରିଛନ୍ତି। ଭୋଟ୍ ଯେମିତି ନାକଚ ନ ହୁଏ, ସେଥିଲାଗି ସାଂସଦମାନଙ୍କୁ ତାଲିମ୍ ଦେଇଛନ୍ତି। ୨୦୧୭ରେ ୧୧ଟି ଭୋଟ୍ ନାକଚ ହୋଇଥିବା ବେଳେ ୨୦୨୨ରେ ୧୫ ଏବଂ ୧୯୯୭ରେ ସର୍ବାଧିକ ୪୬ଟି ଭୋଟ୍ ନାକଚ ହୋଇଥିଲା। ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନ ପାଇଁ ଦଳମାନଙ୍କ ପକ୍ଷରୁ ହୁଇପ୍ ଜାରି କରାଯିବାର ବ୍ୟବସ୍ଥା ନାହିଁ। ତେଣୁ ମତଦାନ ବେଳେ କ୍ରସ୍‌ଭୋଟିଂ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ▶ପୃଷ୍ଠା-୭



**ମୋଟ୍ ସାଂସଦ ସଂଖ୍ୟା**
**୭୮୧**

| | |
|---|---|
| ଏନ୍‌ଡିଏ | ୪୨୫ |
| ଇଣ୍ଡିଆ ମେଣ୍ଟ | ୩୧୨ |
| ଅନ୍ୟ ଦଳ | ୪୪ |

**ମ୍ୟାଜିକ୍ ନମ୍ବର**
**୩୯୧**

**ଉପରାଷ୍ଟ୍ରପତି ନିର୍ବାଚନ** ନବୀନ ନେଲେ ବଡ଼ ନିଷ୍ପତ୍ତି

# ମତଦାନରୁ ବିରତ ରହିବ ବିଜେଡି

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ବିଜେଡି। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏପରି ବଡ଼ ନିଷ୍ପତ୍ତି ନେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜେଡି ସଂସଦୀୟ ଦଳ, ପିଏସି ସଦସ୍ୟ ତଥା ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ନବୀନ ଏହି ନିଷ୍ପତ୍ତି ନେଇଛନ୍ତି। ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୋମବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଏବଂ ସାଂସଦମାନଙ୍କ ସହ ବିଚାରବିମର୍ଶ କରିବା ପରେ ଦଳର ସଭାପତି ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ୭ ଜଣ ରାଜ୍ୟସଭା ସାଂସଦ ମତଦାନ କରିବେ ନାହିଁ। ଉଭୟ ଏନ୍‌ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟଠାରୁ ବିଜେଡି ସମଦୂରତ୍ୱ ରକ୍ଷା କରି ଆସିଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକସ୍ଥଳେ ବିଜେଡି ପ୍ରସଙ୍ଗଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି। ତେଣୁ ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ରାଜ୍ୟସ୍ୱାର୍ଥକୁ ଆଗରେ ରଖି ନବୀନ ଏପରି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ବିକାଶ ସହ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ସର୍ବଦା ଚେଷ୍ଟିତ ବୋଲି ।।ସେ କହିଛନ୍ତି। ଡ. ପାତ୍ର କହିଛନ୍ତି, ରାଜ୍ୟର ସ୍ୱାର୍ଥ ▶ପୃଷ୍ଠା-୭



**ଏନ୍‌ଡିଏ-ଇଣ୍ଡିଆ ମେଣ୍ଟ ଠାରୁ ସମଦୂରତ୍ୱ ନୀତି ବଜାୟ**

**ରାଜ୍ୟସ୍ୱାର୍ଥ ଆଗ; ଆବଶ୍ୟକ ହେଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ**

# ପରଲୋକରେ ବିଧାୟକ ରାଜେନ୍ଦ୍ର ଢୋଲକିଆ

■ **ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ତଥା ବିଜେଡି ନେତା ରାଜେନ୍ଦ୍ର ଢୋଲକିଆ ଆଉ ନାହାନ୍ତି। ୭୯ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ସୋମବାର ପୂର୍ବାହ୍ନ ୧୦ଟାରେ ଚେନ୍ନାଇସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲା ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ସମେତ ▶ପୃଷ୍ଠା-୭



**ଆଜି ଚେନ୍ନାଇରୁ ଆସିବ ମରଶରୀର**

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

# ‘ଉତ୍କଳ’ ହଷ୍ଟେଲ୍‌ରୁ ବିଦାହେଲେ ଅଣଛାତ୍ର

■ **ଭୁବନେଶ୍ୱର, ୮।୯ (ସମିସ):** ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅଣ୍ଟା ଭିଡ଼ିଛି। କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣଛାତ୍ରଙ୍କ ଦଖଲରେ ଥିବା ୧୬୦ରୁ ଅଧିକ ରୁମ୍‌କୁ ସୋମବାର ଖାଲି କରାଯାଇଛି।

**ମୁତୟନ ହୋଇଥିଲେ ୭ ପ୍ଲାଟୁନ ପୁଲିସ୍ ଫୋର୍ସ ଓ ୨୦ ଅଫିସର**

**ପୁଣି ହଷ୍ଟେଲ୍ ଫେରିଲେ ଅଣଛାତ୍ରଙ୍କୁ ବାନ୍ଧିବ ପୁଲିସ୍**

ପ୍ରଥମେ ସର୍ବାଧିକ ପ୍ରଭାବିତ ୩ ନମ୍ବର ବା ଫକୀରମୋହନ ଛାତ୍ରାବାସକୁ ଖାଲି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ୨ନମ୍ବର, ୧ନମ୍ବର ଓ ୫ନମ୍ବର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି। ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରି ଜବରଦଖଲ ହୋଇଥିବା ସମସ୍ତ ରୁମ୍‌କୁ ଖାଲି କରାଯାଇଛି। ଆଗକୁ ଅଣଛାତ୍ରଙ୍କ କବ୍‌ଜାରୁ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏକାଧିକ ପଦକ୍ଷେପ ସହ ହଷ୍ଟେଲ୍‌ରେ ସଂସ୍କାର ଆଣିବାକୁ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ଗୁରୁତ୍ୱାରୋପ କରିଛନ୍ତି। ଅଣଛାତ୍ରଙ୍କୁ ହଷ୍ଟେଲ୍ ଖାଲି କରିବାକୁ ଏକାଧିକଥର ନୋଟିସ୍ ଦେବା ପରେ ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ▶ପୃଷ୍ଠା-୭

**ଖାଲି ହେଲା ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍**




**ଟ୍ରମ୍ପ ଟାରିଫ୍ ମାଡ଼**

# ଜିଡିପି ୦.୫୦% କମିପାରେ

■ **ନୂଆଦିଲ୍ଲୀ, ୮।୯ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ପଠାଯାଉଥିବା ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁ କରିଛନ୍ତି। ଏହି ବାଣିଜ୍ୟ ଶୁଳ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ୦.୫୦% ହ୍ରାସ ଘଟାଇବ ବୋଲି ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଓ) ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି। ତାଙ୍କର ଅନୁମାନ ଯେ ଯଦି ଏହି ଟାରିଫ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରୁହେ, ତେବେ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ଆହୁରି ଗମ୍ଭୀର ହେବ। ଏହାର ନକାରାତ୍ମକ ପ୍ରଭାବକୁ ଏଡାଇବା କଷ୍ଟକର ହୋଇପଡ଼ିବ। ବିଶେଷକରି ଟ୍ରମ୍ପ୍ ପ୍ରଶାସନର ଏହି ୫୦% ଟାରିଫ୍ ଦେଶର ବୟନ ଏବଂ ଅଳଙ୍କାର କ୍ଷେତ୍ର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ ବୋଲି ଶ୍ରୀ ନାଗେଶ୍ୱରନ୍ କହିଛନ୍ତି।




**ଆସୁଛି ଆଉ ଏକ ଲଘୁଚାପ**

# ୧୧ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୩-୧୪ ତାରିଖ ବେଳକୁ କେନ୍ଦ୍ରୀୟ ତଥା ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ମାତ୍ରାଧିକ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୧୧ ତାରିଖରେ ମାଲକାନଗିରି ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ଆଶଙ୍କା ରହିଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ।



ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍ ସହିତ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ସ୍ଥିତି ସୃଷ୍ଟି ହେଉଛି। ଆଜି ପାରଳାଖେମୁଣ୍ଡିରେ ସର୍ବାଧିକ ୫୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧ମିମି ଓ ଚାନ୍ଦବାଲିରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଏହି ସ୍ଥିତି ଆଗକୁ ମଧ୍ୟ ଜାରି ▶ପୃଷ୍ଠା-୭

# କୃଷି ଅଧିକାରୀ, ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଦେଲେ ଚାଷୀ

■ **ସଇଁତଲା, ୮।୯(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ସାର ଅଭାବ ଦେଖାଦେଇଛି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକରେ ସାର ନ ପାଇ ଚାଷୀ ହଟହଟା ହେଉଛନ୍ତି। ଏ ପରିକି ସାର ପାଇଁ ଲମ୍ବା ଧାଡ଼ି ଲାଗିଥିଲେ ବି ଚାଷୀଙ୍କୁ ସାର ମିଳୁନାହିଁ। ଏଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସୋମବାର ଘୁନସର ସମବାୟ ସମିତିରେ ସାର ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସାର ପାଇବାରୁ ବଞ୍ଚିତ ହୋଇଥିବା ଚାଷୀ ସମବାୟ ସମିତି ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଭଳିକି ଉତ୍ତେଜିତ ହୋଇ ସେଠାରେ ଉପସ୍ଥିତ ଅତିରିକ୍ତ କୃଷୀ ଅଧିକାରୀ ଓ ସମବାୟ ▶ପୃଷ୍ଠା-୭

**ସାର ବଣ୍ଟନ ବେଳେ ଉତ୍ତେଜନା**



## ଗୋଲାମୁଣ୍ଡା-କେଗାଁ ମୁଖ୍ୟରାସ୍ତା ଅବରୋଧ



■ **ଗୋଲାମୁଣ୍ଡା, ୮।୯ (ସମିସ):** କଳାହଣ୍ଡି ଜିଲ୍ଲାରେ ଚାଷୀଙ୍କୁ ୟୁରିଆ ସାର ମିଳୁନାହିଁ। ସାର ଅଭାବ ଯୋଗୁଁ ଚାଷୀମାନେ ସୋମବାର ସକାଳୁ ଚପ୍ରିଆ ସେବା ସମବାୟ ସମିତି ସମ୍ମୁଖ ଗୋଲାମୁଣ୍ଡା - କେଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏଥିରେ ହଜାର ହଜାର ଚାଷୀ ଯୋଗ ଦେଇଥିଲେ। ଚପ୍ରିଆ ସେବା ▶ପୃଷ୍ଠା-୭

## କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କବାଦୀ ନିହତ

କୁଲଗାମ୍, ୮।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମର ଗୁଦ୍ଦାର ଜଙ୍ଗଲରେ ସୋମବାର ସକାଳୁ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏହାକୁ ସେନା 'ଅପରେସନ ଗୁଦ୍ଦାର' ନାମ ଦେଇଛି। ଗୁଳି ବିନିମୟରେ ଲସ୍କର-ଇ-ତୋଏବାର ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଦୁଇଜଣ ଜେସିଓ ଯବାନ ମଧ୍ୟ ଆହତ ହୋଇଛନ୍ତି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇବା ପରେ ପୁଲିସ, ସେନାର ୯ଆର୍‌ଆର୍ ଓ ସିଆର୍‌ପିଏଫ୍ ମିଳିତ ଭାବେ ଏହି ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବା ପରେ ସେନା ତରଫରୁ ଜବାବ ଦିଆଯାଇଥିଲା। ନିହତ ହୋଇଥିବା ଜଣେ ଆତଙ୍କବାଦୀର ପରିଚୟ ମିଳିଛି। ସେ ସୋପିୟାନରେ ରହୁଥିବା ଅହମ୍ମଦ ଡାର ବୋଲି ପୁଲିସ କହିଛି। ସେ ଲସ୍କର-ଇ- ତୋଏବା ସହିତ ଜଡିତ ଥିଲା ଓ ୨୦୨୩ରୁ ସକ୍ରିୟ ଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସି ତରଫରୁ ଜାରି କରାଯାଇଥିବା ୧୪ ଜଣିଆ ତାଲିକାରେ ଅହମ୍ମଦ ଡାର ନାମ ଥିଲା। ଏବେ ମଧ୍ୟ ଗୁଦ୍ଦାର ଜଙ୍ଗଲରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି। ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅତିରିକ୍ତ ସୁରକ୍ଷାବଳ ସେଠାକୁ ପଠାଯାଇଛି। ସେପଟେ ଜମ୍ମୁର ଆରଏସ୍ ପୂରା ସେକ୍ଟର ନିକଟସ୍ଥ ଅନ୍ତର୍ଜାତୀୟ ସୀମାରେ ଜଣେ ପାକିସ୍ତାନ ଅନୁପ୍ରବେଶକାରୀକୁ ଗିରଫ କରାଯାଇଛି। ସେ ପଞ୍ଜାବର ସିରାଜ ଖାନ୍ ବୋଲି ଜଣାଯାଇଛି। ତାଙ୍କୁ ରବିବାର ଅଟ୍ରି ପୋଷ୍ଟ ନିକଟ୍‌ରେ ଗିରଫ କରାଯାଇଥିଲା। ତା ପାଖରୁ କିଛି ପାକିସ୍ତାନୀ ମୁଦ୍ରା ଜବତ କରାଯାଇଛି।

## ଜେରୁଜେଲମରେ ଆତଙ୍କବାଦୀ ଆକ୍ରମଣ; ୬ ମୃତ

ଜେଲ ଅଭିଭ୍, ୮।୯ (ଏଜେନ୍ସି): ଉତ୍ତର ଜେରୁଜେଲମର ଏକ ବ୍ୟସ୍ତବହୁଳ ଛକରେ ସୋମବାର ଆତଙ୍କବାଦୀ ଆକ୍ରମଣ ହୋଇଛି। କିଛି ଆତଙ୍କବାଦୀ ରାମୋଟ ଜଙ୍କସନ୍‌ରେ ଏକ ବସ୍ ଓ କାର୍ ଉପରକୁ ପ୍ରବଳ ଗୁଳି ବର୍ଷଣ କରିଥିଲେ। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ଥିତି ସଙ୍କଟାପନ୍ନ ରହିଛି। ବସ୍‌ରେ ଯିବାକୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଆତଙ୍କବାଦୀମାନେ ଗୁଳିବର୍ଷା କରିଥିଲେ ବୋଲି ପୁଲିସ କହିଛି। ଦୁଇଜଣ ଆତଙ୍କବାଦୀ ପୁଲିସ ଗୁଳିରେ ନିହତ ହୋଇଛନ୍ତି। ଶହେରୁ ଉର୍ଦ୍ଧ୍ୱ ଇସ୍ରାଏଲ ସୈନିକ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଘଟଣାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲ ଏକାଧିକ ସ୍ଥାନରେ ଓ ଭିନ୍ନ ଭିନ୍ନ ଶତ୍ରୁଙ୍କ ବିରୋଧରେ ଯୁଦ୍ଧ ଲଢୁଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।

## ଭାରତ-ବାଂଲା ସୀମାରୁ ୫ କୋଟିର ସୁନା ଜବତ

କୋଲକାତା, ୮।୯ (ଏଜେନ୍ସି): ଭାରତ-ବାଂଲାଦେଶ ସୀମାବର୍ତ୍ତୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରୁ ୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏହି ସୁନା ବିସ୍କୁଟ୍‌ଗୁଡିକ ଜବତ କରିବା ସହ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି ବୋଲି ସୋମବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ସୂଚନା ଆଧାରରେ ବିଏସ୍‌ଏଫ୍‌ର ସାଉଥ ବେଙ୍ଗଲ ଫ୍ରଣ୍ଟିୟର ଶନିବାର ସୁନ୍ଦର ବର୍ଡର ପୋଷ୍ଟ ନିକଟରେ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କଠାରୁ ୩୫ଟି ସୁନା ବିସ୍କୁଟ ଜବତ କରିଥିଲା। ଅଭିଯୁକ୍ତର ଘର ଧନତାଲା ଥାନା ଅଞ୍ଚଳର ହରିତାଲାପରା ଗାଁରେ ବୋଲି ପୁଲିସ କହିଛି। ସେ ସୀମା ଆରପଟୁ ସୁନା ଚୋରା ଚାଲାଣ କରିଥାଏ ବୋଲି ସ୍ୱୀକାର କରିଛି। ଅଧିକ ତଦନ୍ତ ହେଲେ ଆହୁରି କିଛି ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଭାରତ- ବାଂଲା ସୀମାରେ ଗତ କିଛି ଦିନ ମଧ୍ୟରେ ତୃତୀୟଥର ପାଇଁ ଏଭଳି ସୁନା ଚୋରା ଚାଲାଣକାରୀକୁ ଗିରଫ କରାଯାଇଛି।

## ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ହତ୍ୟା

ଝାନସୀ, ୮।୯ (ଏଜେନ୍ସି): ଝାନସୀରେ ଦିନ ଦ୍ୱିପହରରେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି। ସୋମବାର ଜଣେ ପତ୍ନୀଙ୍କ ସାମ୍ନାରେ ତାଙ୍କ ପତିଙ୍କୁ ଅତି ନିର୍ମମ ଭାବେ ଗୁଳିକରି ହତ୍ୟା କାରାଯାଇଛି। ସିପରୀ ବଜାର ଥାନା ଅଞ୍ଚଳର ଭୋଜଲା ଗାଁରେ ଏହି ଘଟଣା ଘଟିଛି। ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାର ଲୋକେ ଚାରୋଟି ଗୁଳିମାରି ଅରବିନ୍ଦ ଯାଦବ ନାମକ ଏହି ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅରବିନ୍ଦଙ୍କୁ ବଞ୍ଚାଇବାକୁ ଆସିବାରୁ ସେମାନେ ତାଙ୍କ ପତ୍ନୀଙ୍କୁ ଚାପୁଡା ମାରିବା ସହ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ପୂର୍ବେ ଅରବିନ୍ଦଙ୍କ ସମେତ ଅନ୍ୟ କେତେଜଣ ଲୋକ ଏହି ପୂର୍ବତନ ଗାଁ ମୁଖିଆଙ୍କ ଦାଦାଙ୍କୁ ହତ୍ୟା କରିଥିଲେ।

## ଦୁଷ୍କର୍ମୀକୁ ୨୫ ଲକ୍ଷ ଟଙ୍କା ଦେବେ ମଧ୍ୟପ୍ରଦେଶ ସରକାର

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ସୋହନ ସିଂକୁ ମଧ୍ୟପ୍ରଦେଶ ସରକାର ଏବେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବେ। ଅଭିଯୁକ୍ତଙ୍କୁ ଅଧିକ ୪ ବର୍ଷ ୭ ମାସ ଜେଲରେ ରଖିବା କାରଣରୁ କ୍ଷତିପୂରଣ ବାବଦକୁ ସୁପ୍ରିମକୋର୍ଟ ସରକାରଙ୍କୁ ଏହି ପରିମାଣର ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଗର ଜିଲ୍ଲାରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଦଣ୍ଡ ଭୋଗିସାରିବା ସତ୍ତ୍ୱେ ମଧ୍ୟ ତାକୁ ଜେଲ୍‌ରୁ ଖଲାସ କରାଯାଇ ନଥିଲା। ଜେଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେ ଭି ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା ଏକ ଗମ୍ଭୀର ତ୍ରୁଟି ତଥା ପ୍ରଶାସନିକ ବିଫଳତା। ଏହା କଦାପି ସ୍ୱୀକାର ଯୋଗ୍ୟ ନୁହଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଟ୍ରାଏଲ କୋର୍ଟ ସୋହନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏହାପରେ ହାଇକୋର୍ଟ ଏହି ଦଣ୍ଡକୁ କମ୍ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।

## ଏସି ବିସ୍ଫୋରଣ: ଶ୍ୱାସରୁଦ୍ଧ ହୋଇ ଝିଅ ସହ ଦମ୍ପତି ମୃତ



ଫରିଦାବାଦ୍, ୮।୯ (ଏଜେନ୍ସି): ହରିୟାଣା ଫରିଦାବାଦର ଗ୍ରୀନ୍‌ଫିଲ୍ଡ କଲୋନୀରେ ସୋମବାର ଭୋର ୩ଟାରେ ବଡ ଅଘଟଣ ଘଟିଛି। ଏଠାକାର ଏକ ୪ ମହଲା କୋଠାର ପ୍ରଥମ ମହଲାରେ ଏୟାର କଣ୍ଡିସନ (ଏସି)ର କମ୍ପ୍ରେସର ଫାଟି ନିଆଁ ଲାଗିଯାଇଛି। ଏହାର ଧୂଆଁ ଦ୍ୱିତୀୟ ମହଲାରେ ପଶିଥିଲା। ଫଳରେ ସେଠାରେ ରହୁଥିବା ଜଣେ ଦମ୍ପତି ଓ ତାଙ୍କ ଝିଅ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ଅନ୍ୟ ପ୍ରକୋଷ୍ଠରେ ଶୋଇଥିବା ପୁଅ ଝରକାରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ସଚିନ, ପତ୍ନୀ ରିଙ୍କୁ କପୁର ଓ ଝିଅ ସୁଜାନ ଜୀବନ ବଞ୍ଚାଇବାକୁ ଛାତ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗେଟ୍ ବନ୍ଦ ଥିବାରୁ ସେମାନେ ଛାତ ଉପରକୁ ଯାଇ ପାରିନଥିଲେ। ସଚିନ ଷ୍ଟକ୍ ଟ୍ରେଣ୍ଡିଂରେ କାମ କରୁଥିଲେ।

ନିଆଁ ଲାଗିବା ପରେ ପଡୋଶୀ ଦମକଳକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚିବା ପୂର୍ବରୁ ୩ ଜଣ ପ୍ରାଣ ହରାଇ ସାରିଥିଲେ। ହସ୍ପିଟାଲରେ ଡାକ୍ତର ଏହି ୩ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଆମେ ଉଠିପଡ଼ିଥିଲୁ ବୋଲି ପଡୋଶୀମାନେ କହିଛନ୍ତି। ଗତ ୫ ବର୍ଷ ହେବ ଏହି ପରିବାର ଉକ୍ତ କୋଠାରେ ରହୁଥିଲେ। ସଚିନ କିଛିଦିନ ତଳେ ଏସି ଠିକ୍ କରିଥିଲେ ବୋଲି ଜଣେ ପଡୋଶୀ କହିଛନ୍ତି।

## ରାଜନୈତିକ ଲଢେଇ ପାଇଁ କୋର୍ଟକୁ ବ୍ୟବହାର କରନି

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ତେଲଙ୍ଗାନା ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା ସହିତ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି। ରାଜନୈତିକ ଲଢେଇ ପାଇଁ ସୁପ୍ରିମକୋର୍ଟଙ୍କୁ ବ୍ୟବହାର ନ କରିବା ଉଚିତ ବୋଲି କହିଛନ୍ତି। ସମାଲୋଚନାକୁ ସହିବା ପାଇଁ ନେତା ମୋଟା ଚମଡାର ହେବା ଉଚିତ। ନେତାଙ୍କ ପାଖରେ ସମାଲୋଚନା ସହିବାର ଦକ୍ଷତା ରହିବା ଜରୁରୀ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ବିନୋଦ ଚନ୍ଦ୍ରନ, ଅଥୁଲ ଏସ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ ଦାଏର ବିଜେପି ନେତାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ରେଭନ୍ତ କହିଥିଲେ ଯେ ଯଦି ବିଜେପି ୪୦୦ ଆସନ ଜିତେ ତେବେ ସଂରକ୍ଷଣ ସମାପ୍ତ କରିଦେବ। ଏହାକୁ ନେଇ ତେଲଙ୍ଗାନା ବିଜେପି ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱରଲୁ ଦାବି କରିଥିଲେ ଯେ ଏହା ଦ୍ୱାରା ଦଳର ଛବି ଖରାପ ହୋଇଛି। ତେଣୁ ସେ ରେଡ୍ଡୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ। ତେବେ ପୂର୍ବରୁ ତେଲଙ୍ଗାନା ହାଇକୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ସୁପ୍ରିମକୋର୍ଟ ମଧ୍ୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

### ବିହାର ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଭୋଟର ତାଲିକା ପାଇଁ ଆଧାର ବୈଧ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆଧାର କାର୍ଡକୁ କାହିଁକି ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରୁନାହଁ ବୋଲି ଇସିଙ୍କୁ ପଚାରିଛନ୍ତି। ଏହାକୁ ତତ୍କାଳ ଜରୁରୀ ପ୍ରମାଣପତ୍ର ଭାବେ ସ୍ୱୀକାର କର ବୋଲି କହିଛନ୍ତି। ଭୋଟର ଯାଞ୍ଚ ପ୍ରକ୍ରିୟାରେ ନୂଆ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଅନ୍ୟ ୧୧ ପ୍ରମାଣପତ୍ର ଭଳି ଆଧାରକୁ ବୈଧ ତାଲିକାରେ ସାମିଲ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଧାର ପରିଚୟର ପ୍ରମାଣପତ୍ର, କିନ୍ତୁ ନାଗରିକତାର ନୁହେଁ। ଆଧାର କାର୍ଡକୁ ନେଇ ଯଦି ଇସିଙ୍କ କିଛି ଆଶଙ୍କା ରହିଛି ତେବେ ତାହାର ଯାଞ୍ଚ କରାନ୍ତୁ। ଭୋଟର ତାଲିକାରେ ବେଆଇନ ପ୍ରବାସୀ ସାମିଲ ହୁଅନ୍ତୁ ବୋଲି କେହି ଚାହୁଁ ନାହାନ୍ତି। କେବଳ ପ୍ରକୃତ ନାଗରିକଙ୍କୁ ହିଁ ଭୋଟ ଦେବାର ଅଧିକାର ମିଳିବ। ଯେଉଁ ଲୋକ ଜାଲ୍ ପ୍ରମାଣପତ୍ର ଆଧାରରେ ଭୋଟର ଥିବା ଦାବି କରୁଛନ୍ତି, ତାଙ୍କୁ ତାଲିକାରୁ ବାଦ୍ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

**ଆଧାର ପରିଚୟର ପ୍ରମାଣପତ୍ର; ନାଗରିକତାର ନୁହେଁ**

**ଆଧାରର ସଠିକତା ଯାଞ୍ଚ କରିପାରିବେ କମିସନ୍**

ଶୁଣାଣି ସମୟରେ ଇସିଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ କରିଥିବା ଦାବିକୁ ଏଡାଇ ଦେଇଥିଲେ। ସେ କହିଥିଲେ ଯେ ଏବେ ସୁଦ୍ଧା ୯୯.୬ ପ୍ରତିଶତ ଭୋଟର ନିଜର ପ୍ରମାଣପତ୍ର ଦାଖଲ କରିସାରିଛନ୍ତି। ଏଭଳି ସ୍ଥିତିରେ ଆଧାରକୁ ବୈଧ ପ୍ରମାଣ ଭାବେ ସାମିଲ କରିବାର କୌଣସି କାରଣ ନାହିଁ ବୋଲି କହିଥିଲେ। ସେହିପରି ଜାଲ୍ ଆଧାର ପ୍ରସଙ୍ଗ ଉଲ୍ଲେଖ କରିବାରୁ ଏହାର ଯାଞ୍ଚ କରି ପ୍ରକୃତ ନାଗରିକଙ୍କୁ ତାଲିକାର ସାମିଲ କରାଯାଉ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସହିତ ଆଧାର କାର୍ଡକୁ ନିର୍ବାଚନ ଅଧିକାରୀ ଗ୍ରହଣ କରୁ ନ ଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଜବାବ ମାଗିଛନ୍ତି। ବିହାର ନିର୍ବାଚନର କିଛି ମାସ ପୂର୍ବରୁ ଚାଲିଥିବା ଏହି ଏସଆଇଆର ପ୍ରକ୍ରିୟାକୁ ବିରୋଧୀ ଦଳଗୁଡିକ ବିରୋଧ କରୁଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସି ଆଧାରକୁ ସ୍ୱୀକାର କରୁନାହାନ୍ତି। ଏବେ ବି ୬୫ ଲକ୍ଷ ଲୋକଙ୍କ ଆଧାରକୁ ସ୍ୱୀକାର କରାଯାଉନି। ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବା ପାଇଁ ବିଏଲଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଧାର ସ୍ୱୀକାର କରୁଥିବା ଅଧିକାରୀଙ୍କୁ ଦଣ୍ଡ ଦିଆଯାଉଛି। କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଉଛି। ଏହା ଉପରେ କୋର୍ଟ ନୋଟିସ ଉପସ୍ଥାପନ କରିବାକୁ କହିଥିଲେ। ତେବେ ଏଭଳି ରିପୋର୍ଟ ଆମ ପାଖରେ ନାହିଁ ବୋଲି ଇସିଙ୍କ ଓକିଲ ଦର୍ଶାଇ ଥିଲେ। ଆସନ୍ତା ୧୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଉତ୍ତରାଖଣ୍ଡରେ ପୁଣି ଭୂସ୍ଖଳନ

## ହରିଦ୍ୱାର- ଋଷିକେଶ ରେଳପଥ କ୍ଷତିଗ୍ରସ୍ତ



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷାର ପ୍ରଭାବ କମିନାହିଁ। ହରିଦ୍ୱାର-ଋଷିକେଶ ରେଳ ରୁଟ୍ ଉପରେ ସୋମବାର ସକାଳେ ଭୂସ୍ଖଳନ ହୋଇଛି। ପାହାଡ଼ ଉପରୁ ବଡ଼ବଡ଼ ପଥର ଖଣ୍ଡ ଖସି ଆସି ରେଳପଥରେ ଥିବା ଲୁହାର ଢ଼ାଞ୍ଚା ଉପରେ ପଡ଼ିଥିଲା। ଫଳରେ ଏହି ରୁଟ୍‌ରେ ରେଳ ଯାତାୟତ ବାଧାପ୍ରାପ୍ତ ହୋଇଛି। କେତୋଟି ଟ୍ରେନ୍ ଟ୍ରାକ୍‌ରେ ଅଟକି ରହିଛି। ରୁଟ୍ ଉପରେ ପଡ଼ିଥିବା ଆବର୍ଜନାକୁ ଟ୍ରକ୍ ମାଧ୍ୟମରେ ଉଠାଯାଉଛି।

ସେପଟେ ରାଜସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫଳରେ କେତେକ ଅଞ୍ଚଳରେ ବନ୍ୟା ଆସିଛି। ନଦୀ ଓ ନାଳଗୁଡିକରେ ପାଣି ଉଛୁଳୁଛି। ଫଳରେ ରାଜସ୍ଥାନର ୮ ଟି ଜିଲ୍ଲା ଯଥା ଉଦୟପୁର, ସଲୁମ୍ବର, ଜାଲୋର, ଡୁଙ୍ଗରପୁର, ସିରୋହି, ବାରମେର, ଜୟସାଲମେର ଓ ବାଲୋତ୍ରାରେ ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି। ଉଦୟପୁରରେ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ସେହିପରି ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଥିବା ପଞ୍ଜାବର ୨୩ଟି ଜିଲ୍ଲାରେ ୨ ହଜାର ଗାଁ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି। ଏହି ରାଜ୍ୟର ୩ ଲକ୍ଷ ୮୪ ହଜାର ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ୧୨ଟି ଜଲ୍ଲାରେ ଏପର୍ଯ୍ୟନ୍ତ ୪୬ ଲୋକ ବର୍ଷା ଓ ବନ୍ୟା କାରଣରୁ ମୃତ୍ୟୁବରଣ କରିଛନ୍ତି। ପଞ୍ଜାବରେ ୨୯୬.୪ ମିମି ବର୍ଷା ହୋଇଛି। ଦୀର୍ଘ ୧୨ ଦିନ ପରେ ସୋମବାର ଏହି ରାଜ୍ୟରେ ସ୍କୁଲ କଲେଜ ଖୋଲିଛି।

**ପଞ୍ଜାବରେ ୧୨ ଦିନ ପରେ ଖୋଲିଲା ସ୍କୁଲ, କଲେଜ**

**ହିମାଚଳରେ ୮୨୪ ସଡ଼କ ବନ୍ଦ**

**ତାଜମହଲ ପର୍ଯ୍ୟନ୍ତ ମାଡ଼ିଆସିଲା ଯମୁନା ପାଣି**

ସେହିପରି ଉତ୍ତର ପ୍ରଦେଶରେ ହାଥିନୀ କୁଣ୍ଡ ବ୍ୟାରେଜ୍‌ରେ ପାଣି ଛଡ଼ା ଯିବା ଫଳରେ ମଥୁରା ବୃନ୍ଦାବନରେ ସ୍ଥିତି ବିଗିଡିଯାଇଛି। ରାଧାବଲ୍ଲଭ ମନ୍ଦିରରେ ପାଣି ପଶିଛି। ବାଙ୍କେ ବିହାରୀ ମନ୍ଦିରର ୧୦୦ମି ଦୂରରେ ବନ୍ୟା ଜଳ ପ୍ରବାହିତ ହେଉଛି। ତାଜମହଲ ପର୍ଯ୍ୟନ୍ତ ଯମୁନା ପାଣି ମାଡ଼ି ଆସିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୬୪୪.୯ ମିମି ବର୍ଷା ହୋଇଛି। ତେବେ ଏଠାରେ ହାରାହାରି ବର୍ଷା ୬୪୧. ୪ ମିମି ହୋଇଥାଏ। ଅନ୍ୟପଟେ ବର୍ଷା ଓ ଭୂସ୍ଖଳନ କାରଣରୁ ହିମାଚଳ ପ୍ରଦେଶରେ ୨ଟି ଜାତୀୟ ରାଜପଥ ସମେତ ୮୨୪ ସଡ଼କ ବନ୍ଦ ରଖାଯାଇଛି। ଏଥିରୁ ଅଧିକାଂଶ ସଡ଼କ ଗତ ୧୦ ଦିନ ହେବ ବନ୍ଦ ରହିଛି। ରାଜ୍ୟରେ ଏଥର ମୌସୁମୀରେ ସାମାନ୍ୟଠାରୁ ୪୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗୁଜରାଟର ସାବରମତୀ ନଦୀରେ ବନ୍ୟା ଆସିବା କାରଣରୁ ଖେଡା- ଧୋଲକା ରାଜପଥ ବୁଡିଯାଇଛି। ଉତ୍ତରପ୍ରଦେଶର କାନପୁରରେ ପ୍ରବଳ ବର୍ଷା ହେବା କାରଣରୁ ସଡ଼କ ଉପରେ ପାଣି ବହୁଛି। ଜମ୍ମୁ-କଶ୍ମୀର ଅନନ୍ତନାଗରେ କେନ୍ଦ୍ରୀୟ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ପଞ୍ଜାବର ଫାଜିଲକାରୁ ଏନ୍‌ଡିଆରଏଫ୍‌ର ଉଦ୍ଧାରକାରୀ ଦଳ ୨୦୦୦ ଲୋକଙ୍କୁ ଉଦ୍ଧାର କରିଛି। ବିହାରରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଦିଲ୍ଲୀରେ ଯମୁନାର ଜଳସ୍ତର ଖସିଛି। ଛତିଶଗଡ଼ର ୧୭ରେ ଜିଲ୍ଲରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟାରେ ୭୩ ପ୍ରତିଶତ ବର୍ଷା କମ୍ ହୋଇଛି।

## ୧୯୬୫ ଯୁଦ୍ଧରେ ପାକିସ୍ତାନର ରଣନୈତିକ ପରାଜୟ ହୋଇଥିଲା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ୧୯୬୫ ଯୁଦ୍ଧରେ ଭାରତକୁ ପାକିସ୍ତାନ କଡ଼ା ଜବାବ ଦେଇଥିଲା ବୋଲି ମନ୍ତବ୍ୟ ଦେବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ତଥା ଟୁଇଟର ଏହାକୁ ଖଣ୍ଡନ କରିଛି। ଶାହାବାଜଙ୍କୁ ଜବାବ ଦେଇ ଏକ୍ସ ତା'ର କମ୍ୟୁନିଟି ପୋଷ୍ଟରେ ଉଲ୍ଲେଖ କରିଛି ଯେ, ୧୯୬୫ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତଠାରୁ ରଣନୈତିକ ଓ ରାଜନୈତିକ ଭାବେ ପରାସ୍ତ ହୋଇଥିଲା। କଶ୍ମୀରରେ ବିଦ୍ରୋହକୁ ଉସକାଇବାକୁ ପାକିସ୍ତାନ ରଣନୈତିକ ପ୍ରୟାସ କରିଥିଲା। କିନ୍ତୁ ଭାରତ ଏହାର କଡ଼ା ଜବାବ ଦେଇଥିଲା ଓ ଶେଷରେ ପାକସ୍ତାନକୁ ତା'ର ରଣନୀତି ବଦଳାଇବାକୁ ପଡ଼ିଥିଲା। ପାକିସ୍ତାନ ଶାନ୍ତି ଚାହୁଁଥିବା ବେଳେ ଭାରତ ଆମକୁ ଉସୁକାଉଛି ବୋଲି ଶାହାବାଜ କହିଥିଲେ। ୧୯୬୫ ଯୁଦ୍ଧକୁ ଦ୍ୱିତୀୟ କଶ୍ମୀର ଯୁଦ୍ଧ ବୋଲି କୁହାଯାଇଥାଏ। ଏହା କଶ୍ମୀରର ବିବାଦୀୟ ଅଞ୍ଚଳକୁ ନେଇ ସଞ୍ଚାଳନ ହୋଇଥିଲା। ଏହି ଯୁଦ୍ଧ ଅଗଷ୍ଟ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ଚାଲିଥିଲା।

### ଗୃହପାଳିତ ପଶୁଙ୍କ ଚୋରାଚାଲାଣ ବଢୁଛି

## ମୁମ୍ବାଇ ବିମାନବନ୍ଦର ଦେଇ ସର୍ବାଧିକ ଚାଲାଣ

ମୁମ୍ବାଇ, ୮।୯ (ଏଜେନ୍ସି): ଭାରତରେ ବିଦେଶୀ ଗୃହପାଳିତ ପଶୁଙ୍କ ଚାହିଦା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଗୁଡିକ ମଧ୍ୟରେ ବିଦେଶୀ ପ୍ରଜାତିର କୁକୁର ଏବଂ ଅନ୍ୟ ପଶୁ ସାମିଲ ଅଛନ୍ତି। ଏହି ଚାହିଦା ଯୋଗୁଁ ଚୋରା ଚାଲାଣ ହୁ ହୁ ହୋଇ ବଢ଼ି ଚାଲିଛି। ଏହା ସହିତ ସଂକ୍ରମଣ ବିପଦ ମଧ୍ୟ ବୃଦ୍ଧି ପାଉଛି। ଗତ ୫ ବର୍ଷରେ ଜୀବିତ ପଶୁପକ୍ଷୀଙ୍କ ଆମଦାନୀ ଚାରି ଗୁଣ ବୃଦ୍ଧି ପାଇ ୪୫ ହଜାରରୁ ଅଧିକ ହୋଇଛି। ଏହା ସତ୍ତ୍ୱେ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ହେଉନି ଏବଂ ଯାଞ୍ଚ କରାଯାଉ ନାହିଁ। ସରକାର ମଧ୍ୟ ଏଥିପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରୁନାହାନ୍ତି। ଗତ ଜୁଲାଇରେ ଜଣେ ପଶୁ ଅଧିକାର କର୍ମୀ ମୁମ୍ବାଇ ବିମାନବନ୍ଦରକୁ ଏହି ଚୋଚାଚାଲାଣର କେନ୍ଦ୍ର ଭାବେ ଅଭିହତ କରିଥିଲେ। ଏ ନେଇ ମହାରାଷ୍ଟ୍ର ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଏହା ପରେ ଅଗଷ୍ଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା। ଏବେ ବିମାନରେ କୌଣସି ଅଘୋଷିତ ଜୀବିତ ପଶୁ ମିଳିଲେ ତାହାକୁ ତୁରନ୍ତ ଆସିଥିବା ଦେଶକୁ ପଠାଇ ଦିଆଯିବ। ଏୟାରଲାଇନ ହିଁ ଏହାର ଦାୟିତ୍ୱ ନେବ। ଏହା ସହିତ କର୍ମଚାରୀଙ୍କୁ ଚିହ୍ନଟ ଏବଂ କାଗଜପତ୍ର ଯାଞ୍ଚର ପ୍ରଶିକ୍ଷଣ ଦେବା ମଧ୍ୟ ବାଧ୍ୟତାମୂଳକ କରିଦିଆଯାଇଛି। ସୂଚନା ଅନୁଯାୟୀ ୨୦୨୦-୨୧ରେ ୩,୧୯୮, ୨୦୨୧-୨୨ରେ ୪, ୩୩୬, ୨୦୨୨-୨୩ରେ ୪, ୭୨୫, ୨୦୨୩-୨୪ରେ ୭, ୭୩୩, ୨୦୨୪-୨୫ରେ ୧୫, ୭୯୪ ଏବଂ ୨୦୨୫ରେ ୯, ୩୧୦ ପଶୁପକ୍ଷୀ ଆମଦାନୀ ହୋଇଛି। ବିଦେଶୀରୁ ଆସୁଥିବା ପଶୁଙ୍କ ମଧ୍ୟରେ କୁକୁର, ବିଲେଇ, ମକାଓ ଏବଂ ଆଫ୍ରିକା ଶୁଆ, ବିରଳ ପ୍ରଜାତିର ପକ୍ଷୀ, ଏଣ୍ଡୁଅ, ସାପ ଏବଂ ରଙ୍ଗବେରଙ୍ଗର ମାଛ ଭାରତ ଅଣାଯାଉଛି।

## ଜମ୍ମୁ-କଶ୍ମୀର ଆପ୍ ବିଧାୟକ ଗିରଫ

ଜମ୍ମୁ, ୮।୯ (ଏଜେନ୍ସି):ଜମ୍ମୁ-କଶ୍ମୀରରେ ଆମ ଆଦମୀ ପାର୍ଟି (ଆପ୍)ର ଏକମାତ୍ର ବିଧାୟକ ମେହରାଜ ମଲିକ (୩୭)ଙ୍କୁ ସୋମବାର ଗିରଫ କରାଯାଇଛି। ଡୋଡା ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ଅଭିଯୋଗରେ ଜନ ସୁରକ୍ଷା ଆଇନ (ପିଏସଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଥମ ଥର ପାଇଁ ଜଣେ କାର୍ଯ୍ୟରତ ବିଧାୟକଙ୍କୁ ପିଏସଏ ଅଧିନରେ ଗିରଫ କରାଯାଇଛି। ବିନା ଦଫା କିମ୍ବା ଟ୍ରାଏଲ ଜଣେ ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ଏହି ଆଇନ ଅନୁମତି ଦେଉଛି। ସୂଚନା ଅନୁଯାୟୀ ଦିନକ ତଳେ ଡୋଡା ଡିସିଙ୍କ ବିରୋଧରେ ମଲିକ ଆପତ୍ତିଜନକ ଟିପ୍ପଣୀ ଦେଇ ଅଭଦ୍ର ଭାଷାରେ ଗାଳି କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଜଣେ ବ୍ୟକ୍ତି ଭଡ଼ା ବାବଦ ଅର୍ଥ ଦେଇ ନ ଥିବା ଅଭିଯୋଗ କରି ସେ ଏପରି କରିଥିଲେ। ମାତ୍ର ଏହାକୁ ବିରୋଧ କରି ସରକାରୀ କର୍ମଚାରୀମାନେ ବିକ୍ଷୋଭ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ମାନହାନୀ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଓକିଲ ଥିବା ଫିରୋଜ ପଠାନ ଆତ୍ମହତ୍ୟା କରିଛନ୍ତି। ସେ କିଛି ଦିନ ହେଲା ଅବସାଦଗ୍ରସ୍ତ ଥିଲେ। ସେ ଗତ ଚାରି ତାରିଖରେ ପ୍ରଥମେ ନିଜ ଜୁନିଅରଙ୍କୁ ଫୋନ୍ କରିଥିଲେ ଏବଂ ପରେ ତାପି ନଦୀକୁ ଡେଇଁ ଜୀବନ ହରାଇ ଥିଲେ। ମାରୋଲି ଥାନା ଇନ୍ସପେକ୍ଟର ଧର୍ମେଶ ପଟେଲ ଏହି ସୂଚନା ଦେଇଛନ୍ତି। ସେ ଗୁଜୁରାଟ ନବସାରି ଜିଲ୍ଲାର ମାରୋଲି ଥାନା ଅଞ୍ଚଳରେ ରହୁଥିଲେ। ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀଙ୍କ ଅଭିଯୋଗ ପରେ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଆଇନଗତ ଦଳର ସେ ସଦସ୍ୟ ଥିଲେ। ସୂତ୍ର ଅନୁଯାୟୀ ଘଟଣାସ୍ଥଳରୁ ପଠାନଙ୍କ କୌଣସି ସୁଇସାଇଡ ନୋଟ ମିଳିନାହିଁ।

## ଭାରତ ଗଠନ କରିବ 'ସ୍ପେସିଆଲ ଫୋର୍ସ'

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଆମେରିକା, ରୁଷ୍ ଏବଂ ଇସ୍ରାଏଲ ଭଳି ଭାରତୀୟ ସେନା 'ସ୍ପେସିଆଲ ଫୋର୍ସ' ଗଠନ କରିବାକୁ ଯାଉଛି। ଏଥିପାଇଁ ଏଲିଟ କମାଣ୍ଡୋ ଫୋର୍ସର ଯୁଗ୍ମ ଯୁଦ୍ଧ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଏହା ସେନାର ସ୍ପେସିଆଲ ଫୋର୍ସ, ବାୟୁସେନାର ଗରୁଡ କମାଣ୍ଡୋ ଫୋର୍ସ ଏବଂ ନୌସେନାର ମାର୍କୋସ କମାଣ୍ଡୋଙ୍କ ପାଇଁ ପ୍ରସ୍ତୁତ ହୋଇଛି। 'ଅପରେସନ ସିନ୍ଦୂର' ପରେ ତିନି ସେନାର ଏଲିଟ ଫୋର୍ସ ଗଠନ ନେଇ ଆଭିମୁଖ୍ୟ ସ୍ପଷ୍ଟ କରାଯାଇଥିଲା। ଏହି ଯୁଦ୍ଧ ସିଦ୍ଧାନ୍ତରେ ଶତ୍ରୁ ଦେଶ ପଠାଇଥିବା ଆତଙ୍କବାଦୀ, ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନର ମୁକାବିଲା, ଯୁଦ୍ଧ ସ୍ଥିତିରେ କମାଣ୍ଡୋ କି ପଦକ୍ଷେପ ନେବ, ଏହାର ଭୂମିକା କ'ଣ ରହିବ ତାହା ସ୍ପଷ୍ଟ କରାଯାଇଛି। ଶତ୍ରୁ ଦେଶରେ ପଶି ଲକ୍ଷ୍ୟ ହାସଲ କ୍ଷମତା ବିକଶିତ କରିବା ଏହି ସ୍ପେସିଆଲ କମାଣ୍ଡୋର ଉଦ୍ଦେଶ୍ୟ। ଏହା ସହିତ ଶତ୍ରୁର ଗୁରୁତ୍ୱପୂର୍ଣ୍ଣ ଠିକଣାରେ ଆକ୍ରମଣ କରି ଅର୍ଥବ୍ୟବସ୍ଥାକୁ ଧ୍ୱସ୍ତ ଏବଂ ଯୁଦ୍ଧ କ୍ଷମତାକୁ ହ୍ରାସ କରିବ।

# ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ



କେନ୍ଦୁଝର/ଘଟଗାଁ, ୮।୯(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧୀନ ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ବର୍ଦ୍ଧନା ଗ୍ରାମର ଦେବେଶ ବେହେରା। ଦେବେଶ ଆଜି ସପରିବାର ଘଟଗାଁ ମା' ତାରିଣୀଙ୍କ ପୀଠକୁ ଆସିଥିଲେ। ସେଠାରେ ମା'ଙ୍କୁ ଦର୍ଶନ କରିବା ପରେ ଘଟଗାଁ ନିକଟସ୍ଥ ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ସେ ଗାଧୋଇବା ପାଇଁ ଜଳପ୍ରପାତ ଭିତରେ ପଶିଥିବା ବେଳେ ପାଣି ସୁଅରେ ଭାସି ଯାଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସଂଧ୍ୟା ସୁଦ୍ଧା ତାଙ୍କ ପତ୍ତା ନ ମିଳିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି।

କେନ୍ଦୁଝର ଜିଲ୍ଲାରେ ଅନେକଗୁଡ଼ିଏ ମନୋରମ ଜଳପ୍ରପାତ ରହିଛି। ବିଭିନ୍ନ ସମୟରେ ଏଗୁଡ଼ିକରେ ଜଳବୁଡ଼ି ଭଳି ଦୁଃଖଦ ଘଟଣା ଘଟୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପ୍ରପାତ ନିକଟରେ ସୂଚନା ଫଳକ ଲଗାଯାଇଥିଲେ ହେଁ ଲୋକେ ତାହାକୁ ଅଣଦେଖା କରୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ଆଗାମୀ ଦିନରେ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ପକ୍ଷରୁ ଏହି ଜଳପ୍ରପାତଗୁଡ଼ିକରେ ସୁରକ୍ଷାକର୍ମୀ ନିଯୁକ୍ତି କରିବାକୁ ଦାବି ହେଉଛି।

# ଆରମ୍ଭ ହେଲା ପିତୃପକ୍ଷ



ପୁରୀ,୮।୯(ସମିସ): ସୋମବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।

ଭାଦ୍ରବ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ। ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ। ବିଶ୍ୱାସ ରହିଛି, ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି। ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ ଶ୍ରାଦ୍ଧ କରାଯାଇଥାଏ। ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି। ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି। ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବା ବେଳେ ଏହି ସମୟରେ ନଖ ମଧ କଟାଯିବା ବାରଣ ରହିଛି। ଏପରିକି, ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ। ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ରହିବାର ବିଧି ମଧ ରହିଛି।

**ନାବାଳକଙ୍କୁ ଆକ୍ରମଣ**

# ୨ ଭାଇ ସମେତ ୩ ଗିରଫ

ବ୍ରହ୍ମପୁର,୮।୯(ସମିସ): ଜଣେ ନାବାଳକଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ,



ଖାଜା ସାହିର ଏସଏମ ସାହିଦ ଅଲ୍ଲୀ(୨୫), ଏସଏମ ଶାବାଜ୍ ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜିବ୍ରାହିମ୍(୧୯)। ଅଭିଯୁକ୍ତଙ୍କଠାରୁ ପୁଲିସ ୪ଟି ଖଣ୍ଡା ଓ ଗୋଟିଏ କ୍ରିକେଟ୍ ୱିକେଟ୍ ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମନାଥନଗର ଅଞ୍ଚଳର ୧୭ ବର୍ଷୀୟ ନାବାଳକ ରବିବାର ଅପରାହ୍ଣରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ। ସେଠାରେ ଶାହବାଜ୍ ସମ୍ପୃକ୍ତ ନାବାଳକଙ୍କୁ ଧକ୍କା ମାରିଥିଲା। ନାବାଳକଜଣକ ସେଠାରୁ ଘରକୁ ଫେରିବା ସମୟରେ ସୋମନାଥନଗର ଛକଠାରେ ସାହିଦ ଓ ତା'ର ଭାଇ ଗୋଲୁ, ଜିବ୍ରାହିମ୍ ସମ୍ପୃକ୍ତ ନାବାଳକଙ୍କୁ ମାରପିଟ କରିବା ସହ ଖଣ୍ଡାରେ ଆକ୍ରମଣ

**ଆକ୍ରମଣରେ ବ୍ୟବହୃତ ୪ଟି ଖଣ୍ଡା ଓ ଗୋଟିଏ ୱିକେଟ୍ ଜବତ**

କରିଥିଲେ। ଆକ୍ରମଣରେ ନାବାଳକଜଣକ ଆହତ ହୋଇ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍ଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନେ ଲୁଚାଇ ରଖିଥିବା ୪ଟି ଖଣ୍ଡାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୫ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

**ବିଜେଡିର ନବନିଯୁକ୍ତ ଯୁବ, ଛାତ୍ର ସଭାପତିଙ୍କ ଦାୟିତ୍ୱ ଗ୍ରହଣ**

# ନବୀନଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ






ଭୁବନେଶ୍ୱର, ୮।୯ (ସମିସ): ନବନିଯୁକ୍ତ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ବିମାନବନ୍ଦର ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ ଯୁବ ଛାତ୍ର କର୍ମୀଙ୍କ ସହ ଏକ ପଟୁଆରରେ ଉଭୟ ଶଙ୍ଖଭବନରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଯୁବ ଓ ଛାତ୍ର ବିଜେଡି ସଭାପତି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ନାରୀ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଉଭୟ ଯୁବ ଓ ଛାତ୍ର ସଂଗଠନ ନିଜର ସ୍ୱର ଶାଣିତ କରିବ। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ଉଭୟ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ଯୁବ ବିଜେଡି ସଭାପତି ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶାସନ ବ୍ୟବସ୍ଥା ଭୁଶୁଡ଼ି

- ରାଜ୍ୟ ସରକାରଙ୍କ ବିରୋଧରେ ଦେଲେ ରଣହୁଙ୍କାର
- ସରକାରଙ୍କ ବିଫଳତାକୁ ନେଇ ଶାଣିତ ହେବ ସ୍ୱର
- ରାଜ୍ୟରେ ମୋହନ ସରକାର ନୁହେଁ; ଦହନ ସରକାର

ପଡ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପରିବର୍ତ୍ତେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ଏହା ଏକ ଅଭିଶାପ ପାଲଟିଛି। ରାଜ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉଠାଇବ। ନବୀନ ବାବୁଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ।

ସେହିପରି ଇପ୍ସିତା ସାହୁ କହିଥିଲେ, ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ଛାତ୍ରୀମାନେ ଆଜି ରାଜ୍ୟରେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ମୋହନ ସରକାର ନୁହେଁ, ଦହନ ସରକାର ଚାଲିଛି ବୋଲି ସେ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଛାତ୍ରୀ ଦହନର ଶିକାର ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଜୋରଦାର୍ ଲଢ଼େଇ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ. ଅମର ପଟ୍ଟନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତିରଞ୍ଜନ ଘଡ଼େଇ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ବିଜୟ ନାୟକ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

# ପରିବାର ପେନ୍‌ସନ୍ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନକୁ ଖାରଜ କରାଯିବା ବେଆଇନ: ହାଇକୋର୍ଟ

କଟକ, ୮।୯(ସମିସ): ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବହିରେ ସଂଶୋଧନ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନ ଆବେଦନକୁ ଖାରଜ କରାଯିବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଜଣେ ପେନସନ୍‌ଭୋଗୀ ତାଙ୍କର ପେନସନ୍ ବହିରେ ପ୍ରତିନିଧି (ନୋମିନି)ଙ୍କ ନାମ ସଂଶୋଧନ ପାଇଁ ଆବେଦନ କରନ୍ତି, ତେବେ ଏଭଳି ସଂଶୋଧନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ନାହିଁ। ଓସିଏସ ପେନସନ ନିୟମ, ୧୯୯୨ର ନିୟମ ୫୬(୧୭) (ବି)(ଆଇ) ଅନୁଯାୟୀ ଅବସର ପରବର୍ତ୍ତୀ ପରିବାର ପେନସନ ପାଇବାକୁ ସ୍ୱାମୀ କିମ୍ବା ପତ୍ନୀଙ୍କୁ ଅନୁମତି ଦିଆଯାଇଛି। ଏଭଳି କ୍ଷେତ୍ରରେ ଯଦି ପେନସନ ନିୟମ, ୧୯୯୨ ଅନୁଯାୟୀ ସଂଶୋଧିତ ନାମ ମାନଦଣ୍ଡ ପୂରଣ କରୁଥାଏ, ତାହେଲେ ନିଯୁକ୍ତିଦାତାଙ୍କ ଦ୍ୱାରା ନାମ ସଂଶୋଧନକୁ ତୁରନ୍ତ ଅନୁମତି ଦିଆଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବି.ପାପାରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି।

ଆବେଦନକାରୀ, ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ)ରୁ ସହକାରୀ ଯନ୍ତ୍ରୀ ଭାବେ ୨୦୦୫ ମସିହାରେ ଅବସର ନେଇଥିଲେ। ଗତ ୨୦୦୯ ମେ' ୨୬ ତାରିଖରେ ତାଙ୍କର ପ୍ରଥମ ପତ୍ନୀ ମୃତ୍ୟୁବରଣ କରିଥିଲେ। ଆବେଦନକାରୀ ୨୦୧୨ ଅଗଷ୍ଟ ୨୨ରେ ରାୟଗଡ଼ାର ବିବାହ ଅଧିକାରୀଙ୍କ ନିକଟରେ କିଲମ ରତ୍ନମାଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ନାମ ତାଙ୍କ ପେନସନ୍ ବହିରେ ପୂର୍ବରୁ ଲେଖାଯାଇଥିଲା ବେଳେ ଏହାକୁ ସଂଶୋଧନ କରି ଦ୍ୱିତୀୟ ପତ୍ନୀଙ୍କୁ ପ୍ରତିନିଧି ଭାବେ ନାମାଙ୍କନ ପାଇଁ ଆବେଦନ କରିଥିଲେ। ଭବିଷ୍ୟତରେ ପରିବାର ପେନସନ୍ ପାଇବା ପାଇଁ ଏଭଳି ଆବେଦନ କରାଯାଇଥିଲେ ସୁଦ୍ଧା ଏହାକୁ ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ) ମହାପ୍ରବନ୍ଧକଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ପେନସନ କାଗଜପତ୍ରରେ ଆସନ୍ତା ୪ ସପ୍ତାହ ଭିତରେ ଆବଶ୍ୟକ ପରିବର୍ତ୍ତନ ଅବା ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଇଣ୍ଡିଆ ହାବିଟାଟ୍ ସେଣ୍ଟର ପ୍ରଦର୍ଶନୀ ବୁଲିଲେ ନବୀନ



ଭୁବନେଶ୍ୱର, ୮।୯(ସମିସ): ଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୋୟଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତରେ ଥିବା ନବୀନ ଏଠାରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ କଳାକୃତି ଦେଖିବା ସହ ପ୍ରଦର୍ଶନକାରୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ନବୀନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ପ୍ରସିଦ୍ଧ କଳା ସଂରକ୍ଷକ ଜୟା ମଣିଙ୍କ ଦ୍ୱାରା ସଂଗୃହୀତ ଏହି ପ୍ରଦର୍ଶନୀ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ଅଞ୍ଚଳ, ଓଡ଼ିଶା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ମଧ୍ୟରେ କଳା ଏବଂ ସଂସ୍କୃତିର ସଂଯୋଗକୁ ଏକ ସୂତ୍ରରେ ଯୋଡ଼ିବା ପାଇଁ ପ୍ରେରଣା ଦେବ। ପ୍ରସିଦ୍ଧ ଶିଳ୍ପୀ ସୁରେଶ ମୁଥୁକୁଲମ୍ ଏବଂ ବୟନଶିଳ୍ପୀ ଗୁଞ୍ଜନ ଜୈନଙ୍କୁ ଏହି ପ୍ରଦର୍ଶନୀ ପାଇଁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହା ଶତାବ୍ଦୀର କଳା, ସଂସ୍କୃତି ଏବଂ ସମୃଦ୍ଧ ହସ୍ତତନ୍ତ ପରମ୍ପରା ମାଧ୍ୟମରେ ଆମ ଇତିହାସକୁ ବିସ୍ତାର କରିବା ଏବଂ ଆମର ଗୌରବମୟ ସାମୁଦ୍ରିକ ଐତିହ୍ୟକୁ ପୁନର୍ଜୀବିତ କରିବା ପାଇଁ ପ୍ରେରଣା ଦେବ ବୋଲି ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି।

**ଭଦ୍ରକ ଆରଏମଏସକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ମାମଲା**

# କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୮।୯(ସମିସ): ଭଦ୍ରକ ରେଲଷ୍ଟେସନ୍‌ସ୍ଥିତ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆରଏମଏସ ସହ ମିଶ୍ରଣ ପ୍ରସ୍ତାବକୁ ବେଆଇନ ତଥା ସମ୍ବିଧାନର ଧାରା ୧୪ ଏବଂ ୧୯ର ଉଲ୍ଲଙ୍ଘନ ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାଧବାନନ୍ଦ ଓଝାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଶୁଣାଣି ବେଳେ ଡିଏସ୍‌ଜିଆଇ ଉପସ୍ଥିତ ରହି ଜବାବ ଦାଖଲ ପାଇଁ ସମୟ ଲୋଡ଼ିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଦୀର୍ଘ ୧୯୭୨-୭୩ ମସିହାରୁ ଭଦ୍ରକ ଆରଏମଏସ୍ କାର୍ଯ୍ୟ କରୁଛି। ଏପରିକି, ଏହା ବାଲେଶ୍ୱରରୁ ୭୫ କିଲୋମିଟର ଓ ଯାଜପୁର ରୋଡ୍ ଷ୍ଟେସନଠାରୁ ୪୫ କିଲୋମିଟର ଦୂର। ଦୈନନ୍ଦିନ ୩୫୦୦ ସ୍ପିଡ୍‌ପୋଷ୍ଟ ସହ ୩୦୦ରୁ ଅଧିକ ପାର୍ସଲ ସେବା ଏହି ଆରଏମଏସ ଦେଉଛି। ଏପରିସ୍ଥଳେ ଏହାକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ ପକ୍ଷରୁ ଜାରି ହୋଇଥିବା ୦୫.୦୮.୨୦୨୫ ତାରିଖର ଆଦେଶ ବେଆଇନ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଯୁବକଙ୍କୁ ହାଣି ଲୁଟିଲେ

ଜଳେଶ୍ୱର, ୮।୯ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ୍ ଲୁଟି ନେଇଛନ୍ତି। ସୁଗୋ ପଞ୍ଚାୟତ ବାଣିଦା ଗ୍ରାମର ସୁଦର୍ଶନ ମହାନ୍ତିଙ୍କ ପୁଅ ଅରୁଣ ମହାନ୍ତି ରାଜଘାଟସ୍ଥିତ ମା' ତାରିଣୀ ହୋଟେଲରେ କାର୍ଯ୍ୟ ସାରି ରବିବାର ରାତି ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଜାତୀୟ ରାଜପଥ ଜମାଲପୁର ବାଇପାସ୍ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଅରୁଣର ହାତକୁ ହାଣି ତାଙ୍କଠୁ ଟଙ୍କା ମୋବାଇଲ୍ ନେଇ ଚମ୍ପଟ ମାରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଅରୁଣଙ୍କୁ ଜି.କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ହସ୍ପିଟାଲ ଏବଂ ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

**ଉପରାଷ୍ଟ୍ରପତି ନିର୍ବାଚନରୁ ବିରତ ରହିବ ବିଜେଡି**

# ସମଦୂରତା ବଜାୟ ରଖିବ ଦଳ

ଭୁବନେଶ୍ୱର,୮।୯(ସମିସ): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟଦାନରୁ ବିଜୁ ଜନତା ଦଳ ବିରତ ରହିବ ବୋଲି ନିଷ୍ପତ୍ତି ନେଇଛି। ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ

**ରାଜ୍ୟ ସ୍ୱାର୍ଥ ବିରୋଧରେ ଦଳ କେବେ ସାଲିସ୍ କରିବ ନାହିଁ**

ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା। ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଓ ସାଂସଦମାନଙ୍କ ସହ ଆଲୋଚନା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ବିଜେଡି ସବୁବେଳେ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବ ନାହିଁ



ବିଜେଡି। ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବ ନାହିଁ। ସେ ଆହୁରି କହିଥିଲେ, ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସର୍ବଦା କାମ କରିଆସିଛି। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଜଣାଇବା ପରେ ଦୁଇଟି ଜାତୀୟ ରାଜନୈତିକ ଦଳ ଦୋହଲି ଯାଇଛନ୍ତି। ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କୁ ସମର୍ଥନ କଥା କହୁଥିଲା ବେଳେ କଂଗ୍ରେସର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ବିଜେଡି ସମଗ୍ର ଭାରତବର୍ଷରେ ଏକ ସଫଳ ରାଜନୈତିକ ଦଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆଜି ମଧ୍ୟ ରାଜ୍ୟର ଏକ ନମ୍ବର ଦଳ ଭାବେ ଲୋକଙ୍କ ସମର୍ଥନ ପାଇଛି ବୋଲି ସେ କହିଛନ୍ତି।

**୬ ଦିନ ପରେ ଭିତରକନିକାରୁ ନିଖୋଜ ମା'-ପୁଅ ଉଦ୍ଧାର**

# ଜଙ୍ଗଲରେ ଭୋକ-ଉପାସରେ ୫ଦିନ

ରାଜନଗର, ୮।୯(ସମିସ): ଭିତରକନିକା ଜଙ୍ଗଲରେ ବାଟବଣା ହୋଇ ୬ ଦିନ ଧରି ନିଖୋଜ ହୋଇଯାଇଥିବା ମା-ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ୧୦ଟି ଟିମ୍‌ରେ ପ୍ରାୟ ୧୦୦ଜଣ ଆଜି ସକାଳୁ ତନଖି ପ୍ରକ୍ରିୟା ଆରମ୍ଭ କରିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମାଆପୁଅଙ୍କୁ ଗୋଟିଏ ଟିମ ଠାବ କରିଥିଲା। ଜଙ୍ଗଲ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କିମି ଦୂରରେ ମାଆପୁଅଙ୍କୁ ଠାବ କରାଯାଇଥିଲା। ଦୁଇଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୂଳକୁ ଅଣାଯାଇଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ ସହ ସେହି ଗାଁର ଅହଲ୍ୟା ମଣ୍ଡଳ ଓ ତାଙ୍କ ପୁଅ ଭିତରକନିକା ଜାତୀୟ ଉଦ୍ୟାନକୁ କଙ୍କଡ଼ା ଧରିବାକୁ ବୁଧବାର ଦିନ ଯାଇଥିଲେ। ସେମାନେ ୫ଦିନ ପାଇଁ ରାସନ ସାମଗ୍ରୀ, ଚାଉଳ ଓ ହାଣ୍ଡି ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ଜଣ ପହଞ୍ଚିଥିଲେ। ସେଠାରେ ରାସନ ସାମଗ୍ରୀ ରଖି ରୋଷେଇ କରି ଖାଇସାରି ଅଲଗାଅଲଗା ଦିଗରେ କଙ୍କଡ଼ା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ଅଞ୍ଜନା ଓ ରତିକାନ୍ତ ବାଟବଣା ହୋଇଯାଇଥିଲେ। ସେମାନଙ୍କୁ ଖୋଜାଖୋଜି କରି ନପାଇ ଗୁରୁବାର ଦିନ ଅହଲ୍ୟା ଓ ତାଙ୍କ ପୁଅ ଘରକୁ



ଫେରିଥିଲେ। ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ। ନ ପାଇବାରୁ ବନବିଭାଗକୁ ଜଣାଇଥିଲେ। ଶନିବାର ୨୦ଜଣ ବନ କର୍ମଚାରୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ ପାଇ ନଥିଲେ। ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ବାଘ୍ରହା ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା।

ଆଜି ବନ ବିଭାଗର ୪ଟି ବୋଟ ଓ ୬ଟି ଡଙ୍ଗା ମାଧ୍ୟମରେ ବନ ବିଭାଗର ୪୦ ଜଣ କର୍ମଚାରୀ ଓ ୬୦ ଜଣ ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ତନଖି କରିଥିଲେ। ଦିନ ପ୍ରାୟ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ ଶବ୍ଦ ଶୁଣି ମାଆପୁଅ ଡାକ ପାଇଥିଲେ। ଡାକଶୁଣି ବୋଟକୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ନିଘଞ୍ଚ

- କାଳ ହେଲା କଙ୍କଡ଼ା ଧରିବା
- ବନ ବିଭାଗର ୧୦ଟି ଟିମ୍‌ର ତନଖି

କଣ୍ଟା ଜଙ୍ଗଲ ମଧ୍ୟରେ ମାଆପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ। ଦୁଇଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୂଳକୁ ଆଣିବାକୁ ୪ ଘଣ୍ଟା ଲାଗିଥିଲା। ସେମାନଙ୍କୁ ଉଦ୍ଧାର ପରେ ବୋଟରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା। ୫ ଦିନ ଧରି କିଛି ଖାଇ ନ ଥିବାରୁ ସେମାନେ ଠିକ ଭାବେ କଥା କହିପାରୁନାହାନ୍ତି। ସେମାନେ କୂଳରେ ପହଞ୍ଚିବା ପରେ ଚିକିତ୍ସା ପାଇଁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

### ଉତ୍କଳ ସମ୍ମିଳନୀ ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜର ଭେଟ୍‌ଘାଟ୍

# ‘ନୂଆଁଖାଇ କେବଳ କୃଷିଭିତ୍ତିକ ନୁହଁ, ବରଂ ଭାଇଚାରାର ପର୍ବ’

ରାଉରକେଲା, ୮।୯(ସମିସ)




ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଉତ୍କଳ ସମ୍ମିଳନୀ ପକ୍ଷରୁ ‘ଆସ ଓଡ଼ିଆ ଲେଖିବା, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର କରିବା’ ଉପରେ ଏକ ସଚେତନଭିତ୍ତିକ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରା ରାଉରକେଲା ସହର ପରିକ୍ରମା କରିବା ସହ ସମସ୍ତ ବ୍ୟବସାୟୀଙ୍କୁ ସେମାନଙ୍କ ବ୍ୟବସାୟିକ ନାମଫଳକକୁ ଓଡିଆ ଭାଷାରେ ଲେଖିବା ପାଇଁ ଅନୁରୋଧ କରିବ ବୋଲି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ବିଶ୍ରା ଷ୍ଟାଚ୍ୟୁ ପାଖରୁ ଏହି ପଦଯାତ୍ରା ଆରମ୍ଭ ହୋଇ ସହରର ମୁଖ୍ୟରାସ୍ତା ଦେଇ ସହର ପରିକ୍ରମା କରିବ। ସ୍ଥାନୀୟ ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘରେ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜ ପକ୍ଷରୁ ଅନୁଷ୍ଠିତ ନୂଆଖାଇ ଭେଟଘାଟ୍ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ନାୟକ ଏପରି ସୂଚନା ଦେଇଛନ୍ତି। ଏହି ଅବସରରେ ବିଧାୟକ ଓଡ଼ିଶାର ଗଣପର୍ବ ନୂଆଖାଇ ଏକ କୃଷିଭିତ୍ତିକ ପର୍ବ ନୁହଁ ବରଂ ଏକ ଭାଇଚାରାର ପର୍ବ ବୋଲି କହିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆୟୋଜିତ ହେବାକୁ ଥିବା ଏହି ପଦଯାତ୍ରାରେ ସମସ୍ତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସାମିଲ ହୋଇ ସହଯୋଗ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ଓଡ଼ିଶାର ସଂସ୍କୃତି ଭିତ୍ତିକ ପର୍ବପର୍ବାଣୀ ଆମକୁ ଏକତ୍ର ସୂତ୍ରରେ ବାନ୍ଧି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମିଳନୀର ଉପସଭାପତି ଡକ୍ଟର କିଶୋରୀ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଉତ୍କଳ ଶିଳ୍ପ ପରିଚାଳକ ସମାଜର ସଭାପତି ତଥା ଉତ୍କଳ ସମ୍ମିଳନୀର ଉପସଭାପତି ଚିତ୍ତରଞ୍ଜନ ଦାଶ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ବେକାରୀ ସମସ୍ୟାର ସମାଧାନ, ରାଉରକେଲାରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ମେଡିକାଲ କଲେଜ ପ୍ରତିଷ୍ଠା, ବନ୍ଧାମୁଣ୍ଡା ଠାରେ ରେଳ ଡିଭିଜନ ପ୍ରତିଷ୍ଠା, ବିମାନବନ୍ଦର ସାମ୍ପ୍ରସାରଣ ଆଦି ଦାବି ଉପସ୍ଥାପନ କରିଥିଲେ। ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ପୀତବାସ ମିଶ୍ର ନୂଆଖାଇ ପର୍ବ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ବାର୍ତ୍ତା ଦିଏ ବୋଲି କହିଥିଲେ। ସମ୍ମିଳନୀର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମା’ ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ନବାନ୍ନ ଅର୍ପଣ ସହ କଣ୍ଠ ଶିଳ୍ପୀ ରାଜକୁମାରୀ ଦେବୀଙ୍କ ଦ୍ୱାରା ଉତ୍କଳ ଜନନୀଙ୍କ ବନ୍ଦନା ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶାଖାର ସଭ୍ୟ ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ନମ୍ରତା ଡ୍ୟାନ୍ସ ଏକାଡେମୀ ଓ ଶିବାୟନ ଗ୍ରୁପ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶାଖାର ସଦସ୍ୟ ଅନିଲ ଦାସ, ବାଳକୃଷ୍ଣ ସ୍ୱାଇଁ, ହରିହର ଶତପଥୀ, ଉତ୍ତମ କୁମାର ମହାନ୍ତି, ସୁନୀଲ ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା, ବୈକୁଣ୍ଠ ସାମଲ, ଅଭିମନ୍ୟୁ ସ୍ୱାଇଁ, ନିରୁପମା ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମିଳନୀ ପକ୍ଷରୁ କଳାକାରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁବାସ ବାରିକ, କଣ୍ଠ ଶିଳ୍ପୀ ରାଜକୁମାରୀ ଦେବୀ, ନୃତ୍ୟ ଶିଳ୍ପୀ ନମ୍ରତା ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀର କୋଷାଧ୍ୟକ୍ଷ ଭଗବାନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**୧୩ରେ ଓଡ଼ିଆ ଫଳକ ଲେଖିବା ନେଇ ସଚେତନତା ପଦଯାତ୍ରା**

## ହଟ୍ ଷ୍ଟ୍ରିପ୍ ମିଲ୍-୨ର ନୂଆ ଉତ୍ପାଦନ ରେକର୍ଡ

**ରାଉରକେଲା,** ୮।୯(ସମିସ): ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨) ସେପ୍ଟେମ୍ବର ୭ ତାରିଖରେ କଏଲ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ମୋଟ ୯, ୪୪୪ ଟନ ରେକର୍ଡ ଓଜନର ସମୁଦାୟ ୪୧୬ଟି କଏଲ୍ ରୋଲିଂ ସହିତ ୨୦୨୫ ମାର୍ଚ୍ଚ ୨୪ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯, ୪୩୦ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ପିପିସି, ଇଏମଡି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ୍, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ସହିତ ଏଚଏସଏମ-୨ ବିଭାଗର ନିରବିଚ୍ଛିନ୍ନ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉତ୍କୃଷ୍ଟ ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମୂହିକ ଏବଂ ନେତୃତ୍ୱ ସହିତ ସମସ୍ତ ସମ୍ପୃକ୍ତ ବିଭାଗକୁ ଅଭିନନ୍ଦନ ଜଣାଇ, ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେମାନଙ୍କୁ ଏହି ଉତ୍କର୍ଷ ଧାରା ବଜାୟ ରଖିବା ସହ ଏପରି ଅଧିକ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଛନ୍ତି।

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ



**ରାଉରକେଲା,** ୮।୯(ସମିସ): ଭାଗବତ ଜୀବନ ଦର୍ଶନର କଥା କହିବା ସହ ଏହି ଗ୍ରନ୍ଥରେ ନୀତିକଥା, ସାମାଜିକ, ସଚେତନତା ବାର୍ତ୍ତା ଓ ଆଧ୍ୟାତ୍ମିକତାଭାବ ଭରି ରହିଛି ବୋଲି ରାଉରକେଲା ସାରନଗରୀର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶାଖା ତରଫରୁ ଭାଗବତ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସାରନଗରୀ ଆଇଡିଏଲ ସ୍ଥିତ ଚିନ୍ମୟ ଏକାଡେମୀର ସମ୍ମିଳନୀ କକ୍ଷରେ ଶାଖାର ସାଂଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ତଥା କବୟିତ୍ରୀ ବିଜୟିନୀ ଜେନା ଯୋଗଦେଇଥିଲେ। ଶାଖାର ସଭାପତି ଡକ୍ଟର ସୁରେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାସ ଯୋଗଦେଇଥିଲେ। କବି ରବୀନ୍ଦ୍ର ବେହୁରିଆ, ଶିକ୍ଷାବିତ ଆଦିତ୍ୟ କୁମାର ଷଡଙ୍ଗୀ, କବୟିତ୍ରୀ ଶ୍ୱେତଲୀନା ଶତପଥୀ ପ୍ରମୁଖ ଅତିବଡ଼ିଙ୍କ ସହ ଭାଗବତର ସମ୍ପର୍କ, ଭାଗବତର ଜନ୍ମ ମୃତ୍ୟୁର ରହସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆବାହକ ସୁଭାଷ ଚନ୍ଦ୍ର ପାତ୍ର ରାଜ୍ୟରେ ଅବଲୁପ୍ତ ହେଉଥିବା ଭାଗବତ ଟୁଙ୍ଗିଗୁଡ଼ିକୁ ଉଦ୍ଧାର କରିବା ପାଇଁ ସରକାର ଉଦ୍ୟମ କରନ୍ତୁ ବୋଲି କହିବା ଧନ୍ୟବାଦ ଅର୍ପଣ କରିଥିଲେ। ଶାଖାର ସମ୍ପାଦକ ମନୋଜ ଚୌଧୁରୀ, ଚିନ୍ମୟ ଏକାଡେମୀର ସାଧାରଣ ସମ୍ପାଦିକା ପ୍ରଭାତୀ ଦାସମୋହିନୀ, ଅକ୍ରୁର ମାର୍ଥା, ସୁବର୍ଣ୍ଣ ବେହେରା, ପ୍ରବୀର ଦୁବେ, ଅଶୋକ କୁମାର ସାମଲ, ସାହିଲ ପ୍ରଧାନ, ସରୋଜ ବେହେରା, ଶ୍ରୀନାଥ ଚନ୍ଦ୍ର ନାୟକ, ପ୍ରଭାତୀ ନାୟକ, ଶୁଚିସ୍ମିତା ପଣ୍ଡା, ପଦ୍ମାବତୀ ସାହୁ, ପ୍ରତିଭା ଦାଶ ମୋହନୀ, ମାଧୁରୀ ପ୍ରଧାନ, ଜୟନ୍ତୀ, ରଞ୍ଜିତ ସାମନ୍ତରାୟ, ରାଜକୁମାର ଜେନା, ଲୀଳାବତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ପୂର୍ବତନ ମନ୍ତ୍ରୀ



**ରାଉରକେଲା,** ୮।୯(ସମିସ): ଆଜି ରାଜଗାଙ୍ଗପୁରର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ମଙ୍ଗଳା କିଷାନ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ରାଜଗାଙ୍ଗପୁରର ଲାଇଫ୍ ଲାଇନ କୁହାଯାଉଥିବା ଫ୍ଲାଏ ଓଭର ବ୍ରିଜ୍‌ର କାମ ଅତ୍ୟନ୍ତ ଧିମା ହୋଇଯାଇଥିବାରୁ ସେଥିପ୍ରତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିବେଦନ କରିଥିଲେ। ଏଥିସହ ରାଜଗାଙ୍ଗପୁର ସହରରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା ଗୁଡିକର ମରାମତି, ସରକାରୀ ଡାକ୍ତରଖାନାରେ ଡାକ୍ତରର ଅଭାବ, ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଚୁକୁପଡ଼ା, ଡୁଡ଼ି, ମାଲିଡ଼ିହ, ଜରେଇକେଲା, ବୁଡ଼ାମ ରାସ୍ତାକୁ ଶୀଘ୍ର କରିବା ପାଇଁ ସେ ଅନୁରୋଧ କରିଛନ୍ତି। କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ମୋବାଇଲ ଟାୱାର ନିର୍ମାଣ ସହ ନିର୍ମାଣାଧୀନ ସିବିଏସଇ ବୋର୍ଡ଼ର ସ୍କୁଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ କିଷାନ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ରାଜଗାଙ୍ଗପୁରର ବିଜେଡି ନେତା ଅମରେଶ ପଣ୍ଡା ଉପସ୍ଥିତ ଥିଲେ।

## ଆରଏସ୍‌ପି ଷ୍ଟିଲ ମେଲ୍ଟିଂ ସପ୍-୧ ବିଭାଗରେ ମକ୍ ଡ୍ରିଲ୍




**ରାଉରକେଲା,** ୮।୯(ସମିସ): ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗର କାଷ୍ଟର ଅଞ୍ଚଳରେ ପାଇଲଟ ବର୍ନର, ଗ୍ୟାସ ଲାଇନରେ ଅଗ୍ନି ନିରାପତ୍ତା ଉପରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା। ଏହି ଅଭ୍ୟାସଟି ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବିଏସ୍ କାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଏସ୍‌ଏ ଠାକୁରଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମୀ ଏବଂ ଏସ୍‌ଇଡି ବିଭାଗର ଡେପୁଟି ମ୍ୟାନେଜର ସିକେ ସାହୁ ଏହି ଅଭ୍ୟାସ ସମ୍ପନ୍ନ ଆବଶ୍ୟକୀୟ ସହଯୋଗ ଦେଇଥିଲେ। ଏହି ସୁରକ୍ଷା ଅଭ୍ୟାସରେ ଏସ୍‌ଏମ୍‌ଏସ୍-୧ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ସୁରକ୍ଷା ଅଭ୍ୟାସରେ ମିଶ୍ରିତ ଗ୍ୟାସ ଲିକେଜ୍ ଯୋଗୁଁ ନିଆଁ ଲାଗିବାର ଏକ କାଳ୍ପନିକ ଦୃଶ୍ୟ ସୃଷ୍ଟି କରାଯାଇଥିଲା ଏବଂ ଦୁଇ ଜଣ ଆହତ କର୍ମଚାରୀଙ୍କ ଉଦ୍ଧାର ଏଥିରେ ସାମିଲ କରାଯାଇଥିଲା। ଏହି କାଳ୍ପନିକ ସ୍ଥିତି ଅଗ୍ନିଶମ ସେବା, ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓଏଚଏସସି), ଶକ୍ତି ପରିଚାଳନା ବିଭାଗ (ଇଏମଡି), ସୁରକ୍ଷା ଇଞ୍ଜିନିୟରିଂ ଏବଂ ସିଆଇଏସଏଫ ସମେତ ପ୍ରମୁଖ ବିଭାଗଗୁଡ଼ିକରୁ ଏକ ସମନ୍ୱିତ ପ୍ରତିକ୍ରିୟାକୁ ସକ୍ରିୟ କରିଥିଲା। ବହୁ ବିଭାଗର ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଗଠିତ ତିନୋଟି ଉତ୍ସର୍ଗୀକୃତ ଦଳ ଉଦ୍ଧାର, ସହାୟକ ଏବଂ ସମର, ସିମୁଲେଟେଡ୍ ଜରୁରୀକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବାସ୍ତବ ସମୟ କାର୍ଯ୍ୟ କରିଥିଲେ। ମୂଲ୍ୟାଙ୍କନ ଅଧିବେଶନ ଶିକ୍ଷା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ମକ୍ ଡ୍ରିଲ୍ ଶେଷ ହୋଇଥିଲା। ଏହି ସୁରକ୍ଷା ଅଭ୍ୟାସକୁ ଏସ୍‌ଏମ୍‌ଏସ-୧ ବିଭାଗର ଡିଏସଓ ତଥା ଏନ୍ ବେହେରା ସଂଯୋଜନା କରିଥିଲେ।

## ଠିକା ଶ୍ରମିକଙ୍କୁ ‘ସୁରକ୍ଷୀ ସାଥି’ ଉପରେ ତାଲିମ



**ରାଉରକେଲା,** ୮।୯(ସମିସ): ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ‘ସୁରକ୍ଷୀ ସାଥୀ’ ଉପରେ ସେପ୍ଟେମ୍ବର ୫ ଓ ୬ ତାରିଖରେ ପ୍ରାକ୍ ଜ୍ଞାନାର୍ଜନ ସ୍ୱୀକୃତି (ଆରପିଏଲ୍) ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଲ୍ ଆଣ୍ଡ ଡି ବିଭାଗର ଜିଏମ୍ ଏଚଏନ୍ ପତି ଉପସ୍ଥିତ ଥିଲେ। କାରଖାନାର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ୩୯ ଜଣ ଠିକା ଶ୍ରମିକ ଏହି ୨ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହାର ବୈଷୟିକ ଅଧିବେଶନଗୁଡିକ ଇଣ୍ଡିଆନ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ସେକ୍ଟର ସ୍କିଲ୍ କାଉନସିଲ୍‌ର ବିଶେଷଜ୍ଞ ପ୍ରଶିକ୍ଷକ ତଥା ସୁରକ୍ଷା ପରିଷଦ ଓଡ଼ିଶା ଶାଖାର ସଚିବ ମଧୁସୂଦନ ମୋହିନୀ ସମ୍ପନ୍ନ କରିଥିଲେ। ଏହି ଅଧିବେଶନରେ ଇସ୍ପାତ ଶିଳ୍ପରେ ମାନକ ଅଭ୍ୟାସ, ବୃତ୍ତିଗତ ତଥା ସ୍ୱାସ୍ଥ୍ୟ ନିରାପତ୍ତା, ଅଗ୍ନି ନିରାପତ୍ତା, ଗ୍ୟାସ ସୁରକ୍ଷା, ବୈଦ୍ୟୁତିକ ସୁରକ୍ଷା, ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣରେ ବୃତ୍ତିଗତ ବିକାଶ ଓ ଅପ୍ ସ୍କିଲିଂ କାର୍ଯ୍ୟକଳାପକୁ ପ୍ରାଧାନ୍ୟ ଦିଆଯାଉଛି। ଏଚଆର ଏଲ ଆଣ୍ଡ ଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏ ଆର୍ ବେହେରା ତାଲିମ ଅଧିବେଶନ ପରିଚାଳନା କରିଥିଲେ।

## ଅନ୍‌ଲାଇନ୍ ଜୁଆ ଆଡ୍ଡାରେ ଚଢ଼ଉ: ୫ ଗିରଫ

**ରାଉରକେଲା,** ୮।୯(ସମିସ): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଷ୍ଟେସନପଡ଼ା ଅଞ୍ଚଳରେ ଚାଲିଥିବା ଅନ୍‌ଲାଇନ ଜୁଆ ଆଡ୍ଡାରେ ପୁଲିସ ଆଜି ରାତିରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ଭୋପାଳ କୋଲାର ରୋଡ ଥାନା ଅଞ୍ଚଳର ସୋଣ୍ଡୁପାଲି ଜଗଜିଶ, ଛତିଶଗଡ଼ ଦୁର୍ଗ ଅନ୍ତର୍ଗତ ଖୁରସିପାର ଅଞ୍ଚଳର ମାଡୁ କାର୍ତ୍ତିକ, ଛତିଶଗଡ଼ ରାଜ୍ୟ ରାୟପୁର ଗୁଡିଆରି ଥାନା ଅଞ୍ଚଳର ଆୟୁଷ ବମ୍ବେକର, ଛତିଶଗଡ଼ ରାଜ୍ୟ ଦୁର୍ଗ ଅନ୍ତର୍ଗତ ଭିଲାଇ ଅଞ୍ଚଳର ମହେନ୍ଦ୍ର ଗେଡ଼ମ୍ ଓ ସୁନ୍ଦରଗଡ଼ ବଡଗାଁ ଥାନା ଗଙ୍ଗାଜଳ ଅଞ୍ଚଳର ପ୍ରଦୀପ ଯାଦବ। ଏହି ଯୁବକମାନେ ରାଜଗାଙ୍ଗପୁରର ଷ୍ଟେସନପଡ଼ାସ୍ଥିତ ମଧୁ ବିଲଡିଂର ଏକ ଭଡ଼ା ଘରେ ଅନଲାଇନ୍ ଜୁଆ ବ୍ୟବସାୟ ଚଳାଉଥିଲେ। ସେମାନେ ଲୋକମାନଙ୍କ ଜମା ଅର୍ଥରୁ ବହୁ ଗୁଣ ଅଧିକ ଲାଭର ପ୍ରଲୋଭନ ଦେଖାଇ ଗ୍ରାହକଙ୍କୁ ଠକି ଚାଲିଥିଲେ। ଖବର ପାଇ ରାଜଗାଙ୍ଗପୁର ଆଇଆଇସି ବିଜୟ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ଚଢ଼ଉ କରି ଉପରୋକ୍ତ ୫ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ଲାପଟପ ଓ ୧୯ଟି ମୋବାଇଲ ଫୋନ ଜବତ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ‘ମହାଦେବ ବୁକ୍ ଆପ୍ ’ ନାମକ ଆପ୍ ତିଆରି କରି ରେଡ୍ଡୀ ଆନ୍ନା, ଫେୟାର ପ୍ଲେ, ଗୋଲ୍ଡ ୬୫ ଏବଂ ଲାସର ୨୪୭ ପରି ବେଆଇନ ପ୍ଲାଟଫର୍ମ ଜରିଆରେ ଏହି ଅନଲାଇନ ଜୁଆ ତଥା ବେଟିଂ କରୁଥିଲେ।

## କୁଆଁରମୁଣ୍ଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




**ରାଉରକେଲା,** ୮।୯(ସମିସ): କୁଆଁରମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୩୫ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୫୧ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୪ ଟି ସାମୁହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ଆଇଏଏସ ଶିକ୍ଷା ନବୀଶ ଫାବୀ ରସୀଦ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିପୁଳ ମଦ ଜବତ; ୧୧ ଗିରଫ

**ରାଉରକେଲା,** ୮।୯(ସମିସ): ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ରାତିରେ ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ବଜାର ଓ କୋଏଲନଗର ବିଦେଶୀ ମଦ ଦୋକାନରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ କୋଏଲନଗର ପାର୍କ ନିକଟ ମଦ ଦୋକାନ ନିକଟରେ ମଦ୍ୟପାନ କରି ଗଣ୍ଡଗୋଳ କରିବା ଅଭିଯୋଗରେ ୧୧ ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେହିପରି ସ୍କୁଟି ଯୋଗେ ମହୁଲି ମଦ ଚାଲାଣ ବେଳେ ଆଇଜି ପାର୍କ ନିକଟରୁ ଅବକାରୀ ବିଭାଗ ଆକାଶ ଗୁପ୍ତା ଓ ବଜରଙ୍ଗ ନାଏକ ନାମକ ଦୁଇ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୮୦ ଲିଟର ମଦ ଓ ୨ଟି ସ୍କୁଟି ଜବତ କରାଯାଇଛି।

## ବଣାଇଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ରାଉରକେଲା/ବଣାଇଁ,** ୮।୯ **(ସମିସ):** ବଣାଇଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ପରିସ୍ଥିତି ଉଗ୍ର ହୋଇଛି। ଗୋଟିଏ ଗୋଷ୍ଠୀର କିଛି ଯୁବକ ଜଣେ ଭିନ୍ନ ସମ୍ପ୍ରଦାୟର ଯୁବକଙ୍କୁ ନିସ୍ତୁକ ମାଡ ମାରିବା ପରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇପଡ଼ିଥିଲା। ଏହାପରେ ପ୍ରତିଶୋଧ ପରାୟଣ ହୋଇ ମାଡ ଖାଇଥିବା ଯୁବକଙ୍କ ସମର୍ଥକମାନେ ଏକ ଦୋକାନ ଭଙ୍ଗାରୁଜା କରିବା ସହ ମାର୍‌ପିଟ କରିଥିଲେ। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଘଟଣା ସ୍ଥଳରେ ବିଳମ୍ବିତ ରାତିରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏବଂ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗତ ଦୁଇ ଦିନ ତଳେ ବଣାଇଁ ସହର ରଥ ଛକ ନିକଟରେ ଥିବା ଏକ ଜିମ ବା ଫିଟନେସ କ୍ଲବ୍‌ରେ ଶନିବାର ଦିନ ଦୁଇ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଜିମ ଟ୍ରେନର ଏହା ଦେଖି ଉଭୟ ଗୋଷ୍ଠୀଙ୍କୁ ବାହାରକୁ ପଠାଇ ଦେଇଥିଲେ। ବାହାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଭୀଷଣ ରୂପ ନେବା ସହ କିଛି ଯୁବକଙ୍କୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକମାନେ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକ ଓ ମୋବାଇଲ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚିବା ପରେ ସମସ୍ତେ ସେଠାରୁ ପଳାଇଥିଲେ। ରବିବାର ମଧ୍ୟାହ୍ନ ପୂର୍ବରୁ ବିଗତ ରାତିରେ ମାଡ ଖାଇଥିବା ଯୁବକମାନଙ୍କ ସହିତ ଶତାଧିକ ସ୍ୱଳ୍ପ ବୟସ୍କ ଯୁବକ ବଣାଇଁର ଭିନ୍ନ ସମ୍ପ୍ରଦାୟ ବସ୍ତିରେ ଆକ୍ରମଣ କରିଥିବା ଯୁବକଙ୍କୁ ଖୋଜିଥିଲେ। କାହାକୁ ନପାଇ ଜଣେ ଯୁବକକୁ ମାଡମାରି ମୁଖ୍ୟ ରାସ୍ତାରେ ଘୁରି ବୁଲୁଥିବା ଦେଖାଯାଇଥିଲା। ପୁଣି ସନ୍ଧ୍ୟାରେ ଜଣଙ୍କୁ ଏକ ଦୋକାନ ସମ୍ମୁଖରେ ପ୍ରବଳ ମାଡ ମାରି ଛାଡି ଦେଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଯୁବକ ବଣାଇଁ ଭିନ୍ନ ସମ୍ପ୍ରଦାୟର ବସ୍ତିରେ ପଶି ଏକ ଦୋକାନ ଘରକୁ ଭାଙ୍ଗି ଦେଇ ଆକ୍ରମଣକାରୀଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଖବରପାଇ ପୁଲିସ ପହଞ୍ଚି ବସ୍ତିକୁ ଘେରଉ କରିଥିଲା। ପୁଲିସ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ବଣାଇଁରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ପାଞ୍ଚ ଜଣ ଇନ୍ସପେକ୍ଟର, ତିନି ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

**ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ**

### ‘ନୀଳ ଆକାଶ ପାଇଁ ନିର୍ମଳ ବାୟୁ’ ଅନ୍ତର୍ଜାତୀୟ ଦିବସ

# ‘ସୁସ୍ଥ ପରିବେଶର ବିକାଶ ଧାରାରେ ସାମିଲ ହୁଅନ୍ତୁ ଯୁବପିଢ଼ି’

ରାଉରକେଲା, ୮।୯(ସମିସ)




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ ଶାଖା ଏବଂ ଏନ୍‌ଆଇଟି ରାଉରକେଲା ଓ ଆରଏମସିର ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ‘ନୀଳ ଅକାଶ ପାଇଁ ନିର୍ମଳ ବାୟୁ’ ସମ୍ପର୍କିତ ଅନ୍ତର୍ଜାତୀୟ ଦିବସ ସ୍ଥାନୀୟ ଏନଆଇଟିର ଅଡିଟୋରିୟମଠାରେ ଆୟୋଜିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ ପରିବେଶ ଅନୁକୂଳ ‘ଇ’ ବାଇକ ପ୍ରଚଳନ, ଅଭିନବ ପ୍ରକଳ୍ପକୁ ପ୍ରୋତ୍ସାହନ, ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି କହିଥିଲେ। ଛାତ୍ର ଓ ଯୁବ ବର୍ଗ ଅଭିନବ ପ୍ରଣାଳୀ ଉଦ୍ଭାବନ କରି ସୁସ୍ଥ ପରିବେଶର ବିକାଶ ଧାରାରେ ସାମିଲ ହେବାକୁ ଡ. ମହାପାତ୍ର ଆହ୍ୱାନ ଦେଇଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନ ସହଭାଗିତା ଦ୍ୱାରା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିବା ସହ ଅଧିକରୁ ଅଧିକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ଏନ୍‌ଆଇଟିର ଆଲୁମିନି ବିଭାଗ ଡିନ୍ ପ୍ରଫେସର ଡ. ହିମାଂଶୁ ଭୂଷଣ ସାହୁ, ଢେଙ୍କାନାଳ ମୀରାମୁଣ୍ଡୁଳି ସ୍ଥିତ ଟାଟା ଷ୍ଟିଲର ପରିବେଶ ବିଭାଗ ମୁଖ୍ୟ ସଞ୍ଜୀବ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଏନ୍‌ଆଇଟି ପ୍ରଫେସର ଡକ୍ଟର ଭୀଷ୍ମ ତ୍ୟାଗୀ ବାୟୁର ସ୍ଥିତ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଏନଆଇଟି ଏବଂ ୱାଇଏମ୍‌ଏଫଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଆର୍‌ଆର୍ ଦାସ, ଚନ୍ଦ୍ରଶେଖର ଚୌହାନ, ରଜତ କୁମାର ସେଠି, ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି, ଏଇଏସ୍ ସୌମ୍ୟ ରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତି, ଓଏସ୍‌ଡି ବିଭୁତି ଭୂଷଣ ମହନ୍ତଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ମିଶନ ଲାଇଫ୍ ଅନ୍ତର୍ଗତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବା ନେଇ ଶପଥ ପାଠ କରାଇଥିଲେ। ଶେଷରେ ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଆଇଟି ଛାତ୍ର ରଘୁରାଜ ସମାନୀ ଓ ଛାତ୍ରୀ ରୀତିକା ମଲ୍ଲିକ ସଂଯୋଜନା କରିଥିଲେ।

## ଢୁଢୁକେଲରେ ନୂଆଁଖାଇ ଭେଟ୍‌ଘାଟ୍



**ଧର୍ମଗଡ଼/ଗୋଲାମୁଣ୍ଡା, ୮।୯(ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସରିଯାଇଛି ହେଲେ ଏବେ ଚାଲିଛି ସବୁଠି ଭେଟଘାଟ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅଧୀନ ମାନଝରି ପଞ୍ଚାୟତର ଢୁଢୁକେଲ ଗାଁର ଯୁବକ ସଙ୍ଘ ତରଫରୁ ନୂଆଖାଇ ଭେଟଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ମାନଝରି ସରପଞ୍ଚ ଜଗଜୀବନ ଅଘରିଆ, ଲାଲସାଏ ମହାନନ୍ଦ, ରତନ ଭୋଇ, ରଜନୀ ଭାଟି, ଉଦେଶୃଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ, ବରିଷ୍ଠ ଶିକ୍ଷକ ପବନ ମହାନନ୍ଦ, ରିଚେକ ଭାଟି, ୱାର୍ଡ ମେମ୍ବର ଧୀରେନ୍ଦ୍ର ମାଝୀ, ଅନନ୍ତ ତାଣ୍ଡି, ସାମାଜିକ କର୍ମୀ ଲୋଚନ ଭାଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବୋରଗୁଡା ଗ୍ରାମର ନାଟକ ପରିବେଷଣ ହୋଇଥିଲା।

### ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ୍

## ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ଦେଖି ଝୁମିଲେ ଦର୍ଶକ

**କେସିଙ୍ଗା, ୮।୯(ସମିସ)**

ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ରବିବାର ମୁମ୍ବାଇର ଦାଦର ସ୍ଥିତ ବୀର ସାବରକର ପ୍ରେକ୍ଷାଳୟରେ ନୂଆଁଖାଇ ଭେଟଘାଟ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆୟକର ବିଭାଗର ମୁଖ୍ୟ କମିଶନର ହେମନ୍ତ ଜବାହାରଲାଲ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ସିଣ୍ଡିକେଟ ବ୍ୟାଙ୍କର ପୂର୍ବତନ ଏମଡି ମୃତ୍ୟୁଞ୍ଜୟ ମହାପାତ୍ର ଓ ମୁମ୍ବାଇ ଆୟକର ବିଭାଗର ଯୁଗ୍ମ କମିଶନର ସାରିକା ଜୈନ। ପ୍ରଥମେ ଅତିଥିଗଣ ନୂଆଁଖାଇ ଭେଟଘାଟର ସ୍ମରଣିକା 'ଜୁହାର' ଉନ୍ମୋଚନ କରିଥିଲେ। ପଦମପୁରର କହର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମନମୋହକ ସମ୍ବଲପୁରୀ ନାଚଗୀତ ପରିବେଷଣ କରାଯାଇଥିଲା। ପଶ୍ଚିମ ଓଡ଼ିଶା ପରିବାରର ସଦସ୍ୟମାନେ ସମ୍ବଲପୁରୀ ଫେଶନରେ ମଞ୍ଚ ଭାଗ ନେଇଥିଲେ। ଉକ୍ତ ଭେଟଘାଟ କାର୍ଯ୍ୟକ୍ରମରେ ଅଭ୍ୟାଗତଙ୍କ ମଧ୍ୟରେ ଶ୍ରୀକାନ୍ତ ଚାଟାର୍ଜୀ, ଦୀପକ ପୁଜାରୀ, ପ୍ରଣବ ଭୋଷ୍ଟା ପ୍ରମୁଖ ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ପୂଜା କବିତା ସାହାଣୀ। ଏଠାରେ ପ୍ରକାଶ ଥାଉକି ମୁମ୍ବାଇରେ ରହୁଥିବା ପ୍ରାୟ ତିନି ଶହ ପଶ୍ଚିମଓଡ଼ିଶା ସଦସ୍ୟ ଯୋଗ ଦେଇଥିଲେ।

## ସମାଜ ସଂସ୍କାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ମ.ରାମପୁର, ୮।୯(ସମିସ):** ମଦନପୁର ରାମପୁର ବ୍ଲକ ଅଧୀନ ରାମପୁର ଗ୍ରାମର ବାପୁଜୀ ନଗରପଡ଼ା ସମାଜ ସଂସ୍କାର ଅନୁଷ୍ଠାନ ତରଫରୁ ଏକ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମାଜ ସଂସ୍କାର ଅନୁଷ୍ଠାନର ସଭାପତି କିଶୋର ନାଏକ, ଉପ ସଭାପତି ଧନେଶ୍ୱର ସାଗର, ସମ୍ପାଦକ ଅରୁଣ କୁମାର ନାଏକ, ପୂର୍ବତନ ସମ୍ପାଦକ ଗଗନ ବିହାରୀ ନାଏକ ମଞ୍ଚାସୀନ ହୋଇଥିଲେ। ଅନୁଷ୍ଠାନର ନିବେଦନ ଅନୁଯାଇ ମୁଖ୍ୟ ଅତିଥି ଏକ କମ୍ୟୁନିଟି ହଲ ନିର୍ମାଣ କରିବା ପାଇଁ ଜିଲ୍ଲା ପରିଷଦ ଫଣ୍ଡ ତରଫରୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାବୁଲାଲ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ, ଅରୁଣ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ତୃଶାନ୍ତ ନାଏକ, ମହେନ୍ଦ୍ର ନାଏକ, ଖଗେଶ୍ୱର ନାଏକ, କୁବେର ନାଏକ ହରପ୍ରସାଦ ସେନାପତି ସହିତ ଅନୁଷ୍ଠାନର ଯୁବଗୋଷ୍ଠୀ ବିଶେଷ ଭାବରେ ସହଯୋଗ କରିଥିଲେ।

## ଭାରତୀୟ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ତାଲିମ

**ଭବାନୀପାଟଣା, ୮।୯(ସମିସ):** ସର୍ବଭାରତୀୟ ସ୍କାଉଟ୍ସ ଓ ଗାଇଡ୍ସ ଟ୍ରେନର୍ ଧୀରେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୮ ତାରିଖ ଦିନ ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ଏକଦିବସୀୟ ପ୍ରୀ-ଓରିଏନ୍‌ଷ୍ଟେସନ୍ ଟ୍ରେନିଂ କରାଯାଇଛି। ଉକ୍ତ ଟ୍ରେନିଂ ପ୍ରୋଗ୍ରାମରେ ଜିଲ୍ଲା କମିଶନର୍ ସ୍କାଉଟ୍ସ ଓ ଗାଇଡ୍ସ ମହେନ୍ଦ୍ର କୁମାର ପଣ୍ଡା, ଗାଇଡ୍ କମିଶନର୍ ବିଷ୍ଣୁପ୍ରିୟା ନାଏକ, ଜିଲ୍ଲା ସଂଗଠକ ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ସନାତନ ସାହୁ, ପବିତ୍ର ମୋହନ ପାଶା ପ୍ରମୁଖ ଟ୍ରେନିଂ ପ୍ରୋଗ୍ରାମ୍‌ରେ ସହାୟତା କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଓ ଗାଇଡ୍‌ର ସମ୍ପାଦକ ରୂପସିଂ ରାଉତ ସମସ୍ତ କାର୍ଯ୍ୟକ୍ରମକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ ଏବଂ ଟ୍ରେନର୍‌ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳିତ




**କର୍ଲାମୁଣ୍ଡା, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳିତ ହୋଇଛି। ଏଥିରେ ବ୍ଲକ ନୋଡାଲ ଅଫିସର ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, ନୋଡାଲ ୟୁପି ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଉଜ୍ଜଳ କୁମାର ସାହୁ, ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ସହ ଶିକ୍ଷୟିତ୍ରୀ ଶୋଭାବତୀ ସିକଚାନ୍ଦ, ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର, ସନ୍ତୋଷ କୁମାର, ବୃନ୍ଦାବନ ରଣା, ଉମାକାନ୍ତ ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ମହର୍ଷି ପରାଶରଙ୍କ ଜୟନ୍ତୀ ଓ ନୂଆଁଖାଇ ଭେଟ୍‌ଘାଟ୍



**ଭବାନୀପାଟଣା, ୮।୯(ସମିସ):** ସ୍ଥାନୀୟ ବ୍ରଜବିହାର ଶିଶୁ ବିଦ୍ୟା ମନ୍ଦିର ପରିସରରେ ମୁଣ୍ଡ ପରାଶର ପରିବାର, ଭବାନୀପାଟଣା ପ୍ରାନ୍ତ ଦ୍ୱାରା ମହର୍ଷି ପରାଶରଙ୍କ ଜୟନ୍ତୀ ତଥା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପ୍ରାନ୍ତୀୟ ସଭାପତି ମଳୟ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଭବାନୀପାଟଣା ପ୍ରାନ୍ତରୁ ପ୍ରାୟ ୩୦୦ ଜଣ ସଦସ୍ୟ ଓ ସଦସ୍ୟା ଅଂଶଗ୍ରହଣ କରିଥିଲେ। କବି ପରମେଶ୍ୱର ମୁଣ୍ଡ ଓ ସ୍ନେହଲତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହର୍ଷି ପରାଶରଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ପରମେଶ୍ୱର ମୁଣ୍ଡ ମହର୍ଷି ପରାଶରଙ୍କ ସଂକ୍ଷିପ୍ତ ଜୀବନୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ସ୍ନେହଲତା ଷଡ଼ଙ୍ଗୀ (ମୁଣ୍ଡ) ଙ୍କୁ ତାଙ୍କ ଉଲ୍ଲେଖନୀୟ କୃତି 'ଶ୍ରୀମଦ୍ ଭାଗବତ ଗୀତା' ଗ୍ରନ୍ଥକୁ ଓଡ଼ିଆ ଭାଷାରେ ଅନୁବାଦ ପାଇଁ ମୁଣ୍ଡ ପରାଶର ପରିବାର ତରଫରୁ ପୂର୍ବତନ ଜିଲ୍ଲା ସଭାପତି ଡାକ୍ତର ଅଶୋକ ମୁଣ୍ଡଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାନ୍ତୀୟ ସମ୍ପାଦକ ସୁଧୀର ରଞ୍ଜନ ମୁଣ୍ଡ, ଉପସଭାପତି ସନତ ମୁଣ୍ଡ, ଜିଲ୍ଲା ସଭାପତି ସନ୍ତୋଷ କୁମାର ମୁଣ୍ଡ, ଜିଲ୍ଲା ଉପସଭାପତି ଦୀନବନ୍ଧୁ ମୁଣ୍ଡ, ଜିଲ୍ଲା ଆବାହକ ଜିତେନ୍ଦ୍ର ମୁଣ୍ଡ, ଯୁଗ୍ମ ସମ୍ପାଦକ ସୁଚ୍ଛଳଦେବ ମୁଣ୍ଡ, ସମରେନ୍ଦ୍ର ମୁଣ୍ଡ, ହେମନ୍ତ କୁମାର ମୁଣ୍ଡ, ଶିକ୍ଷାବିତ ପରମେଶ୍ୱର ମୁଣ୍ଡ, ସ୍ନେହଲତା ମୁଣ୍ଡ, ଚିତ୍ତରଞ୍ଜନ ମୁଣ୍ଡ, ଓ ବର୍ଣ୍ଣି ମୁଣ୍ଡଙ୍କ ସହଯୋଗରେ ଉତ୍ସବଟି ସଫଳତାର ସହ ଆୟୋଜନ କରାଯାଇଥିଲା। ପ୍ରାନ୍ତୀୟ ଆବାହକ ଜଗନ୍ନାଥ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ବସନ୍ତ ବିଶ୍ୱାଳଙ୍କ ସ୍ମୃତି ଦିବସ ପାଳିତ

**ଭବାନୀପାଟଣା, ୮।୯ (ସମିସ):** ସ୍ଥାନୀୟ ଏସ୍.କେ. ହିଲ୍ ଭିୟୁ ଠାରେ କର୍ମଯୋଗୀ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଏବଂ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମିଳିତ ଆନୁକୂଲ୍ୟରେ ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ବସନ୍ତ ବିଶ୍ୱାଳ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାରଳା ସମ୍ମାନପ୍ରାପ୍ତ ଜୟନ୍ତ କୁମାର ବେହେରା, ଅବସରପ୍ରାପ୍ତ ଟ୍ରେଜେରି ଅଫିସର ମହମଦ ବୁର୍‌ହାନ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ସତ୍ୟନାରାୟଣ ସିଂ, ଜିଲ୍ଲା କମିସନର ସ୍କାଉଟ୍ ମହେନ୍ଦ୍ର କୁମାର ପଣ୍ଡା ଜିଲ୍ଲା କମିସନର ଗାଇଡ୍ ବିଷ୍ଣୁପ୍ରିୟା ନାଏକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଗାଇଡ ସମ୍ପାଦକ ରୂପସିଂ ରାଉତ ଯୋଗଦେଇ ଥିଲେ।



ଏହି ଅବସରରେ ବେଷ୍ଟ ସ୍କାଉଟ୍ସ ମାଷ୍ଟର ଭାବରେ ଭବାନୀ ଲହଜଲ, ବାଲଗୋପାଲ ସେବା ନିକେତନ, ବେଷ୍ଟ ଗାଇଡ୍ସ ଭାବରେ ଚିନ୍ମୟୀ ସା, ବାପୁଜୀ ଉଚ୍ଚ ବିଦ୍ୟାଳୟ କିକିଆ ଓ ବେଷ୍ଟ ସ୍କାଉଟ୍ସ ଭାବରେ ଅତୁଲ ମହାରଣା, ମୁନ୍‌ସିପାଲ ପି.ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସରକାରୀ ଚାକିରିରୁ ଅବସର ନେଇଥିବା ସ୍କାଉଟ୍ ମାଷ୍ଟର ତଥା ଲିଡର ଟ୍ରେନ୍‌ର ଧୀରେନ୍ଦ୍ର କୁମାର ପଣ୍ଡା ଓ ପବିତ୍ର ମୋହନ ପାଶାଙ୍କୁ ସମ୍ମାନିତ କରାଯାଉଥିଲା। ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ସ୍କାଉଟ୍ ଶିକ୍ଷକ ତଥା ଯୁଗ୍ମ ସମ୍ପାଦକ ସନାତନ ସାହୁ ମଞ୍ଚ ପରିଚଚାଳନା କରିଥିଲେ।

## ଶିକ୍ଷାମନ୍ତ୍ରୀଙ୍କ ଅଚାନକ ପରଶଖୋଲ ସ୍କୁଲ ପରିଦର୍ଶନ



**ନୂଆପଡ଼ା, ୮।୯(ସମିସ):** ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସିଥିବା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଅଚାନକ ଭାବେ ସ୍ଥାନୀୟ ପରଶଖୋଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ଶିକ୍ଷକମାନଙ୍କ ଉପସ୍ଥାନ, ବିଦ୍ୟାଳୟ ପରିବେଶ ସହ ବିଦ୍ୟାଳୟ ଶ୍ରେଣୀକୋଠରି ସ୍ଥିତି ଦେଖିଥିଲେ। ହେଲେ ବିଦ୍ୟାଳୟ ଗୃହ ଗୁଡ଼ିକର ଦୟନୀୟ ସ୍ଥିତି ଦେଖି ମର୍ମାହତ ହୋଇଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ଜଣ ପିଲାଙ୍କ ପାଇଁ ମାତ୍ର ତିନିଟି କୋଠରି କାର୍ଯ୍ୟକ୍ଷମ ରହିଥିବାବେଳେ ବାକିସବୁ ଭଙ୍ଗାଦଦରା ରହିଥିବାରୁ ଦୁଃଖ ପ୍ରକାଶ କରିଥିଲେ।

**ବିପଦପୂର୍ଣ୍ଣ ଗୃହଦେଖି ମର୍ମାହତ**

ବିଦ୍ୟାଳୟର ପରିବେଶ ସବୁଜ ରଖିବା ସହ ଡ୍ରପ୍‌ଆଉଟ ଛାତ୍ରଙ୍କୁ ସ୍କୁଲ ମୁହାଁ କରିବାକୁ ପରାମର୍ଶ କରିଥିଲେ। ବିଦ୍ୟାଳୟ ଗୃହ ନିର୍ମାଣ ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରିବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗାଁ ବିଦ୍ୟାଳୟକୁ ପ୍ରଥମ କରି ଜଣେ ମନ୍ତ୍ରୀ ଆସିଥିବାରୁ ଗ୍ରାମବାସୀ ଖୁସି ପ୍ରକଟ କରିଥିଲେ।

## ଖଣ୍ଡାବସା ଉତ୍ସବ ପାଇଁ ପ୍ରସ୍ତୁତି

**ଜୁନାଗଡ଼, ୮।୯(ସମିସ):** ସେପ୍ଟେମ୍ବର୧୪ରେ ଜୁନାଗଡ଼ ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବ। ଏହି ଉତ୍ସବକୁ ଜୁନାଗଡ଼ ମହୋତ୍ସବ କମିଟି ଏକ ପ୍ରସ୍ତୁତି ବୈଠକ ଉତ୍ସବ କମିଟି ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଲଙ୍କେଶ୍ୱରୀ କ୍ଲବଠାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ଉତ୍ସବ କମିଟିର ଉପଦେଷ୍ଟା ନଗରପାଳ ହିମାଦ୍ରୀ ନାଏକ ୱାର୍ଡସଭ୍ୟ ହିମାଦ୍ରୀ ସିନ୍ଦୁର, ୱାର୍ଡସଭ୍ୟ କାହ୍ନୁ ବୈଠରୁ, ଚକ୍ରଧର ବାଗ, ଭୁପେନ୍ଦ୍ର ଦଣ୍ଡସେନା ଜୁନାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ, କନ୍ଦର୍ପଗୁରୁ ଉତ୍ସବ କମିଟି ଉପସଭାପତି ଲଳିତ ଅଗ୍ରୱାଲ ସମ୍ପାଦକ ହମାଂଶୁ ଶେଖର ବରାଡ଼, ଉପଦେଷ୍ଟା ଈଶ୍ୱର ପୂଝାରୀ, ଅଶୋକ କୁମାର ପଟ୍ଟନାୟକ, ଉଦ୍ଧବ ସାହୁ, ବରିଷ୍ଠ ସଦସ୍ୟ ସରୋଜ ପଣ୍ଡା, ରଞ୍ଜନ ଜାଲ ଓ ମା ଲଙ୍କେଶ୍ୱରୀ କ୍ଲବ ତରଫରୁ ସଭାପତି ରାଜା ମହାଲିକ, ଲୋକେଶ ନାଏକ ସଞ୍ଜୀବ ନାଏକ ଗୋବିନ୍ଦ ଚଳାନ ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ଉପଦେଷ୍ଟା ଈଶ୍ୱର ପୂଝରୀ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ସଭାପତି ଚୟନ ପାଇଁ ସୃଜନ ସଂଗଠନ ଅଭିଯାନ

**କେସିଙ୍ଗା, ୮।୯(ସମିସ)** ଜାତୀୟ କଂଗ୍ରେସ ପକ୍ଷରୁ ସାରା ଦେଶରେ ଚାଲିଛି ଜିଲ୍ଲା ସଭାପତି ଚୟନ ପାଇଁ ସୃଜନ ସଂଗଠନ ଅଭିଯାନ। ଆଜି ସୃଜନ ସଂଗଠନ ଅଭିଯାନ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ଥିଥ ଆରଏମସି କନଫରେନ୍ସ ହଲରେ ହୋଇଥିଲା। ଟାଉନ ସଭାପତି ସୁଭାସ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସେଖ ମସ୍ତାନ ୱାଲି ଓ ରାଜ୍ୟ ପର୍ଯ୍ୟବେକ୍ଷକ ପୂର୍ବତନ ଫୁଲବାଣୀ ବିଧାୟକ ଅଭିମନ୍ୟୁ ବେହେରା ଯୋଗଦେଇଥିଲେ। ଆଗାମୀ ଦିନରେ କଂଗ୍ରେସ ଦେଶରେ ଓ ରାଜ୍ୟରେ ଶାସନ ଭାର ସମ୍ଭାଳି ଦେଶର ପ୍ରଗତି କରିବ ବୋଲି ଉପସ୍ଥିତ କର୍ମୀଙ୍କୁ ଉତ୍ସାହିତ କରିଥିଲେ। କଂଗ୍ରେସ ଲୋକସଭା ପ୍ରାର୍ଥୀ ଦ୍ରୌପଦୀ ମାଝୀ, ଜିଲ୍ଲା ଯୁବ କଂଗ୍ରେସର ମହମ୍ମଦ ସାହେବ, ପୂର୍ବତନ ନଗରପାଳ ରାମକୁମାର୍ ଜୈନ, ମହେନ୍ଦ୍ର ନାଏକ, ବିଶ୍ୱାସୀ ନାଏକ, ରାମଜୀ ମାତଖଣ୍ଡିଆ, ରାମଲାଲ ସୁନାନୀ, ବିଜୟ ଦୀପ, ଡାକ୍ତର ଏହେଶାନ ଖାନ, ରତନ ଦୀପଙ୍କ ସମେତ ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ନେତାମାନେ ଉପସ୍ଥିତ ଥିଲେ।

## ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକରେ ଶୋକ

**କୋମନା, ୮।୯(ସମିସ):** ନୂଆପଡ଼ା ବିଧାନସଭା ଆସନର ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଙ୍କ ସୋମବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମ୍ପୂର୍ଣ୍ଣ କୋମନା ବ୍ଲକର ଗାଁ ଗଣ୍ଡାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସମାଜ ସେବା ଠାରୁ ଜୀବନ ଆରମ୍ଭ କରି ଖରୀଆର ରୋଡ ଏନ୍ ଏ ସି ଅଧ୍ୟକ୍ଷ, ପରେ ବିଧାୟକ ହୋଇଥିଲେ। ତିନିଥର ବିଧାୟକ ହୋଇ ନବୀନ ସରକାରରେ ଯୋଜନା ସଂଯୋଜନ ମନ୍ତ୍ରୀଭାବେ ଦାୟିତ୍ୱ ନେଇ ଜିଲ୍ଲାରେ ବିଜେଡି ସଂଗଠକ ଭାବେ ତୃଣମୂଳସ୍ତରରେ କାର୍ଯ୍ୟ କରିଥିଲେ। ଦୀନ, ଦୁଃଖୀ, ଗରିବ ତଥା ସମସ୍ତଙ୍କୁ ସମ ଚକ୍ଷୁରେ ଦେଖୁଥିଲେ। ଯାହାଦ୍ୱାରା ତାଙ୍କର ଦେହାନ୍ତରେ କୋମନା, ମହୁଲଭଟା, ପେଣ୍ଡରାବନ, ତରବୋଡ଼, କୁରେଶ୍ୱର, ବୁଦ୍ଧିକୋମନା, ଟିକ୍ରାପଡ଼ା, କୁରେଶ୍ୱର, ଲଖନା, କୁରୁମପୁରୀ, ସୁନାବେଡା ସୋସେଙ୍ଗ ଆଦି ସମସ୍ତ ଅଞ୍ଚଳ ବାସୀ ଗଭୀର ଶୋକ ପ୍ରକଟ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

### ଜନ ଶୁଣାଣି ଓ ସମାଧାନ ଶିବିର

## ୧୪୭ ଅଭିଯୋଗରୁ ୨୭ ତୁରନ୍ତ ସମାଧାନ

**ଧର୍ମଗଡ଼/ଗୋଲାମୁଣ୍ଡା, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ବୃନ୍ଦାବାହାଲ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪୭ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୨୭ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଜିଲ୍ଲା ପରିଷଦ ହେମାଙ୍ଗିନି ରାଉତ, ସରପଞ୍ଚ ଦିନେଶ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, କନିଷ୍ଠଯନ୍ତ୍ରୀ ମହେଶ ନାଏକ, ସାମାଜିକ ସୁରକ୍ଷା ବିଭାଗର ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗ ରୁ ଦିବ୍ୟରାଜ ଭୋଇ, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟଜଳ ବିଭାଗରୁ ରିତାରାଣୀ କିଶାନ, ଶିକ୍ଷା ବିଭାଗରୁ ସିଆରସିସି ଖିରାବ୍ଧି ତନୟ ମଶ୍ରା, ସରସ୍ୱତୀ ମେହେର, ଏଏଫ୍‌ଓ ବନ୍ଦନା ରାଣୀ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗରୁ ହୃଷିକେଶ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ନାଏକ, ପିଇଓ ପୁରୁଷୋତ୍ତମ ନାଏକଙ୍କ ସମେତ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ବୃନ୍ଦାବାହାଲ ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ଉକ୍ତ ଅବସରରେ ବୃନ୍ଦାବାହାଲ ଗ୍ରାମର କ୍ଷେତ୍ର ହଂସ ଓ ଖଲିଆପାଲି ଗ୍ରାମର ମେଘ ଚଲାନ ଙ୍କୁ ବ୍ଲକ ଅଧ୍ୟକ୍ଷ ନିଜସ୍ୱ କର୍ପସ ଫଣ୍ଡରୁ ୧୦ ହଜାର ଟଙ୍କା ଲେଖାଏଁ ଓ ବୃନ୍ଦାବାହାଲ ଗ୍ରାମର ନିରାଶ ରାଉତଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। କ୍ଷେତ୍ର ହଂସ ଓ ନିରାଶ ରାଉତ ଏକ ଗରିବ ପରିବାର ହୋଇଥିବା ବେଳେ ସେମାନେ ରୋଗା ଗ୍ରସ୍ତ ହୋଇ ଥିବାରୁ ତାଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ଏହି ଟଙ୍କା ପ୍ରଦାନ କରାଯାଇଥିଲା।

### କଂଗ୍ରେସ ପକ୍ଷରୁ ସୃଜନ ସଂଗଠନ ଅଭିଯାନ

## ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାରେ ସାମିଲ ହେଲେ କର୍ମୀ

**ଥୁଆମୂଳ ରାମପୁର, ୮।୯(ସମିସ):** କଂଗ୍ରେସ ତାର ସଂଗଠନକୁ ମଜଭୁତ କରିବା ପାଇଁ ବିଭିନ୍ନ ସମୟରେ ସାଂଗଠନିକ କାର୍ଯ୍ୟକ୍ରମ କରିଆସୁଛି। କେନ୍ଦ୍ରରେ ପୁଣି ନିଜ ସ୍ଥିତି ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି ପାର୍ଟି। ବର୍ତ୍ତମାନ ଏଆଇସିସିର ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ରାଜ୍ୟରେ ସୃଜନ ସଂଗଠନ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଦୃଢ଼ ସଂଗଠନ ପାଇଁ ଦୃଢ଼ ନେତୃତ୍ୱ ଚୟନ ପ୍ରକ୍ରିୟା ଜାରି ରଖିଛି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି ଅଭିଯାନ ଚାଲିଛି। ଏହି ଅଭିଯାନରେ ଏଆଇସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଜିଲ୍ଲା ସଭାପତି ପାଇଁ କର୍ମୀମାନଙ୍କୁ ନେଇ ଚୟନ ପ୍ରକ୍ରିୟା ସାମିଲ କରାଯାଉଛି। କଳାହାଣ୍ଡି ଏଆଇସିସି ପର୍ଯ୍ୟବେକ୍ଷକ ଶେଖ୍ ମୁସ୍ତାନ ଅଲୀଙ୍କ ନେତୃତ୍ୱରେ ଏକ କମିଟି ଜିଲ୍ଲା ସଭାପତି ଚୟନ ପାଇଁ ରବିବାର ଥୁଆମୂଳ ରାମପୁର ବ୍ଲକ କର୍ମୀ ସମ୍ମିଳନୀରେ ଯୋଗଦେଇ ସଂଗଠନ ଉପରେ ଆଲୋଚନା କରିଥିଲେ। ରବିବାର କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଂଯୋଜକ ଜଳନ୍ଧର ନାଏକଙ୍କ ସଂଯୋଜନାରେ ଆୟୋଜିତ କର୍ମୀ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ନେତ୍ରୀ ଦ୍ରୌପଦୀ ମାଝୀ, ମହମ୍ମଦ ସାହେବ୍, ଦେବେନ୍ଦ୍ର ନାୟକ, ମନୋରଞ୍ଜନ ନାଏକ, ସନାଙ୍ଗ ପରାଭୋଇ, ପରମେଶ୍ୱର ନାଏକ, ପ୍ରଧାନୀ ନାଏକ, ରାଧେକୃଷ୍ଣ ଧଙ୍ଗଡ଼ାମାଝୀ, କୁଞ୍ଜ ବିହାରୀ ନାଏକ, ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ, ଗୁଞ୍ଜେନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




### ଧରାବତରଣ କରିବେ ଜଗତଜନନୀ ମା' ଦୁର୍ଗା

## ଧରଣୀରାଣୀ ବାନ୍ଧିଲାଣି କାଶତଣ୍ଡୀର ବେଣୀ

**କୋକସରା, ୮।୯(ସମିସ)**

ନୂଆଖାଇରେ ନବାନ୍ନ ଭକ୍ଷଣ କରି ନୂଆ ଧାନକୁ ନେଇ ନୂଆ ସପନରେ ବିଭୋର ଚାଷୀ। ଚାଷୀର ସପନକୁ ଅଧିକ ରଙ୍ଗୀନ କରିବାକୁ କୃଷି କ୍ଷେତ୍ରର ହୁଡ଼ା ଉପରେ କାଶତଣ୍ଡିର ଆବିର୍ଭାବ ହୋଇଛି। ଏବେ ପାର୍ବଣ ଆଣି ଆସିଛି ଖୁସିର ଫଲଗୁ ଧାରା। ମା'ଙ୍କ ଆଗମନରେ ପୁଲକିତ ହେଉଛି ଧରଣୀରାଣୀ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ନଦୀ, ନାଳ, ବିଲ ଆଦି ସବୁଜିମା କୋଳରେ କାଶତଣ୍ଡିର ଖିଲିଖିଲି ହସ। ମା'ଙ୍କ ଆଗମନରେ ନିଜକୁ ଉତ୍ସର୍ଗ କରି ଧବଳ ଶାଢ଼ିରେ ସଜେଇ ହୋଇଛି ଧରଣୀରାଣୀ। ଚାଷ ଜମି ହେଉକି ନଦୀ ପଠା ସବୁଆଡେ କାଶତଣ୍ଡିର ପସରା। ଶରତ ଋତୁରେ ଧରଣୀ ବାନ୍ଧିଲାଣି କାଶତଣ୍ଡୀର ବେଣୀ। ଖୋସାରେ ଖୋସିଲାଣି ଧୋବ ଫରଫର ଫୁଲ। ଆଉ ମାଟିର ସେ ଲାଜେଇ ହସ ଦେଖି ଆକାଶ ବି ହୃଦୟଦେବାକୁ ବସିଲାଣି। ମାଆ ଆସୁଛନ୍ତି, ଜଗତ ଜନନୀ ଧରାବତରଣ କରୁଛନ୍ତି, ଏହି ସୁସମ୍ବାଦ ନେଇ ବାଟେଘାଟେ ଫୁଟେ କାଶତଣ୍ଡୀ ଫୁଲ। ଭାରତରେ ପ୍ରତିବର୍ଷ ମହାଶକ୍ତି ଦେବୀ ଦୁର୍ଗାଙ୍କର ପୂଜା ଦୁଇଥର ଅନୁଷ୍ଠିତ ହୁଏ। ବିଶେଷ କରି ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଓ ଏହା ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ। ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜଗତ ତିଷ୍ଠି ରହି ନିଜର ଜୀବିକା ନିର୍ବାହ କରି ଆସୁଛି, ସେହି ମା' ଧରିତ୍ରୀ ରାଣୀର ବଦାନ୍ୟପ୍ରାପ୍ତିରେ ଉତ୍ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରିଥାଏ। ଏହା ଏକ ସାର୍ବଜନୀନ ପୂଜା ହୋଇଥିବାରୁ ଶାରଦୀୟ ଦେବୀପୂଜା ଭାବେ ଲୋକପ୍ରିୟତା ଲାଭ କରିଛି। କାରଣ ଏହି ପର୍ବ ଭାରତର ପୁରପଲ୍ଲୀର କୋଣ ଅଣୁ କୋଣରେ ଦଶହରା ପର୍ବରୂପେ ପାଳିତ ହୋଇଆସୁଛି। ଏହି ପର୍ବର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଦେବୀଙ୍କ ଉପାସନା କରିବା। ସିଂହବାହିନୀ ଆଦ୍ୟା ମହାଶକ୍ତି ଦୁର୍ଗା ମହିଷାସୁରକୁ ବଧ କରି ଜଗତର ମଙ୍ଗଳ ବିଧାନ କରିଥିଲେ। ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା। ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା। ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ଘଟିଲା। ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା। ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା। କୋକସରା ବ୍ଲକର ବିଭିନ୍ନ ଶକ୍ତିପୀଠରେ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଯାଇଛି ଷୋଡ଼ଶ ଉପଚାର ପୂଜା। ଏହାପରେ ମୃଣ୍ମୟ ଦେବୀଙ୍କ ପୂଜା ମୋଟେର, ଓଲମା, ଲଡୁଗାଁ, କୋକସରା, ଟେମରା, ଶ୍ରୀରାମପୁର ଓ ସାନପୋଡାଗୁଡା ଆଦି ପୂଜା ମଣ୍ଡପରେ ପୂଜା ପାଇବେ ଦେବୀ ଦୁର୍ଗା। ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି।

## ନିଃଶୁଳ୍କ ଆକ୍ୟୁପ୍ରେସର୍ ଥେରାପି ଚିକିତ୍ସା ଶିବିର




**ଧର୍ମଗଡ଼, ୮।୯(ସମିସ):** ଧର୍ମଗଡ଼ ଜଗନ୍ନାଥ ସେବା ସମିତି ତତ୍ୱାବଧାନରେ ଶ୍ରୀକୃଷ୍ଣ ଭବନଠାରେ ନିଃଶୁଳ୍କ ଆକ୍ୟୁପ୍ରେସର୍ ଥେରାପି ଚିକିତ୍ସା ଶିବିର ଶୁଭାରମ୍ଭ ହୋଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଡିଏସ୍‌ପି ଡୋଳାମଣି ଭୋଇ, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ସମାଜସେବୀ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଲିଙ୍ଗରାଜ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଡାକ୍ତର କୌଶଳ ସିଂ ରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀଙ୍କ ଦ୍ୱାରା ସାତ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ବିଭିନ୍ନ ରୋଗର ଉପଚାର ବିନା ଔଷଧ ରେ ଆକ୍ୟୁ ପ୍ରେସର୍ ଥେରାପି ଦ୍ୱାରା ମାଗଣାରେ କରାଯିବ ଓ ଏହି ଚିକିତ୍ସା ର ସୁଯୋଗ ନେବା ପାଇଁ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଥିଲେ।

# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ଗରମ ଟ୍ରମ୍ପ ନରମ

ଟ୍ରମ୍ପ ଓ ମୋଦୀଙ୍କ ମତ ବିନିମୟରୁ ସକାରାତ୍ମକ ସଂପର୍କର ଆଭାସ ନେଇ କୂଟନୈତିକ ମହଲ ବେଶ ଆଶାବାଦୀ । ଟ୍ରମ୍ପ ସ୍ୱୀକାର କରନ୍ତୁ ବା ନ କରନ୍ତୁ ତାଙ୍କର ଭାରତ ବିରୋଧୀ କଟୁମନ୍ତବ୍ୟ ଓ ଅତିରିକ୍ତ ଟାରିଫ ଘୋଷଣା ଭାରତକୁ ବାଧ୍ୟ କରିଛି ବିକଳ୍ପ ମଞ୍ଚକୁ ଆଦରି ନେବା ପାଇଁ । ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀରେ ଯୋଗଦେଇ ମୋଦୀ ରୁଷ ରାଷ୍ଟ୍ରପତି ପୁଟିନ ଓ ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ନିକଟବର୍ତ୍ତୀ ହୋଇଛନ୍ତି । ଆମେରିକା ବିରୋଧୀ କୂଟନୈତିକ ମଞ୍ଚକୁ ମୋଦୀଙ୍କ ଉପସ୍ଥିତି ବଳ ଦେଇଛି । ବିଶ୍ୱ କୂଟନୈତିକ ମହଲ ଭଲଭାବରେ ଜାଣେ ଯେ ଚୀନ, ଭାରତର ସ୍ୱାଭାବିକ ସହଯୋଗୀ ନୁହେଁ । ଦୁଇ ଦେଶର ସୀମାକୁ ନେଇ କ୍ରମାଗତ ଉତ୍ତେଜନା ଲାଗି ରହିଥିବା ବେଳେ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନକୁ ଚୀନର ସହଯୋଗିତା ଓ ସହଭାଗିତାକୁ ଭାରତ କୌଣସି ପରିସ୍ଥିତିରେ ବରଦାସ୍ତ କରେ ନାହିଁ । ଟ୍ରମ୍ପ ମଧ୍ୟ ପାକିସ୍ତାନ ପ୍ରତି କୋହଳ ଓ ନରମ ମନୋଭାବ ଘୋଷଣା କରି ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତକୁ କ୍ଷୁବ୍ଧ ଓ ଅସନ୍ତୁଷ୍ଟ କରିବା । ଏଭଳି ଏକ କୂଟନୈତିକ ଛକାପଞ୍ଝା ମଧ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭାରତ ।

ଭାରତର ବିଶାଳ ବଜାର ଓ ପ୍ରଭାବୀ ଭୂମିକାକୁ ବିଚାର କଲେ ଦକ୍ଷିଣ ଏସିଆରେ ଆମେରିକାର ସହଯୋଗୀ ହେବାର ଶକ୍ତି ତଥା ସାମର୍ଥ୍ୟ ରଖିଛି । ବ୍ୟକ୍ତିଗତ ଦ୍ୱେଷ ଓ କ୍ଷୋଭକୁ ଭିତ୍ତିକରି ରାଷ୍ଟ୍ରୀୟ ବୃହତ୍ତର ସ୍ୱାର୍ଥକୁ ବଳି ପକାଯାଏନି । ବିଳମ୍ବରେ ଏକଥା ବୁଝିଛନ୍ତି ଟ୍ରମ୍ପ । ତେଣୁ ତାଙ୍କ ଚରମ ସ୍ୱଭାବ ଏବେ ନରମିଛି । ଭାରତ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ସେ କହିଛନ୍ତି ସେ ସର୍ବଦା ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁ ଭାବେ ରହିବେ । ସେ ଜଣେ ମହାନ ପ୍ରଧାନମନ୍ତ୍ରୀ । ପ୍ରତ୍ୟୁତ୍ତରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ । ଟ୍ରମ୍ପଙ୍କ ପୋଷ୍ଟର ଉତ୍ତରରେ ସେ କହିଛନ୍ତି ଯେ 'ଆମ ସଂପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ଗଭୀର ପ୍ରଶଂସା କରିବା ସହ ସମାନ ଭାବନା ଓ ମନୋଭାବ ସେ ପୋଷଣ କରନ୍ତି । ଦୁଇ ଦେଶ ମଧ୍ୟରେ ସହଯୋଗିତାର ବ୍ୟାପକ ସୁଯୋଗ ଆଗକୁ ରହିଛି ।'

ଏସବୁ ସତ୍ତ୍ୱେ ରୁଷରୁ ତୈଳ ଆମଦାନୀ ଓ ବ୍ରିକ୍ସରେ ସକ୍ରିୟ ଭୂମିକା ନେଇ ଆମେରିକା ନିଜର ଅସନ୍ତୋଷକୁ ଭାରତ ଉପରେ ଜାହିର କରିଚାଲିଛି । ତେବେ ପରିବର୍ତ୍ତିତ ସକାରାତ୍ମକ ସଂପର୍କର ପୃଷ୍ଠଭୂମିରେ ମୋଦୀ ଯଥାସମ୍ଭବ କୂଟନୈତିକ ବିବାଦରୁ ଦୂରେଇ ରହିବା ସକାଶେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗ ନଦେବାକୁ ସ୍ଥିର କରିଛନ୍ତି । ସେପ୍ଟେମ୍ବର ୨୬ରେ ସେ ନିଜର ବକ୍ତବ୍ୟ ରଖିବା ଲାଗି ସ୍ଥିର ହୋଇଥିଲା । ଏବେ ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ । ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମ ଥର ଜାତିସଂଘ ସାଧାରଣ ଅଧିବେଶନରେ ଭାଷଣ ଦେବେ । ରୁଷ-ୟୁକ୍ରେନ ଯୁଦ୍ଧ ପୃଷ୍ଠଭୂମିରେ ତାଙ୍କର ଆକ୍ଷେପ ଓ ଆଭିମୁଖ୍ୟ ଉପରେ ଭାରତ ସ୍ୱାଭାବିକ ଭାବେ ସତର୍କ ଦୃଷ୍ଟି ରଖିଛି । ସମୟ କହିବ, ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ଆଗକୁ କେଉଁ ରୂପ ନେବ ।

## ହାରାହାରି ଆୟୁ ବଢୁଛି

ଦେଶରେ ଦିନକୁ ଦିନ ବୟସ୍କଙ୍କ ସଂଖ୍ୟା ବଢୁଛି । ବର୍ଦ୍ଧିତ ହାରାହାରି ଆୟୁ ସୀମାରୁ ସ୍ପଷ୍ଟ ଯେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସରକାରୀ ସ୍ତରରେ ବୀମା ପ୍ରଚଳନର ସୁଫଳ ଅନୁଭୂତ ହେଉଛି । ହୋଇପାରେ ବୀମା କଂପାନୀ ଓ କର୍ପୋରେଟ ହସ୍ପିଟାଲ ସହଭାଗିତାରେ ଏହି ଅର୍ଥ ବାଟ ମାରଣା ହୋଇଛି । ଏସବୁ ସତ୍ତ୍ୱେ ସ୍ୱାସ୍ଥ୍ୟ ବୀମା ବୟସ୍କଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସହଜ ଓ ସରଳ କରିଛି । ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ(ଆରଜିଆଇ)ଙ୍କ ରିପୋର୍ଟରୁ ପ୍ରକାଶ ଯେ ଭାରତୀୟ ପୁରୁଷଙ୍କ ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାଙ୍କ ୭୨.୫ ବର୍ଷରେ ପହଞ୍ଚିଛି । ଅପେକ୍ଷାକୃତ ସଚେତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ସମର୍ଥ ରାଜ୍ୟ କେରଳ ଓ ଦିଲ୍ଲୀରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ଓ ୭୪ ବର୍ଷ । ଏହି ପରିସଂଖ୍ୟାନ ଉଲ୍ଲେଖ କଲା ବେଳେ ସ୍ୱାଭାବିକ ଭାବେ ଜାପାନ, ଚୀନ ଓ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଆମେ ଭାରତକୁ ତୁଳନା କରିପାରିବା । ତେବେ ଭାରତକୁ ଯୁବକଙ୍କ ଦେଶ ଓ ମାନବ ସମ୍ବଳ ଦୃଷ୍ଟିରୁ ବ୍ୟାପକ ସୁବିଧା ଓ ସୁଯୋଗ ରହିଛି ବୋଲି ଯେଉଁ ଦାବି କରାଯାଉଥିଲା ତାହା କ୍ରମେ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି । ପ୍ରଜନନ କ୍ଷମତା ହ୍ରାସ ଏହାର ଅନ୍ୟତମ କାରଣ ।

ଆରଜିଆଇଙ୍କ ତଥ୍ୟାନୁଯାୟୀ ପ୍ରତି ୧୦ ଜଣ ଭାରତୀୟଙ୍କ ମଧ୍ୟରେ ଜଣଙ୍କର ବୟସ ଅନ୍ତତଃ ୬୦ ବର୍ଷରୁ ଉର୍ଦ୍ଧ୍ୱରେ । ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୬.୪ ପ୍ରତିଶତ । ୨୦୧୧ ଜନଗଣନା ପରେ ଏଥିମଧ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ପ୍ରାୟ ୧ ପ୍ରତିଶତ ବଢିଛି । କେରଳରେ ବରିଷ୍ଠ ନାଗରିକଙ୍କ ହାର ୧୫.୧ ପ୍ରତିଶତ ହୋଇଛି । ଏହା ପଛକୁ ତାମିଲନାଡୁରେ ୧୪ ପ୍ରତିଶତ ଓ ହିମାଚଳରେ ୧୩.୨ ପ୍ରତିଶତ ରହିଛି ।

ବୟସ୍କଙ୍କ ସଂଖ୍ୟା ଅନୁପାତିକ ଭାବେ ବୃଦ୍ଧି ପାଇ ଯୁବ ସମ୍ବଳ ହ୍ରାସ ଧାରା ଜାରି ରହିଲେ ଦେଶର ଅର୍ଥନୀତି ଉପରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ସମାଜତତ୍ତ୍ୱବିତ୍‌ମାନେ ଯେଉଁ ଆଶଙ୍କା ପ୍ରକାଶ କରିଛନ୍ତି ତାହା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ନିଯୁକ୍ତି ଓ ଉପାର୍ଜନ ଅଭାବରୁ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ଓ ଅସନ୍ତୋଷର କାୟା ବିସ୍ତାରକୁ ଅନ୍ତତଃ ଏହା ହ୍ରାସ କରିପାରିବ । ବେରୋଜଗାର ଯୁବସମ୍ବଳ ସରକାରଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛନ୍ତି । ସେହିଭଳି ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସ୍ୱାସ୍ଥ୍ୟ ସେବା, ପେନସନ ଓ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କୁ ଅଧିକରୁ ଅଧିକ ଧ୍ୟାନ ଦେବାକୁ ପଡିବ ।

ଏହି ତର୍ଜମା ଓ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବା ପୂର୍ବରୁ ଏକଥା କୁହାଯାଇପାରେ ଯେ ଆଗାମୀ ଜନଗଣନା ରିପୋର୍ଟ ହିଁ କହିବ ସ୍ଥିତି କଣ । ଦେଶର ଅର୍ଥନୈତିକ ପ୍ରଗତି ଓ ପରିବର୍ଦ୍ଧିତ କାର୍ଯ୍ୟଧାରାକୁ ସମ୍ଭାଳିବା ପାଇଁ ପର୍ଯ୍ୟାପ୍ତ ଯୁବ ସମ୍ବଳ ରହିଛି । ସେମାନଙ୍କୁ ମାର୍ଗଦର୍ଶନ କରାଇବାରେ ବୃଦ୍ଧି ପାଉଥିବା ବୟସ୍କଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ବିଶେଷ ଭାବରେ ସହାୟକ ହେବ ।

# କେତେ ସ୍ୱାଧୀନ ଆମ ଗଣମାଧ୍ୟମ

**ଗୋଧନେଶ୍ୱର ହୋତା**

ବୁଦ୍ଧଜାତକର ଏକ ଜଣାଶୁଣା କାହାଣୀ ହେଲା ଏକଦା ବୋଧିସତ୍ତ୍ୱ ଜଣେ ରାଜକୁମାର ରୂପେ ଜନ୍ମ ନେଇ ସର୍ବଦା ଚୁପ୍ ରହୁଥିଲେ । ସେଥିପାଇଁ ତାଙ୍କ ବାପା-ମା'ଙ୍କର ଦୁଃଖର ସୀମା ନଥିଲା । ଦିନେ ରାଜକୁମାର ବଗିଚାରେ ଧ୍ୟାନରତ ଥିବା ବେଳେ ଗୋଟିଏ ପକ୍ଷୀର କାକଳିରେ ବିରକ୍ତ ହୋଇପଡ଼ିଲେ । ତାଙ୍କ ସୁରକ୍ଷାରେ ଥିବା ରକ୍ଷୀ ପକ୍ଷୀଟି ପ୍ରତି ତୀରଟିଏ ନିକ୍ଷେପ କଲା । ପକ୍ଷୀଟି ତଳେ ପଡ଼ି ଛଟପଟ ହେବାରୁ ରାଜକୁମାର ତାକୁ ଆଉଁସି କହିପକାଇଲେ - 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ ।' ରାଜକୁମାର କଥା କହିବାର ଶୁଣି ରକ୍ଷୀଟି ଦୌଡ଼ିଯାଇ ରାଜାରାଣୀଙ୍କୁ ସେ ସୁଖବର ଦେଲା । ଦୌଡ଼ି ଆସିଲେ ରାଜାରାଣୀ, ପାତ୍ରମନ୍ତ୍ରୀ । କିନ୍ତୁ ସେତେବେଳକୁ ରାଜକୁମାର ଯଥାପୂର୍ବକ ନିରବ । ରାଜା ରକ୍ଷୀକୁ ଶୂଳିରେ ଚଢ଼ାଇବା ପାଇଁ ଆଦେଶ ଦେବାରୁ ବିଚାରା ରକ୍ଷୀ ପ୍ରତି କରୁଣା ପରବଶ ହୋଇ ତାକୁ ମିଥ୍ୟାବାଦୀ ଅପବାଦରୁ ରକ୍ଷା କରିବା ନିମନ୍ତେ ବୋଧିସତ୍ତ୍ୱ ଦ୍ୱିତୀୟ ଓ ଶେଷଥର ପାଇଁ ରକ୍ଷୀକୁ ଲକ୍ଷ୍ୟ କରି କଥା କହିଲେ, 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ ।' ବର୍ତ୍ତମାନ ଦେଶରେ ସାଧାରଣ ଜନତାଙ୍କ ସ୍ଥିତି ଠିକ୍ ଏମିତି । ମୁହଁ ଖୋଲିଲେ ବିପଦ ।

ଆମ ସ୍ୱାଧୀନତା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା କ'ଣ ହେବା ଉଚିତ୍? ୧୯୭୫ରେ ଆମେ ଦେଖିଲେ ଯେ ଗଣମାଧ୍ୟମ ଉପରେ ବହୁତ କଟକଣା ଲାଗିଥିଲା ଏବଂ ଆଜି ମଧ୍ୟ ଆମ ସାମାଜିକ-ରାଜନୈତିକ ଦୃଶ୍ୟପଟରେ ଗଣମାଧ୍ୟମ କ'ଣ ଏତେ ସ୍ୱତନ୍ତ୍ର ରହିଛି ଯେ ଆମ ସ୍ୱତନ୍ତ୍ରତାକୁ ସୁରକ୍ଷା ଦେଇପାରିବ! ଆମ ଦେଶରେ ଗଣମାଧ୍ୟମ ଅନ୍ୟଦେଶ ତୁଳନାରେ କେତେ ସ୍ୱତନ୍ତ୍ର ତାହା ଆନ୍ତର୍ଜାତିକ ରିପୋର୍ଟ ଭିତ୍ତିରେ ହିଁ ନିର୍ଦ୍ଧାରଣ କରାଯାଇପାରିବ । ଗୋଟିଏ ସଂସ୍ଥା ଅଛି 'ରିପୋର୍ଟର ଉଇଦାଉଟ୍ ବର୍ଡର ।' ତାହାର ରିପୋର୍ଟ ମତେ ୧୮୦ଟି ଦେଶ ମଧ୍ୟରେ ସ୍ୱାଧୀନତା ପ୍ରସଙ୍ଗରେ ଆମ ଗଣମାଧ୍ୟମର ସ୍ଥାନ ୧୫୧ । ଅବଶ୍ୟ ଆମ ତଳେ ରହିଛି ଚୀନ୍, ପାକିସ୍ତାନ ଓ ଆଫ୍‌ଗାନିସ୍ତାନ । କିନ୍ତୁ ନେପାଳ ୯୦ ଓ ବାଂଲାଦେଶ ୧୪୦ ସ୍ଥାନରେ ଆମଠାରୁ ଭଲରେ ରହିଛନ୍ତି ।

ଗଣମାଧ୍ୟମର ସ୍ୱାଧୀନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୬୧ (କ) ଯୋଡ଼ା ଯାଇଥିଲା । ପରେ ଅବଶ୍ୟ ଏହାକୁ ଅଳ୍ପ ସମୟ ପାଇଁ ହଟାଇ ଦିଆଯାଇଥିଲା । ଦେଶ ଚଳାଉଥିବା ଲୋକଙ୍କ ସର୍ବଦା ଏତିକି ଉଦାରଭାବ ରହିବା ଉଚିତ୍ ନିଜ ସମାଲୋଚନାକୁ ଆଗ୍ରହର ସହିତ ଶୁଣିବାକୁ । ଗଣମାଧ୍ୟମ କିପରି ସ୍ୱାଧୀନ ରହିଥାଏ ଏବଂ ତାହାର ପରିମାପ କ'ଣ ତାହା ଯଦି ଦେଖାଯାଏ ତେବେ ଯେଉଁ ସବୁ ବଡ଼ ବଡ଼ ଗଣମାଧ୍ୟମ କେନ୍ଦ୍ର ରହିଛି ତାହା ଉପରେ କାହାର ମାଲିକାନା ସତ୍ତ୍ୱ ଅଛି ଓ କେତେ ରହିଛି, ତାହା ଦେଖିବାକୁ ହେବ । ଯଦି ଦୁଇ ବା ତିନୋଟି ବଡ଼ ବଡ଼ ଔଦ୍ୟୋଗିକ ପରିବାରର ହିଁ ମାଲିକାନା ସତ୍ତ୍ୱ ରହିଛି ତାହାର ଅର୍ଥ ହେଲା ଗଣମାଧ୍ୟମର ସ୍ୱାଧୀନତା କମ୍ ରହିଛି । ଯେଉଁ ଅଳ୍ପ ଔଦ୍ୟୋଗିକ ପରିବାର ହାତରେ ଗଣମାଧ୍ୟମର ମାଲିକାନା ସତ୍ତ୍ୱ ରହିଥିବ ସେମାନଙ୍କ ସବୁବେଳେ ସରକାରଙ୍କଠାରେ କାମ ପଡ଼ିଥାଏ । ତେଣୁ ଉପରୁ ନିର୍ଦ୍ଦେଶଥାଏ ଯେ ସରକାରଙ୍କ ବିରୁଦ୍ଧରେ ବିଶେଷ କିଛି ନ କହିବା ବା ଲେଖିବା ପାଇଁ । ଏହାକୁ ଆମେ ସମାଜଶାସ୍ତ୍ରରେ କହିଥାଉ ବନ୍ଧୁତାର ପୁଞ୍ଜିବାଦ ଅର୍ଥାତ୍ ପୁଞ୍ଜିପତି ଓ ସରକାରଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା । ଏହି ଗଠବନ୍ଧନ କାରଣରୁ କ'ଣ ପ୍ରକାଶିତ ହେବ ଓ କ'ଣ ହେବ ନାହିଁ ତାହା ସ୍ଥିର କରାଯିବ । ଏହାବ୍ୟତୀତ ଦେଖାଯାଏ ସାମ୍ବାଦିକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁଖ ସୁବିଧା କେତେ । ଯଦି ଜଣେ ସାମ୍ବାଦିକ କୋଡ଼ିଏ ହଜାର ଟଙ୍କା ଦରମା ପାଇବେ ଏବଂ ଚାଲି ଚାଲି ଅଥବା ସାଇକେଲରେ ସମ୍ବାଦ ସଂଗ୍ରହ କରିବେ, ସେ ସାମ୍ବାଦିକ କରିବେ କ'ଣ ଏବଂ କେତେ ସଚ୍ଚୋଟତାରେ ତାଙ୍କ କର୍ତ୍ତବ୍ୟ କରିବେ । ତେଣୁ ବେଳେବେଳେ ସଚ୍ଚୋଟ ଲୋକ ମଧ୍ୟ ନିଜର ସକଳ ଅନିଚ୍ଛା ସତ୍ତ୍ୱେ ନିଜର ସଚ୍ଚୋଟତାକୁ ବିକ୍ରୟ କରିବାକୁ ଏକରକମ ବାଧ୍ୟ ହୋଇଥା'ନ୍ତି । କାରଣ ସେମାନଙ୍କୁ ଘର ଚଳେଇବାର ଅଛି । ସେଥିରେ ପୁଣି ସାମ୍ବାଦିକମାନଙ୍କ ଉପରେ ବିପଦର କୃଷ୍ଣଛାୟା ସବୁବେଳେ ପିଛା କରିଥାଏ । ସତ୍ୟଘଟଣା ରିପୋର୍ଟ କରି ସାମ୍ବାଦିକମାନେ କେତେ ଯେ କଷଣ ଭୋଗୁଛନ୍ତି ଏବଂ ଏପରିକି ବେଳେବେଳେ ହତ୍ୟାର ଶିକାର ହେଉଛନ୍ତି ସେ ବିଷୟ କ'ଣ ଆମ ସମାଜକୁ ଅଜଣା ରହିଛି! ଯଦି ଜଣେ ବ୍ୟକ୍ତି ସ୍ୱାଧୀନ ଓ ସଚ୍ଚୋଟ ରହିନି ତେବେ କେବଳ ଦୁଇଟି କାରଣରୁ । ତାହା ହେଲା ଲୋଭ ଅଥବା ଭୟ, ଯାହା ପ୍ରାୟ ଅଧିକାଂଶ ଗଣମାଧ୍ୟମ ସଂସ୍ଥାରେ ଅଳ୍ପେବହୁତ ରହିଛି ।

ସାଧାରଣତଃ ତିନିପ୍ରକାରର ସାମ୍ବାଦିକତା କରାଯାଇଥାଏ । ସବୁଠାରୁ ଭଲ ସାମ୍ବାଦିକ ସେହି ବ୍ୟକ୍ତି ଯେ ସରକାରଙ୍କ ସମର୍ଥନରେ ନୁହେଁ କି ବିରୋଧୀ ମଧ୍ୟ ନୁହେଁ । ଆଉ ଗୋଟିଏ ଶ୍ରେଣୀର ସାମ୍ବାଦିକ ଅଛନ୍ତି, ଯେଉଁମାନେ ସରକାରଙ୍କ କେବଳ ବିରୋଧ ହିଁ କରନ୍ତି ଏବଂ କିଛି ସରକାରଙ୍କ କେବଳ ସମର୍ଥନ ହିଁ କରିଥା'ନ୍ତି । କିନ୍ତୁ ସରକାରଙ୍କୁ କେବଳ ସମର୍ଥନ ବା ବିରୋଧ କରୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ବିରୋଧ କରୁଥିବା ଗଣମାଧ୍ୟମ ଅଧିକ ଭଲ । କାରଣ ତଦ୍ୱାରା ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ଆସିଥାଏ । ଆମେ ଯଦି ୟୁରୋପ ପରି ଗଣମାଧ୍ୟମର ସ୍ୱାଧୀନତା ଆମ ଦେଶ ପାଇଁ ଚାହିଁବା ତେବେ ସେଥିପାଇଁ ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ । ଆମ ଦେଶର ପରିସ୍ଥିତି ମଧ୍ୟ ସେତେଟା ଠିକ୍ ନାହିଁ ଯେ ଆମେ ଆଖି ପିଛୁଳାକେ ତାହା କରିଦେଇପାରିବ । ଗଣମାଧ୍ୟମର ସ୍ୱାଧୀନତା ସହିତ ସେହି ସମାଜର ଯେଉଁ ଗତି ଓ ପ୍ରଭାବ ରହିଥିବ ତାହାର ମଧ୍ୟ ଏକ ବଡ଼ ଭୂମିକା ରହିଛି ।

ଆମ ଦେଶର ଏକ ଭଲ କି ଖରାପଗୁଣ ତାହା ସଠିକ୍ ଭାବେ କହିତ ହେବନି; କିନ୍ତୁ ଆମେ ଖରାପ ସମୟକୁ ଖୁବ୍ ଶୀଘ୍ର ଓ ସହଜରେ ଭୁଲିଯାଉ । ଜରୁରିକାଳୀନ ପରିସ୍ଥିତିରେ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଯେଉଁ ପ୍ରହାର ହୋଇଥିଲା ତାହା ଆମେ ଚାରି/ପାଞ୍ଚ ବର୍ଷ ମଧ୍ୟରେ ଭୁଲିଯାଇ ସେତେବେଳେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବା ଦଳକୁ ପୁଣି ନିର୍ବାଚିତ କରାଇ ପ୍ରଧାନମନ୍ତ୍ରୀ ପଦ ଅର୍ପଣ କରିଥିଲେ । ଆଜିକାଲି ଆମ ଦେଶ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଦେଇ ଗତି କରୁଛି ବୋଲି ସାଧାରଣରେ ବେଳେବେଳେ ଚର୍ଚ୍ଚା ହେଉଛି । କିନ୍ତୁ ତା' ସତ୍ତ୍ୱେ ଇତିହାସର ପୁନରାବୃତ୍ତି ହେଉଛି । ଅବଶ୍ୟ ଏଥର ବିରୋଧୀଦଳକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରି ଅନେକଟା ନିୟନ୍ତ୍ରଣ ଓ ସନ୍ତୁଳନ ମଧ୍ୟରେ ଲୋକେ ରଖିଛନ୍ତି । ଆମେ ଖୁବ୍ ଶୀଘ୍ର କ୍ଷମା କରିଦେଇଥାଉ । ଏହି ସ୍ୱଭାବ ଅନ୍ୟାନ୍ୟ ଦେଶର ଲୋକଙ୍କ ପାଖରେ ନଥାଏ । ଆମ ଗଣତନ୍ତ୍ରରେ ଯୁକ୍ତିଯୁକ୍ତ । କାରଣ ଆଧାରରେ ନେତା କମ୍ ବାଛିଥାଉ ଏବଂ ଅଧିକାଂଶ କ୍ଷେତ୍ରରେ ଆବେଗବଶତଃ ତାହା କରିଥାଉ । ଯଦି ଆମେ ଆବେଗରେ ଭାସି ଯାଉ ନଥା'ନ୍ତେ ତେବେ ଏହା କିପରି ହେଲା ଯେ ନେହେରୁଜୀ, ଇନ୍ଦିରାଜୀ ଓ ମୋଦିଜୀ ଏତେ ଲୋକପ୍ରିୟ ହୋଇ, ଏତେ ପରିଶ୍ରମ କରି ମଧ୍ୟ ସଂସଦରେ ସେତିକି ଆସନ କେବେ ହେଲେ ପାଇପାରିଲେ ନାହିଁ, ଯେତିକି ଆସନ ରାଜୀବଜୀ ୧୯୮୪ରେ ପାଇଥିଲେ । ସେତେବେଳେ ଲୋକସଭାରେ ୪୧୪ଟି ଆସନ ରାଜୀବଜୀଙ୍କ ନେତୃତ୍ୱରେ କଂଗ୍ରେସ ପାଇଥିଲା । ଆମ ଦେଶରେ ଲୋକସଭାରେ ସବୁଠାରୁ ବଡ଼ ବହୁମତ ସେହି ବର୍ଷ ମିଳିଲା ଯେଉଁବର୍ଷ ଜଣେ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ହେଲା ଓ ତାଙ୍କ ସୁପୁତ୍ର ପ୍ରଧାନମନ୍ତ୍ରୀ ପଦପାଇଁ ପ୍ରାର୍ଥୀ ହେଲେ, ଯାହାଙ୍କ ରାଜନୀତିରେ ପୂର୍ବରୁ କୌଣସି ଅଭିଜ୍ଞତା ନଥିଲା । ଏଥିରୁ ପ୍ରମାଣିତ ହେଉଛି ଯେ ଏ ଦେଶର ଲୋକେ ଆବେଗ ଓ ରାଜନୀତିକୁ ସର୍ବଦା ଯୋଡ଼ିଥା'ନ୍ତି । ଏ

ବ୍ୟକ୍ତିଗତ ମଣିଷ ଓ ଆନୁଷ୍ଠାନିକ ମଣିଷ ଭିତରେ ପାର୍ଥକ୍ୟ ଥାଏ । ଗଣମାଧ୍ୟମ (ଆନୁଷ୍ଠାନିକ ମଣିଷ) ବ୍ୟକ୍ତିଗତ ମଣିଷ ପରି ଜଣେ ସାଧାରଣ ମଣିଷ । କିନ୍ତୁ ତା'କୁ ଅସାଧାରଣ ମଣିଷ କରିପାରେ ଏକମାତ୍ର ତା'ର ଆଦର୍ଶ, ନିରପେକ୍ଷତା ଓ ଦାୟିତ୍ୱବୋଧ । ବ୍ୟକ୍ତି ପ୍ରତି, ସମାଜ ପ୍ରତି ଓ ମାନବତା ପ୍ରତି ସମ୍ମାନ । ଆଜି ମଧ୍ୟ ଆମ ଦେଶରେ ଆଦର୍ଶ, ସ୍ୱଚ୍ଛ, ସଚ୍ଚୋଟ ଓ ନିରପେକ୍ଷ ସମ୍ବାଦଦାତାଙ୍କ ସଂଖ୍ୟା ଖୁବ୍ ବେଶୀ ।

ଭୁବନେଶ୍ୱର, ମୋ: ୯୪୩୮୧୬୫୬୭୪

# ଭାରତରେ ଉଦ୍‌ଜାନ ରେଳଗାଡ଼ି

**ଡ. ହେମନ୍ତ କୁମାର ଦାସ**

ଅଧୁନା ଚେନ୍ନାଇର ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ଭାରତୀୟ ରେଳବାଇ ସହଭାଗିତାରେ ଉଦ୍‌ଜାନ ଟ୍ରେନର ପରୀକ୍ଷା ଚାଲୁ ରଖିଛି । ଏହା ପ୍ରଥମେ ହରିୟାନାର ଜିନ୍ଦ-ସୋନିପତ ରେଳପଥରେ ୮୯ କି:ମି ବ୍ୟାପି ରାସ୍ତାରେ ପରୀକ୍ଷାମୂଳକ ଭାବରେ ଚାଲିବାର ଯୋଜନା ଅଛି । ଏହି ପ୍ରକଳ୍ପର ନାମ ରଖାଯାଇଛି 'ନମୋ ଗ୍ରୀନ ରେଳ', ଯାହାର ସର୍ବାଧିକ ବେଗ ୧୧୦ କି:ମି ରହିପାରେ । ଇଞ୍ଜିନର କ୍ଷମତା ୧୨୦୦ ଅଶ୍ୱଶକ୍ତି ରହିବ (ପୃଥିବୀର ସର୍ବାଧିକ) ଏବଂ ଏକାଥରକେ ୨୬୦୦ ଯାତ୍ରୀ ପରିବହନ କରିପାରିବ । ପ୍ରତି ଟ୍ରେନ ପିଛା ପାଖାପାଖି ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ । ପୂର୍ବରୁ ପୃଥିବୀରେ ପ୍ରଥମେ ଜର୍ମାନୀ ୨୦୧୮ ଏବଂ ଚୀନ, ସ୍ୱିଡେନ ଓ ଫ୍ରାନ୍ସ ସହିତ ଏବେ ଆମ ଭାରତ ୫ମ ଦେଶ ଭାବେ ଏହି ଉଦ୍ୟମ ଆରମ୍ଭ କରିଛି ।

ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସମସ୍ୟା ହେଲା ବାୟୁ ପ୍ରଦୂଷଣ । ତେଣୁ ରାଷ୍ଟ୍ରସମୂହ ସେମାନଙ୍କ ଦେଶର କାର୍ବନ ନିର୍ଗମନକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ବିଶ୍ୱ ଜଳବାୟୁ ସମ୍ମିଳନୀମାନଙ୍କରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ସେହି ଆଧାରରେ ଭାରତ ୨୦୭୦ ସୁଦ୍ଧା କାର୍ବନ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆମେ ଜାଣିଛେ ଡିଜେଲ ଚାଳିତ ରେଳଗାଡ଼ି ଅପେକ୍ଷା ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ୍ ଅଧିକ ପରିବେଶ ଅନୁକୂଳ । ଅପରପକ୍ଷରେ ବିଦ୍ୟୁତ ଚାଳିତ ଟ୍ରେନ୍ ପାଇଁ ସଂସ୍ଥାନ ନିର୍ମାଣରେ ଖର୍ଚ୍ଚ ଅଧିକ । ବିଦ୍ୟୁତ ଗ୍ରୀଡର କାର୍ଯ୍ୟକାରିତା ଓ ସର୍ବୋପରି ଭୌଗୋଳିକ ପରିସ୍ଥିତିକୁ ବିଚାରକୁ ନେଲେ ଏହା ସେପରି ଲାଭଦାୟକ ହେବ ନାହିଁ । କିନ୍ତୁ ବର୍ତ୍ତମାନର ପରିକଳ୍ପନାରେ ଯଦି ହାଇଡ୍ରୋଜେନ ଫୁଏଲ ସେଲ ବ୍ୟବହାର କରି ଟ୍ରେନ୍ ଚଳାଇବା, ଏହା ପରିବେଶ ଅନୁକୂଳ ହେବା ସହିତ ଉଚ୍ଚ ଶକ୍ତିସମ୍ପନ୍ନ ହେବ । ଜଳ ଓ ଉତ୍ତାପ ସେଲ ପ୍ରକ୍ରିୟାର ମାତ୍ର ଉପଜାତ ଦ୍ରବ୍ୟ । ତେଣୁ ଏ ପ୍ରକାର ପ୍ରକଳ୍ପକୁ ଆମ ଦେଶରେ କାର୍ଯ୍ୟକାରୀ କରି ରେଳଗାଡ଼ି ଚଳାଇବାର ଯୋଜନାର ଲକ୍ଷ୍ୟ ମହତ୍ ।

ଆମେ ଯାହାକୁ ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ ବୋଲି କହୁ, ତାହା ହାଇଡ୍ରୋଜେନ ଫୁଏଲ ସେଲରୁ ନିର୍ଗତ ବିଦ୍ୟୁତ ଶକ୍ତି ଦ୍ୱାରା ଚାଲିବ । ଏହି ସେଲରେ ଉଦ୍‌ଜାନ ଓ ଅମ୍ଳଜାନ ମିଶି ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ, ଯାହା ରେଳଗାଡ଼ି ଚଳାଇବାରେ ବ୍ୟବହୃତ ହୁଏ । ଉତ୍ତାପ ଓ ପାଣି କେବଳ ଉପଜାତ ପଦାର୍ଥ ହୋଇଥିବାରୁ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା କମ । କେବଳ ଉଦ୍‌ଜାନକୁ ଟରବାଇନ୍ ମଧ୍ୟରେ ଜଳାଇ ଉତ୍ତାପ ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିହେବ । କିନ୍ତୁ ଏହି ପ୍ରକ୍ରିୟାରେ ନାଇଟ୍ରିକ ଅକସାଇଡ ରୂପକ ଏକ ବିଷାକ୍ତ ଗ୍ୟାସ ବାହାରିଥାଏ । କିନ୍ତୁ ପରିବେଶ ଅନୁକୂଳ ପାଇଁ ଆମର ଦରକାର 'ସବୁଜ ଉଦଜାନ' ।

ମନରେ ପ୍ରଶ୍ନ ଉଠେ କେତେପ୍ରକାର ଉଦ୍‌ଜାନ ଆମେ ବ୍ୟବହାର କରିଥାଉ? ପ୍ରାକୃତିକ ଗ୍ୟାସ, ଯାହା ମୁଖ୍ୟତଃ ମିଥେନ, ଜଳୀୟ ବାଷ୍ପ ସହିତ ଉଚ୍ଚ ତାପମାତ୍ରା ଓ ଉତପ୍ରେରକ ଅବସ୍ଥିତିରେ ଅଙ୍ଗାରକାମ୍ଳ(ବାୟୁ ପ୍ରଦୂଷକ) ସହିତ ଉଦ୍‌ଜାନ ଗ୍ୟାସ ତିଆରି କରିଥାଏ । ଯାହାକୁ ଆମେ 'ଗ୍ରେ ହାଇଡ୍ରୋଜେନ' ବୋଲି କହିଥାଉ । ଏହା ବର୍ତ୍ତମାନ ବହୁତ ପରିମାଣରେ କଳକାରଖାନାରେ ବ୍ୟବହୃତ । ଉକ୍ତ ପ୍ରଣାଳୀରେ ଯଦି ଆମେ ଅଙ୍ଗାରକାମ୍ଳ ନିର୍ଗମନକୁ ଭୂମି ତଳେ ଭଣ୍ଡାରଣ କରିପାରିବା ତେବେ ନିର୍ଗତ ଉଦ୍‌ଜାନକୁ 'ନୀଳ ଉଦଜାନ' ବୋଲି କହିଥାଉ । କିନ୍ତୁ ଏହା ବ୍ୟୟବହୁଳ ଏବଂ ଏଥିରେ ଅଧିକ ଶକ୍ତି ଅପଚୟ ହୋଇଥାଏ । କିନ୍ତୁ 'ସବୁଜ ଉଦଜାନ' ଜଳର ବିଦ୍ୟୁତ ବିଶ୍ଳେଷଣ ପଦ୍ଧତି ଦ୍ୱାରା ଉତ୍ପନ୍ନ ହୋଇଥାଏ, ଯେଉଁଥିରେ ବିଦ୍ୟୁତଶକ୍ତି ନବୀକରଣ କ୍ଷମ ଉତ୍ସ, ଯେପରିକି ସୂର୍ଯ୍ୟ ଶକ୍ତି ବା ପବନ ଶକ୍ତିରୁ ସଂଗ୍ରହ କରାଯାଏ । ଏଥିରେ କୌଣସି କ୍ଷତିକାରକ ସବୁଜଗୃହ ବାଷ୍ପ ବାହାରେ ନାହିଁ ।

ଫୁଏଲ ସେଲ ଏକ ପ୍ରକାର ଯନ୍ତ୍ର, ଯେଉଁଥିରେ ଏକ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ରସାୟନିକ ଶକ୍ତିକୁ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ କରାଯାଏ । ଏଥିରେ ପ୍ରତିକ୍ରିୟାକାରୀ ପଦାର୍ଥ ଉଦଜାନ ସହିତ ଅମ୍ଳଜାନକୁ ଏକ ଜାରଣ ପ୍ରକ୍ରିୟାକାରୀ ପଦାର୍ଥ ରୂପେ ନିଆଯାଏ । ତା' ଛଡ଼ା ସାଧାରଣ ଭାବରେ ପ୍ଲାଟିନମକୁ ଉତ୍ପ୍ରେରକ ହିସାବରେ ବ୍ୟବହାର କରି ଜାରଣ-ବିଜାରଣ ପ୍ରକ୍ରିୟାକୁ ତ୍ୱରାନିତ କରାଯାଏ । ବିଭିନ୍ନ ପ୍ରକାର ଉଦଜାନ ଇନ୍ଧନ କୋଷରେ ବିଭିନ୍ନ ପ୍ରକାର ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ବ୍ୟବହାର କରାଯାଏ । ଉଦ୍‌ଜାନକୁ କୋଷର ଆନୋଡ଼ରେ ଛଡ଼ାଯାଏ । ଏଠାରେ ଏହା ଜାରିତ ହୋଇ ପ୍ରୋଟନ ଓ ଇଲେକଟ୍ରନ ସୃଷ୍ଟି କରେ । ଇଲେକଟ୍ରନ ବାହ୍ୟ ବିଦ୍ୟୁତ ପଥରେ ପ୍ରବାହିତ ହୋଇ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ । ପ୍ରୋଟନ ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ମଧ୍ୟରେ ଗତି କରି କାଥୋଡରେ ଅମ୍ଳଜାନ ଓ ବିଦ୍ୟୁତ ପଥରୁ ଇଲେକଟ୍ରନ ଗ୍ରହଣ କରି ଜଳ ଓ ଉତ୍ତାପ ସୃଷ୍ଟି କରେ । ଜଳ କୋଷ ମଧ୍ୟରୁ ବାହାରିଯାଏ । ପ୍ରାକ୍ ପ୍ରସ୍ତୁତ ଓ ଗଚ୍ଛିତ ସବୁଜ ଉଦଜାନ ଓ ବାୟୁରୁ ସଂଗୃହୀତ ଅମ୍ଳଜାନ ଦ୍ୱାରା ଏହି ପ୍ରକ୍ରିୟା ସଂପାଦିତ ହୁଏ ।

ସବୁଜ ଉଦଜାନର ବହୁଳ ପ୍ରସ୍ତୁତି ବର୍ତ୍ତମାନ ଦେଶ ସମ୍ମୁଖରେ ଏକ ଆହ୍ୱାନ । ଏହା କିପରି କମ ଖର୍ଚ୍ଚରେ ନବୀକରଣକ୍ଷମ ଉତ୍ସରୁ ତିଆରି କରାଯାଇ ପାରିବ, ତା'ର ପରିକଳ୍ପନା କରାଯାଉଛି । ପରବର୍ତ୍ତି ଅବସ୍ଥାରେ ସମସ୍ୟା ଦେଖା ଦେଇପାରେ ଏହାର ସଂରକ୍ଷଣ ଓ ଉଚ୍ଚ ତାପମାତ୍ରାରେ ଏହାର କାର୍ଯ୍ୟଦକ୍ଷତା ଉପରେ; କାରଣ ଉଦଜାନ ଏକ ଦହନୀୟ ବାଷ୍ପ । ତେଣୁ ପ୍ରଥମ ଅବସ୍ଥାରେ ଭିତ୍ତି ସଂରଚନା ଖର୍ଚ୍ଚ ବେଶୀ ହୋଇପାରେ ।

ବର୍ତ୍ତମାନ ଭାରତରେ ଉଦଜାନ ଚାଳିତ ଟ୍ରେନର ଆବଶ୍ୟକତା ଗଭୀର ଭାବରେ ଉପଲବ୍ଧ । ଏ ପ୍ରକାର ଟ୍ରେନର ଶକ୍ତି, କାର୍ଯ୍ୟଦକ୍ଷତା ଡିଜେଲ ଟ୍ରେନଠାରୁ ସାଧାରଣ ଭାବରେ ଅଧିକ । ଏହା ଅଧୁନା ସ୍ଥାୟୀ ଗମନାଗମନ ପଦ୍ଧତିରେ ବିଅଙ୍ଗାରକକରଣ ପାଇଁ ଉତ୍କୃଷ୍ଟ । ତେଣୁ ଏ ପ୍ରକାର ପ୍ରକଳ୍ପର ଅଧିକ ପ୍ରସାର ହେଲେ ଗମନାଗମନ ଓ ସ୍ୱଚ୍ଛ ଅନୁକୂଳ ପରିବେଶ ଦିଗରେ ଆମର ଗତି ଯେ ସନ୍ତୋଷଜନକ ହୋଇପାରିବ, ତାହା ଅନସ୍ୱୀକାର୍ଯ୍ୟ ।

ଭୁବନେଶ୍ୱର, ମୋ: ୯୪୩୭୭୬୬୪୦୫

# ବୃକ୍ଷଲତାଙ୍କ ବୁଦ୍ଧିମତ୍ତା

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ବୃକ୍ଷଲତାମାନଙ୍କ ଶାରୀରିକ ବ୍ୟବସ୍ଥା ପ୍ରାଣିଜଗତଠାରୁ ଭିନ୍ନ । ଉଦ୍ଭିଦମାନଙ୍କର ନଥାଏ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା । ଏଣୁ ସେମାନଙ୍କର ବୁଦ୍ଧିମତ୍ତା ଥିବା କଥା ସହଜେ ବିଶ୍ୱାସ କରିହୁଏନି । ତେବେ ବୈଜ୍ଞାନିକମାନେ ଏବେ କହିଲେଣି ଯେ ବୃକ୍ଷଲତାଙ୍କ ଶାରୀରିକ ଗଠନ ପ୍ରାଣିଜଗତ ପରି ନ ହେଲେ ମଧ୍ୟ କିଛି ମାତ୍ରାରେ ସାମଞ୍ଜସ୍ୟ ରହିଛି । ସେଥିପାଇଁ ସେମାନେ ସଂଗୀତ ପ୍ରତି ପ୍ରତିକ୍ରିୟା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି ।

ଏ ବିଶ୍ୱାସ ଆରମ୍ଭ ହୋଇଥିଲା ୧୯୭୩ ମସିହାରେ, ଯେତେବେଳେ କିଛି ଆମେରିକୀୟ କୃଷିବିଜ୍ଞାନୀ ଟମାଟୋ ଫସଲକୁ ଏକ ନିର୍ଦ୍ଦିଷ୍ଟ ସ୍ୱରରେ ସଂଗୀତ ଶୁଣାଇଲେ ତହିଁରେ ଅଧିକ ତଥା ଉନ୍ନତ ମାନର ଫଳ ଫଳେ ବୋଲି ମତ ଦେଇଥିଲେ । ତତ୍ପରେ ସେଠାରେ ଉଦ୍ଭିଦ ବିଜ୍ଞାନୀ ଜୋ ଶ୍ଳାଙ୍ଗର ପ୍ରକାଶ କଲେ ଏ ସଂପର୍କିତ ପୁସ୍ତକଟିଏ । ଏଥିରେ ସେ ବୃକ୍ଷଲତାମାନଙ୍କର ବୁଦ୍ଧିମତ୍ତା ସମ୍ଭାବନାର ସୂଚନା ଦେଇଛନ୍ତି । ତେବେ ସେଗୁଡ଼ିକ ସହିତ ଏକମତ ହୋଇପାରିନାହାନ୍ତି ଅନେକ ବୈଜ୍ଞାନିକ । ସେମାନେ କହୁଛନ୍ତି ଯେ ମସ୍ତିଷ୍କ ନଥିବା ବୃକ୍ଷଲତାମାନେ ବିଭିନ୍ନ ଉଦ୍ଦୀପନା ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିପାରିବେ? ପୁନଶ୍ଚ ଯଦି ତାଙ୍କର ବୁଦ୍ଧିମତ୍ତା ଥାଏ ତେବେ ତା'ର କ୍ରିୟାବିଧି କ'ଣ?

ଏହାର ଜବାବରେ ଜୋ ଏବଂ ତାଙ୍କ ସମର୍ଥକମାନେ କହିଛନ୍ତି ଯେ ବୃକ୍ଷଲତାମାନଙ୍କର ମାଧ୍ୟାକର୍ଷଣକୁ ଅନୁଭବ କରିବା ଶକ୍ତି ରହିଛି । ସେଥିପାଇଁ ସେଗୁଡ଼ିକର ଚେର ଭୂମି ତଳକୁ ଏବଂ ଶାଖା ପ୍ରଶାଖା ଉପରେ ଆଡ଼କୁ ବଢ଼ିଥାଏ । କୌଣସି ସ୍ଥାନରୁ କାଟି ଦେଲେ ଯନ୍ତ୍ରଣା ଅନୁଭବ କଲା ଭଳି ତାଙ୍କର ଶରୀରର ଜୈବରସାୟନ ତତ୍‌କ୍ଷଣାତ୍ ବଦଳିଯାଏ । ପୁନଶ୍ଚ ବୃକ୍ଷଲତାମାନେ ବିଭିନ୍ନ ଧ୍ୱନିର ଆବୃତ୍ତି ଏବଂ କମ୍ପନ ଅନୁଭବ କରିପାରନ୍ତି, ସତେଯେପରି ସେମାନଙ୍କର କାନ ଅଛି । ଏଣୁ ଶଂବାଳୁଆଟିଏ ପତ୍ର ଖାଇଲା ବେଳେ ତହିଁରୁ ଉତ୍ପନ୍ନ ଧ୍ୱନିକୁ ସେମାନେ ଅନୁଭବ କରିପାରନ୍ତି ଏବଂ ସେ ସମ୍ପର୍କରେ ସୂଚନା ପଡ଼ୋଶୀମାନଙ୍କୁ ଦେଇପାରନ୍ତି । ପୁନଶ୍ଚ ଖାଦକର ଆକ୍ରମଣରୁ ନିଜକୁ ସୁରକ୍ଷା ଦେବା ପାଇଁ ବୃକ୍ଷଲତାମାନେ ନିଜ ନିଜର କୀଟାଣୁନାଶକ ମଧ୍ୟ ଉତ୍ପନ୍ନ କରନ୍ତି । ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି ସେମାନେ ପରାଗରେଣୁକୁ ବିମୁକ୍ତ କରି ଦେଲା ବେଳେ ଘଡ଼ଘଡ଼ିର ଶବ୍ଦ ଶୁଣିଲେ ବର୍ଷା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି । ସମ୍ଭବତଃ ସେମାନଙ୍କ ପତ୍ରରେ ଥିବା କେଶ ସଦୃଶ ଟ୍ରାଇକୋମସ୍‌ଗୁଡ଼ିକ ଆଣ୍ଟେନା ଭଳି ଏଥିରେ ସହାୟତା କରନ୍ତି ।

ବୃକ୍ଷଲତାମାନେ କେବଳ ଯେ ଶୁଣି ପାରନ୍ତି, ତା'ନୁହେଁ । ସେମାନେ କଥା କହି ମଧ୍ୟ ପାରନ୍ତି । ତାଙ୍କ ଦ୍ୱାରା ପରସ୍ପର ମଧ୍ୟରେ 'ସୋନାର' ଧ୍ୱନି ଭଳି କିଛି ଶବ୍ଦଭିତ୍ତିକ ଭାଷା ଦ୍ୱାରା ବାର୍ତ୍ତାଳାପ ହୁଏ ବୋଲି ମନେକରାଯାଏ । ଏହାବ୍ୟତୀତ ସେମାନେ ରାସାୟନିକ ସୂଚନା ମଧ୍ୟ ଆଦାନପ୍ରଦାନ କରନ୍ତି । ବୃକ୍ଷଲତାମାନଙ୍କର ମନେ ରଖିବାର ଶକ୍ତି ବି ରହିଛି । ପରାଗସଂଗମକାରୀ କୀଟ ଗତଥର କେତେବେଳେ ଆସିଥିଲା ତାହା ମନେରଖି ସେହି ସମୟରେ ତାଙ୍କ ପରାଗରେଣୁଗୁଡ଼ିକ ବିମୁକ୍ତ ରଖନ୍ତି । ପୁନଶ୍ଚ ଅଧିକାଂଶ ଗଛଲତା ବିଭିନ୍ନ ଋତୁର ଆଗମନ କଥା ମଧ୍ୟ ମନେ ରଖି ସେହି ସମୟରେ ଫୁଲଫଳ ଧାରଣ କରନ୍ତି । ବୃକ୍ଷଲତାମାନଙ୍କର ସାମାଜିକ ଜୀବନ ମଧ୍ୟ ରହିଛି । ତନ୍ମଧ୍ୟରୁ କେତେକ ନିଜ ପ୍ରଜାତି ପ୍ରତି ଆପଣାପଣ ପ୍ରଦର୍ଶନ କରନ୍ତି । ଉପକାରୀ କୀଟମାନଙ୍କ ଆଗମନ ସମ୍ପର୍କରେ ପରସ୍ପର ମଧ୍ୟରେ ରାସାୟନିକ ଓ ଅନ୍ୟାନ୍ୟ ସୂଚନାମାନ ଆଦାନପ୍ରଦାନ କରନ୍ତି । ଅତଏବ ବୃକ୍ଷଲତା ସେହି ଅନୁଯାୟୀ ବିଭିନ୍ନ ସ୍ତରରେ ନିଜକୁ ପ୍ରସ୍ତୁତ କରିନିଅନ୍ତି ।

ଏହିଭଳି ବିବିଧଗୁଣକୁ ଏକତ୍ର ରଖି ବିଚାରକୁ ନେଲେ ବୃକ୍ଷଲତାମାନଙ୍କର କିଛିମାତ୍ରାରେ ବୁଦ୍ଧିମତ୍ତା ଥିବାର ମନେହୁଏ । ତେବେ ତାହାର ରୂପରେଖ ଏବଂ କାର୍ଯ୍ୟବିଧି ଆମଠାରୁ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କଠାରୁ ଭିନ୍ନ । ସେଗୁଡ଼ିକ ସଂପୂର୍ଣ୍ଣ ଅଲଗା କ୍ରିୟାବିଧି ଉପରେ ପର୍ଯ୍ୟବସିତ । ତେବେ ଏହାର ଗୁପ୍ତତଥ୍ୟଗୁଡ଼ିକର ଉନ୍ମୋଚନ ଲାଗି ଏବେ ପ୍ରୟାସ ଜାରି ରହିଛି ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

# ସରକାର ନେତୃତ୍ୱର ଭ୍ରୁଣହତ୍ୟା କରୁଛନ୍ତି: ଭକ୍ତ

ଭୁବନେଶ୍ୱର, ୮।୯(ସମିସ): ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ, ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ। ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ, ସିଏ ଦେଶ ପାଇଁ ଚିନ୍ତା କରେ। ମାତ୍ର ସରକାର ଛାତ୍ର ନିର୍ବାଚନ ବନ୍ଦ କରି ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ ସେ ନିଜେ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ ଛାତ୍ରସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହ ଭାଇଚାରାର ପୁନଃପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି। ସେମାନେ ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି। ଜାନକୀବଲ୍ଲଭ ପଟ୍ଟନାୟକ, ଶ୍ରୀବଲ୍ଲଭ ପାଣିଗ୍ରାହୀ, ନିରଂଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ



କ୍ୟାମ୍ପସ ରାଜନୀତିରୁ ଆସିଥିବା ବେଳେ ପଞ୍ଚାନନ କାନୁନଗୋ, ସ୍ୱର୍ଗୀୟ ଲୁଲୁ ମହାପାତ୍ର ମଧ୍ୟ ଛାତ୍ର ରାଜନୀତିରୁ ଆସିଥିଲେ। ସେହିପରି ବାଣୀବିହାର ନିର୍ବାଚନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଲଢ଼େଇ ଆଜି ମଧ୍ୟ ଓଡ଼ିଶା ଛାତ୍ର ରାଜନୀତିର ଚର୍ଚ୍ଚିତ ଅଧ୍ୟାୟ ଭାବେ ଗଣାଯାଏ। ବିଜେଡିରେ ଅରୁଣ ସାହୁଙ୍କ ବ୍ୟତୀତ ପ୍ରତାପ ଜେନା ଓ ରାଜା ସ୍ୱାଇଁଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ଛଡ଼ା, ସୁରେଶ ପୂଜାରୀ ଓ ମନମୋହନ ସାମଲଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି।

ଛାତ୍ର ସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ ବୋଲି ଶିକ୍ଷାମନ୍ତ୍ରୀ କହିଥିଲେ। ଗତବର୍ଷ ଠିକଣା

### ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କଲା ଦଳ

ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି, ହେଲେ ଶିକ୍ଷା ବିଭାଗ କାହିଁକି କୌଣସି ପଦକ୍ଷେପ ନେଉନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ. ମନୀଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

# ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ: ନବୀନ

ଭୁବନେଶ୍ୱର,୮।୯(ସମିସ): ବରିଷ୍ଠ ବିଜେଡି ନେତା, ନୂଆପଡ଼ାରୁ ୪ ଥର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କର ସୋମବାର ମୃତ୍ୟୁ ଘଟିଛି। ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଶ୍ରୀ ଢୋଲକିଆ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି 'ଏକ୍ସ'ରେ ଗଭୀର ଦୁଃଖ ପ୍ରକାଶ କରି ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ଢୋଲକିଆଙ୍କ ଅସମୟର ସ୍ୱର୍ଗବାସ ପାଇଁ ସେ ଶୋକସନ୍ତପ୍ତ ପରିବାରବର୍ଗ ଓ ନୂଆପଡ଼ାବାସୀଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ'ରେ ଉଲ୍ଲେଖ କରି କହିଛନ୍ତି ଯେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକ ବାର୍ତ୍ତାରେ ଉଲ୍ଲେଖ କରି କହିଛନ୍ତି ଯେ ଦଳର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ। ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଜନସେବାରେ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏମାନଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ-

### ଶଙ୍ଖ ଭବନ ଓ କଂଗ୍ରେସ କାର୍ଯ୍ୟାଳୟରେ ନିରବ ପ୍ରାର୍ଥନା

ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତଥା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୋକପ୍ରକାଶ କରିଛନ୍ତି।

ଅପରପକ୍ଷେ ଶ୍ରୀ ଢୋଲକିଆଙ୍କ ବିୟୋଗରେ ସୋମବାର ଶଙ୍ଖ ଭବନରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ବିଜେଡି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି। ସେହିପରି ପିସିସି କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେପାଳ ଅଶାନ୍ତ...

ଅଭିଯାନ ଚଳାଇଥିବା ବେଳେ ଏହାର ମୁକାବିଲା କରିବାକୁ ଯାଇ ସରକାର ଫେସବୁକ, ହ୍ୱାଟସ୍‌ଆପ୍ ଓ ଏକ୍ସ ଭଳି ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଇଛନ୍ତି। ଗତ ୩ ତାରିଖରେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ସାଇଟ୍‌କୁ ନିଷିଦ୍ଧ କରିଦେଇଥିଲେ। ସରକାର ଯୁକ୍ତି କରିଥିଲେ ଯେ ଏହି ଗଣମାଧ୍ୟମ ପଞ୍ଜୀକରଣ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସ୍ୱରକୁ ଚପାଇବା ଲାଗି ସରକାର ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇଥିବା ଯୁବଗୋଷ୍ଠୀ ଅଭିଯୋଗ କରିବା ସହିତ ସରକାରଙ୍କ ଏଭଳି ଆଭିମୁଖ୍ୟରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯାହାକି ଆଜି ବିସ୍ଫୋରକ ହୋଇପଡ଼ିଥିଲା। ଜେନ୍- ଜେଡ୍ ଅର୍ଥାତ ଜେନେରେସନ ଜେଡ୍ ଗୋଷ୍ଠୀ ଟିକ୍‌ଟକ୍ ଜରିଆରେ ଜନମତ ସୃଷ୍ଟି କରି ଆଜି ବଡ଼ ଧରଣର ବିକ୍ଷୋଭର ଆୟୋଜନ କରିଥିଲା। ୧୮ ରୁ ୩୦ ବର୍ଷ ବୟସ୍କ ଯୁବ ବର୍ଗଙ୍କୁ ଜେନ ଜେଡ୍ ଗୋଷ୍ଠୀ ଗଠିତ ହୋଇଛି। ଆଜି ସକାଳେ ୧୨ ହଜାର ଉର୍ଦ୍ଧ୍ୱ ଯୁବ ବିରାଟ ରାଲିରେ ଆସି ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପୁଲିସ ବାରିକେଡ୍ ଭାଙ୍ଗି ସଂସଦ ଭବନ ଭିତରକୁ ପଶିଯାଇଥିଲେ। ନେପାଳ ଇତିହାସରେ ପ୍ରଥମଥର ପାଇଁ ବିକ୍ଷୋଭକାରୀମାନେ ସଂସଦ ପରିସରରେ ପଶିଛନ୍ତି। ଏହା ପରେ ବିକ୍ଷୋଭ ଉଗ୍ରରୂପ ଧାରଣ କରିଥିଲା। ପ୍ରଦର୍ଶନକାରୀମାନେ ସଂସଦ ଭବନର ୧ ଓ ୨ ନଂ ଗେଟ୍‌କୁ କବ୍‌ଜାକୁ ନେଇଥିଲେ। ଏହାକୁ ଦେଖି ସଂସଦ ଭବନ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟସ୍ଥ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିଲା।

ଆନ୍ଦୋଳନକାରୀମା।ନେ ପୁଲିସ ଉପରକୁ ପଥର ମାଡ କରିଥିଲେ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ପୋଷ୍ଟର ଚିରି ଦେଇଥିଲେ ଓ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। 'ଦୁର୍ନୀତି ବନ୍ଦ କର, ସାମାଜିକ ଗଣମାଧ୍ୟମ ନୁହେଁ' ବୋଲି ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ବିଦେଶରେ ରହୁଥିବା ନେପାଳ ଯୁବକମାନେ ମଧ୍ୟ ଏହି ଆନ୍ଦାଳନକୁ ସମର୍ଥନ କରିଛନ୍ତି। ତେବେ ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଇଁ ସରକାର ସାମାଜିକ ଗଣାଧ୍ୟମଗୁଡିକ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଠାଇ ଦେଇଛନ୍ତି। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ନେପାଳ ସୀମାରେ ଥିବା ବିହାରର ୭ଟି ଜିଲ୍ଲାର ସୀମାକୁ ସିଲ୍ କରିଦିଆଯାଇଛି। ପରିସ୍ଥିତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ସେନାଧକ୍ଷ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ଗୃହ ମନ୍ତ୍ରୀ ରମେଶ ତାଙ୍କ ପଦରୁ ଇସ୍ତଫା ଘୋଷଣା କରିଥିଲେ।

## ଉପରାଷ୍ଟ୍ରପତି ନିର୍ବାଚନ...

୨୧ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାପରେ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଛି।

ଆସନ୍ତାକାଲି ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଯଦି ସମସ୍ତ ବିରୋଧୀ ସାଂସଦ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦିଅନ୍ତି, ତାହାହେଲେ ପରାଜିତ ପ୍ରାର୍ଥୀ ହିସାବରେ ରେଡ୍ଡୀଙ୍କୁ ସର୍ବାଧିକ ଭୋଟ୍ ମିଳିବ। ଏହାପୂର୍ବରୁ ପରାଜିତ ପ୍ରାର୍ଥୀ ସୁଶୀଲ କୁମାର ସିନ୍ଧେଙ୍କୁ ସର୍ବାଧିକ ୩୦୫ ଭୋଟ୍ ମିଳିଥିଲା। ସେହିଭଳି ବିଜୟୀ ପ୍ରାର୍ଥୀ ହିସାବରେ ଧନଖଡ଼ ସର୍ବାଧିକ ୫୨୮ ଭୋଟ୍ ପାଇଥିବା ବେଳେ ଭେଙ୍କିୟା ନାଇଡୁ ୫୧୬ ଭୋଟ୍ ପାଇଥିଲେ। ଏହି ଦୃଷ୍ଟିରୁ ବିଜୟୀ ପ୍ରାର୍ଥୀଙ୍କୁ ଏଥର କେତେ ଭୋଟ୍ ମିଳିବ ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ମତଦାନରୁ ବିରତ...

ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବନାହିଁ। ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଦା କାମ କରି ଆସିଛି। ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରରେ ଶାସନରେ ଥିବା ମେଣ୍ଟକୁ ବିଜେଡି ପ୍ରସଙ୍ଗ ଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି।

ଅତୀତରେ ୨୦୧୨ ମସିହାରେ ବିଜେଡି ସମାନ ଭାବେ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲା। ୨୦୧୭ ମସିହା ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ ଅଣ-ଏନଡିଏ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ବିଜେଡି ସମର୍ଥନ ପ୍ରଦାନ କରିଥିଲା। ୨୦୨୨ ମସିହାରେ ଦଳ ଏନଡିଏ ପ୍ରାର୍ଥୀ ଜଗଦୀପ ଧନକଡ଼ଙ୍କୁ ସମର୍ଥନ ଦେଇଥିଲା।

## ପରଲୋକରେ ବିଧାୟକ...

ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ଶୋକ ପ୍ରକାଶ କରିଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଆଜି ଶଙ୍ଖଭବନରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତାଙ୍କର ବିୟୋଗ ବିଜେଡି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ ନେତାମାନେ ପ୍ରକାଶ କରିଛନ୍ତି। ସେହିପରି ପିସିସି କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି।

ଶ୍ରୀ ଢୋଲକିଆ ୨ ବର୍ଷ ହେବ ହୃଦ୍ ଏବଂ କିଡନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତେବେ ଖରାପ ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ ସେ ସବୁପ୍ରକାର ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସିଧାସଳଖ ସଂପୃକ୍ତ ରହୁଥିଲେ। ଗତ ୨ ମାସ ଧରି ଚେନ୍ନାଇର ଏମ୍‌ଜିଏମ ହସପିଟାଲରେ ସେ ଚିକିତ୍ସାଧୀନ ଥିଲେ। ଗତ ମାସ ୨୫ ତାରିଖରେ ତାଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଥିଲା। କିଛି ଦିନ ପରେ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ ମଧ୍ୟ କରାଯିବାର ଥିଲା। ତେବେ ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେଧୀରେ ଖରାପ ହେବାରେ ଲାଗିଥିଲା। ଶେଷରେ ସୋମବାର ପୂର୍ବାହ୍ଣରେ ସେ ସବୁଦିନ ପାଇଁ ଆଖିବୁଜିଥିଲେ। ଅନ୍ତିମଶଯ୍ୟା ନିକଟରେ ସ୍ତ୍ରୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ବୋହୂ ସୁମନ, ଅମିତ, ଭଉଣୀ ହର୍ଷିତା ପ୍ରମୁଖ ଉପସ୍ଥିତ ଥିଲେ। ମୃତଦେହକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏଠାକୁ ଆଣିବାର ବ୍ୟବସ୍ଥା କରାଯାଇଛି।

ସୂଚନାଯୋଗ୍ୟ, ଶ୍ରୀ ଢୋଲକିଆ ଏକାଧାରରେ ଜଣେ ସମାଜସେବୀ, ବ୍ୟବସାୟୀ ଏବଂ ସଫଳ ରାଜନେତା ଥିଲେ। ସେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ହୃଦୟବାନ ଥିଲେ। ସମାଜସେବା ତାଙ୍କର ଏକ ପ୍ରକାର ନିଶା ରହିଥିଲା। ସେ ସ୍କୁଲ ଏବଂ କଲେଜ ଜୀବନରେ ଜଣେ ଭଲ ଖେଳାଳି ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ କରିଥିଲେ। ୧୯୯୦ରେ ସେ ଖରିଆରରୋଡ୍ ଏନ୍‌ଏସି ଅଧକ୍ଷ ଭାବେ ପ୍ରଥମ ରାଜନୈତିକ ସଫଳତା ପାଇଥିଲେ। ପରେ ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ପରେପରେ ୨୦୦୯, ୨୦୧୯ ଏବଂ ୨୦୨୪ରେ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ଗତ ନବୀନ ସରକାର ସମୟରେ ୨୦୨୨ରେ କ୍ୟାବିନେଟ୍ ମନ୍ତ୍ରୀ ପଦରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ।

## ୧୧ରୁ ବଢ଼ିବ...

ରହିବାର ସମ୍ଭାବନା ରହିଛି। ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬୩ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୯୨ ମିମି ତୁଳନାରେ ବର୍ଷାର ପରିମାଣ ୩ ପ୍ରତିଶତ କମ୍ ରହିଛି। ମୋଟ୍ ୮ ଟି ଜିଲ୍ଲାରେ ବର୍ଷାର ସ୍ଥିତି ନିଅଣ୍ଟିଆ ରହିଥିବା ବେଳେ ୬ ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

ଅନ୍ୟପଟେ ମୁଣ୍ଡଳୀରେ ଜଳସ୍ତର କମିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଳୀରେ ୪ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ରବିବାର ମୁଣ୍ଡଳୀରେ ସର୍ବାଧିକ ୬ ଲକ୍ଷ ୨୬ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହି ପାଣି ବର୍ତ୍ତମାନ ଜଗତସିଂହପୁର, ପୁରୀ ଆଦିକୁ ପ୍ରବେଶ କରୁଛି। ତେଣୁ ଏହା ପ୍ରଭାବରେ କିଛି କିଛି ପାଣି ବଢ଼ିବ। ସେଠାରେ ଧୀରେଧୀରେ ବନ୍ୟାଜଳ ହ୍ରାସ ପାଇବ। କଣାସର ପଠା ଅଞ୍ଚଳରେ କିଛି ପ୍ରଭାବିତ ହେବ। ବର୍ଷାର ପରିମାଣ ମଧ୍ୟ ବିଶେଷ ଅନୁଭୂତ ହୋଇନାହିଁ। ତେଣୁ ରାଜ୍ୟର ସବୁ ନଦୀରେ ଜଳସ୍ତର ହ୍ରାସ ପାଇଛି ଓ କୌଣସି ସ୍ଥାନରେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

## 'ଉତ୍କଳ' ହଷ୍ଟେଲ୍‌ରୁ...

ବିଶ୍ୱବିଦ୍ୟାଳୟ ପ୍ରଶାସନ ସହ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୨୦ଜଣ ଅଫିସର ଉଚ୍ଛେଦ କାମରେ ମୁତୟନ ହୋଇଥିଲେ। ପୂର୍ବରୁ ହଷ୍ଟେଲ୍‌କୁ ବିଜୁଳି ଓ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅଣଛାତ୍ରମାନେ ରାତିଅଧିଆ କୁଳପତିଙ୍କ ବାସଭବନ ଘେରିଥିଲେ। ଘରକୁ ପଥର ମାରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। ଏଣୁ ଉଚ୍ଛେଦ ବେଳେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ୍ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା।

୧ ନମ୍ବର ହଷ୍ଟେଲ ପାଇଁ ଏସିପି ଅଭିମନ୍ୟୁ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ନମ୍ବର ହଷ୍ଟଲ ପାଇଁ ମାନସ ରଞ୍ଜନ ପ୍ରଧାନ, ୩ମ୍ବର ହଷ୍ଟେଲ ପାଇଁ ବିଶ୍ୱଜିତ ମନବୋଧ ଓ ୫ନମ୍ବର ପାଇଁ ଏସିପି ବିଜୟ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସିପି ମୁଖ୍ୟାଳୟରେ ଥିବା ଡିସିପି ଅନୁପ କାନୁନଗୋଙ୍କୁ ପୁଲିସ ବ୍ୟବସ୍ଥାକୁ ତଦାରଖ କରିଥିଲେ। ବ୍ୟାପକ ପୁଲିସ୍ ସୁରକ୍ଷା ସହିତ ପ୍ରଥମେ ଫକୀରମୋହନ ଛାତ୍ରାବାସର ଜବରଦଖଲ ହୋଇଥିବା ୮୦ରୁ ଅଧିକ ରୁମ୍‌କୁ ଖାଲି କରାଯାଇଥିଲା। ପରେ ମଧୁସୂଦନ ଛାତ୍ରାବାସର ୩୦ଟି, ଗୋପବନ୍ଧୁ ଛାତ୍ରାବାସର ୨୩ଟି ଏବଂ ଆଚାର୍ଯ୍ୟ ହରିହର ଛାତ୍ରାବାସରେ ଜବରଦଖଲ ହୋଇଥିବା ରୁମ୍‌କୁ ଅଣଛାତ୍ରଙ୍କ କବ୍‌ଜାରୁ ମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ରୁମ୍‌ଗୁଡ଼ିକରୁ ବହୁ ନିଶାଦ୍ରବ୍ୟ ସେବନ ସାମଗ୍ରୀ ସହ ପାଠ୍ୟକ୍ରମ ସହିତ ଜଡ଼ିତ ନଥିବା ଦ୍ରବ୍ୟ ବାହାରିଛି। ହେଲେ ସେସବୁକୁ ନେବା ପାଇଁ କେହି ନ ଆସିବାରୁ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଉଚ୍ଛେଦ ପରେ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି ଯେ ଏଣିକି ହଷ୍ଟେଲ୍‌ଗୁଡ଼ିକରେ ଥିବା ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରାଯିବ। କେବଳ ଗୋଟିଏ ପ୍ରବେଶ ପଥରେ ଯିବା ଆସିବା କରିବା ସହ କଡ଼ାକଡ଼ି ଯାଞ୍ଚ କରାଯିବ। ୨୪ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ଉପରେ ମଧ୍ୟ ସେମାନେ ବିଚାର କରୁଛନ୍ତି। ଖାଲି ହୋଇଥିବା ରୁମ୍‌ଗୁଡ଼ିକୁ ପ୍ରଥମେ ମରାମତି କରାଯିବ। ପରେ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଅଣଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତବରଣ ନଷ୍ଟ ହେଉଥିଲା। ବିଭିନ୍ନ ରାଙ୍କିଙ୍ଗ୍ ମଧ୍ୟ ତଳକୁ ଖସୁଥିଲା। ଏହାସହ କ୍ୟାମ୍ପସ୍ ଓ ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବାହାର କରିବା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ତଦାରଖ କରିବାକୁ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନିଆଯାଇଛି।

ପୁନଃ ଅଣଛାତ୍ରମାନେ ହଷ୍ଟେଲ୍‌ରେ ଆଡ଼ା ଜମାଇବାର ଆଶଙ୍କା ଥିବାରୁ ପୁଲିସ୍ ଆଗୁଆ ସଜାଗ ହୋଇଛି। ବିଦା ହୋଇଥିବା ଅଣଛାତ୍ରମାନେ ଯଦି ପୁଣିଥରେ ହଷ୍ଟଲରେ ରହିବାକୁ ଚେଷ୍ଟା କରନ୍ତି ବା ରହୁଥିବା ଜଣାପଡ଼ିଲେ, ସିଧା ସେମାନଙ୍କୁ ଗିରଫ କରାଯିବ ବୋଲି ଏସିପି ବିଶ୍ୱରଞ୍ଜନ ସେନାପତି ଚେତାବନୀ ଦେଇଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ କୁଳସଚିବ ସ୍ୱାତୀ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ମିତାଲି ଚିନାରା, ହଷ୍ଟେଲ୍ ୱାର୍ଡେନ୍ ପ୍ରଫେସର୍ କବୀର ସେଠୀଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସାମିଲ ଥିଲେ।

## କୃଷି ଅଧିକାରୀ, ପାକ୍ସ...

ସମିତିର କର୍ମଚାରୀଙ୍କୁ ଚାଷୀ ତାଲା ପକାଇ ଦେଇଥିଲେ। ଖବର ପାଇ ସଇଁତଲା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କୃଷି ଅଧିକାରୀ ଓ ସମବାୟ ସମିତି କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ସେହିଭଳି ଭଦ୍ରା ପ୍ରାଥମିକ ସମବାୟ ସମିତିକୁ ସାର ଆସିଥିବା ଖବର ପାଇ ସୋମବାର ସକାଳ ପ୍ରାୟ ୪ଟାରୁ ଚାଷୀ ଆଧାର କାର୍ଡ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ; ହେଲେ ଚାଷୀଙ୍କୁ ଦେଖି ପେକ୍ସ ସମ୍ପାଦକ ମନୋଜ ସାହୁ ପଳାଇଥିଲେ। ୪ ଘଣ୍ଟା ପରେ ଆସିବାରୁ ସାର ପାଇଁ ସମବାୟ ସମିତି ସାମ୍ନାରେ ଅପେକ୍ଷା କରିଥିବା ଚାଷୀ ଉତ୍ତେଜିତ ହୋଇ ଉଠିଥିଲେ। ଶ୍ରୀ ସାହୁ ଘୁନସର ସମବାୟ ସମିତିର ସମ୍ପାଦକ। ଏହାସହ ସେ ଭଦ୍ରା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଘୁନସର ଚାଷୀଙ୍କ ପାଇଁ ସାର ଆସିନି; ହେଲେ ଘୁନସର ଗାଁର ପାଖାପାଖି ୩୦ ଜଣ ଚାଷୀଙ୍କୁ ଭଦ୍ରା ସମବାୟ ସମିତିରୁ ସାର ଦିଆଯାଇଛି। ଏହାକୁ ନେଇ ଭଦ୍ରା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଖବର ପାଇ ବଡ଼ମାଳ ଫାଣ୍ଡି ପୁଲିସ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷେ ଗଣ୍ଡପଦ୍ରାପାଲି ସମବାୟ ସମିତିରେ ୩୦୦ରୁ ଅଧିକ ବସ୍ତା ସାର ଆବଶ୍ୟକ ପଡୁଛି; ହେଲେ ୧୮୦ ବସ୍ତା ସାର ମହଜୁଦ୍ ଅଛି। ଏଣୁ ଚାଷୀଙ୍କୁ ସାର ପ୍ରଦାନ କରାଯାଇନି। ସମ୍ପୂର୍ଣ୍ଣ ଭାବେ ସାର ଆସିଲେ ସବୁ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ସମବାୟ ସମିତି ସଂପାଦକ ସରୋଜ ଖେତି ଚାଷୀଙ୍କୁ କହିଛନ୍ତି। ଏହା ସହ ସେ କିଛି ଚାଷୀଙ୍କଠୁ ସାର ପାଇଁ ଆଗୁଆ ଟଙ୍କା ନେଇଥିବା କେତେକ ଚାଷୀ କହିଛନ୍ତି। ବୁଢ଼ାବାହାଲ ଓ ସଇଁତଲା ସମବାୟ ସମିତିରେ ମଧ୍ୟ ସାର ବଣ୍ଟନ ବେଳେ ଉତ୍ତେଜନା ଦେଖା ଦେଇଥିଲା।

## ଗୋଲାମୁଣ୍ଡା-କେଗାଁ...

ସମବାୟ ସମିତିକୁ ୫୦୦ ପ୍ୟାକେଟ୍ ୟୁରିଆ ଆସିଥିବା ବେଳେ ହଜାର ହଜାର ସଂଖ୍ୟାରେ ଚାଷୀ ସକାଳ ୫ରୁ ଅପେକ୍ଷା କରିଥିଲେ। ବହୁ ସଂଖ୍ୟକ ଚାଷୀଙ୍କୁ ଦେଖି ୟୁରିଆ କମ ଥିବାରୁ ଚପ୍ରିଆ ସେବା ସମବାୟ ସମିତି ପକ୍ଷରୁ ଅସମର୍ଥ ପ୍ରକାଶ ପାଇଥିଲା। ଫଳରେ ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏଥିରେ ଅବରୋଧରେ ଚପ୍ରିଆ, କେଗାଁ, ଖଲିଆପାଲି, ସିନାପାଲି, ନୂଆଗାଁ ଞ୍ଚାୟତର ହଜାର ହଜାର ଚାଷୀ ସାମିଲ ହୋଇଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate Jharbandh, Dist.- Bargarh dated 6th September 2025, CF No. 02, I Paramananda Sahu, S/o- Late Kailash Sahu, resident of Vill.- Kotana, Po./Ps.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Podman Sahu** to **Padman Sahu**. Henceforth he will be known as **Padman Sahu** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 04, I Sadananda Mahar, S/o- Sankirttan Mahar, resident of village- Kotana, PO/PS- Jharbandh, Dist.- Bargarh, Pin-768042 hereby declares that , I have changed my minor son's name from **Sankar Rana** to **Sankar Mahar**. Henceforth he will be known as **Sankar Mahar** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 01, I Basista Hans, S/o- Late Krushna Hans, resident of Vill.- Kotana, PO/ PS-Jharbandh, Dist.- Bargarh, Pin- 768042 hereby declares that, I have changed my minor son's name from **Laxmi Hans (DOB- 28.07.2016)** to **Omprakash Hans (DOB- 29.07.2016)**. Hence he will be known as **Omprakash Hans** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate,Jharbandh, Dist.- Bargarh dated 6th September 2025, CF No. 03, I Dhabalesh Bhoi, S/o- Udan Singh Bhoi, resident of Vill.- Kotana, PO/PS.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Hiteswar Bhoi** to **Chiteswar Bhoi**. Henceforth he will be known as **Chiteswar Bhoi** for all future purposes.

**AFFIDAVIT**

By virtue of an affidavit SL.No.-9, dtd. 30.08.2025 before the Executive Magistrate, Keonjhar, I Gitanjali Naik have changed my name from Gita Naik to Gitanjali Naik. Henceforth I shall be known as Gitanjali Naik instead of Gita Naik for all purposes.

**Sd/- Gitanjali Naik**

**AFFIDAVIT**

I, Shital Kumari Padia, aged about 28 years, W/o- Rajaram Chandgotia, resident of Ward No. 9, Rairangpur, PO/PS- Rairangpur, Dist- Mayurbhanj, PIN:757043, Odisha declared by this affidavit No. 423, dtd- 08/09/2025 that now onwards I shall be known as Shital Chandgotia for all future purposes.

**AFFIDAVIT**

I, B Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 1827, dtd- 08/09/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, vide CF No.- 129, dated: 06/09/2025. I, Jagannath Dakua, S/o- Subasa Dakua, resident of At/Po- B. Kotibadi, Via- Surada, Dist- Ganjam Pin- 761108, declare that I have changed my name from **JAGA DAKUA** (old Name) to **JAGANNATH DAKUA** (new Name). Henceforth, I shall be known as **JAGANNATH DAKUA** for all purposes.

**Jagannath Dakua**

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chndrika Mali. Henceforth She will be known as Chandrika Mali for all purposes.

**Sd/- Sanu Mali**

**AFFIDAVIT**

By virtue of an affidavit no 5405 Swarn before the Executive Magistrate, Champua on dated- 08/09/2025. I, **Manmatha Nayak,** S/o- Gobardhan Nayak Resident of At- Hrudurampur, Po- Bankia, Ps- Champua, Dist-Keonjhar, Odisha, Pin- 758044 declare that I have changed my name from **Manamohan Nayak** (old name) to **Manmatha Nayak** (new name). Henceforth, I shall be known as **Manmatha Nayak,** S/o- Gobardhan Nayak for all future purposes.

**Manmatha Nayak**

**AFFIDAVIT**

By virtue of an affidavit No. 2452, sworn before the Executive Magistrate Sukinda, Jajpur, dated- 3/09/2025. I, **Raghunath Mallik,** resident of Vill-Olia, Po- Ampolaba, Ps- Sukinda, Block- Sukinda, Dist- Jajpur, Odisha, Pin-755018 declare that I have changed my minor son name from **Romiya Mallik** (old name) to **Romio Mallik** (new name). Henceforth, he shall be known as **Romio Mallik**, S/o- Raghunath Mallik for all future purposes.

**Raghunath Mallik**

**AFFIDAVIT**

By virtue of an affidavit No.8886, dtd. 17.11.2021 before the Notary Public, Sambalpur, I, Surajeet Mitra, have changed my minor daughter's name from Preeyasi Mitra to Viana Mitra. Henceforth She will be known as Viana Mitra for all purposes.

**Sd/- Surajeet Mitra**

**AFFIDAVIT**

I, **Suryakant Nayak** holder of Passport number Y7817234, aged about 45 years, S/o- Dinabandhu Nayak, resident of Plot No. K-8/642, Kalinga Nagar, Ps- Bharatpur, Bhubaneswar, Dist- Khurda, Pin- 751029, Odisha declare that I have changed my minor daughter's name holding passport number V6138449, from **YASHITA NAYAK** to **YASHIKA NAYAK**, vide affidavit No.1806, dtd. 04/09/2025, that now onwards she shall be known as **YASHIKA NAYAK** for all future purposes.

**AFFIDAVIT**

I, Madan Guha, aged about 50 years, S/o- Late Mantosh Kumar Guha, resident of Kalimandir Road, Jharsuguda, PO- Kalimandir Road, PS/Dist- Jharsuguda, Odisha declared by this affidavit No. 4690/25, dtd- 08/09/2025 that now onwards I shall be known as **MADAN KUMAR GUHA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Astarang, CF No. 1324, on dated 08/07/2025, I **SURYAKANTA SAHOO**, S/o Purandar Sahoo resident of Village At- Kuhudi Samil Bastadiha, Po/Ps - Astaranga, Dist- Puri, State- Odisha declare that I have changed my minor son's name from **KRISHNA SAHOO** to **RAJKISHORE SAHOO.** Henceforth, he shall be known as **RAJKISHORE SAHOO** for all future purposes.

Sd- **SURYAKANTA SAHOO**

**AFFIDAVIT**

I, Sumit Singal, aged about 32 years, S/o- Sushil Kumar Khemka, resident of Ward No-6, Khariar Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1827, dtd. 07/09/2025, that now onwards I shall be known as **SUMIT SINGHAL** for all future purposes.

CAD-1700

RAJENDRA UNIVERSITY
PRAJNA VIHAR, BALANGIR-767002, ODISHA (INDIA)
e-mail:rejendrauniversitybar@gmail.com

No. 1310/ RUB Date 08.09.2025

**QUOTATION / TENDER CALL NOTICE**

The sealed tenders are hereby invited from interested firms/ agencies/ private individuals. Applications should reach to the Registrar, Rajendra University, Balangir-767002 latest by 25.9.2025 at 11 AM for further details please visit district website:balangir.odisha.gov.in and this university website: rajendrauniversity.ac.in

OIPR-11141/11/0010/2526

Sd/- Registrar

ସକାଳ THE SAKALA

ପଶ୍ଚିମ ଓଡ଼ିଶା
www.sakalaepaper.com

## ଗଙ୍ଗାଧର ନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଭବାନୀପାଟଣା,୮ ।୯ (ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପୋଲିସ ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ଭାବେ ଗଙ୍ଗାଧର ନନ୍ଦ ବେଶ ପରିଚିତ। ପ୍ରତିବର୍ଷ କ୍ଲାସରେ ଥିବା ପିଲାମାନଙ୍କ ଶିକ୍ଷାର ସ୍ତରକୁ ହୃଦୟଙ୍ଗମ କରି ସ୍ୱତନ୍ତ୍ର ଭାବେ ଶିକ୍ଷା ଦାନ କରିଥାନ୍ତି।ଶ୍ରେଣୀରେ ପାଠ ପଢ଼ାଇବା ସମୟରେ ତାଙ୍କର ଅଭିନବ ଶିକ୍ଷାଦାନ ଶୈଳୀ ପିଲାଙ୍କ ହିନ୍ଦି ବିଷୟ ପ୍ରତି ଥିବା ଭୟକୁ ଦୂର କରାଇଥାଏ। ଶ୍ରୀ ନନ୍ଦଙ୍କ ନୀତିବାଣୀ ହେଉଛି , ଜଣେ ବ୍ୟକ୍ତି ରୋଜଗାରକ୍ଷମ ହେବା ଅପେକ୍ଷା ପ୍ରଥମେ ସୁନାଗରିକ ହେବା ଆବଶ୍ୟକ। ମୋବାଇଲ ଠାରୁ ଦୂରରେ ରହି ପୁସ୍ତକକୁ ପିଲାମାନେ କିପରି ବନ୍ଧୁ କରିବେ, ସେଥିପାଇଁ ସେ ଅତ୍ୟନ୍ତ ଯତ୍ନବାନ। ତାଙ୍କର ଏହି ଅବଦାନ, ଅଭିନବ ପ୍ରୟାସ ପାଇଁ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ କନଭେନସନ୍ ସେଣ୍ଟର ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରି ଶ୍ରୀ ନନ୍ଦ ଆଜି କଳାହାଣ୍ଡି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

## ରଞ୍ଜନ ନାଏକ କୃଷକ ସମ୍ମାନରେ ସମ୍ମାନିତ




କୋମନା,୮ ।୯ (ସମିସ):ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ବିଶିବାହାଲ ଗ୍ରାମର ଚାଷୀ ରଞ୍ଜନ କୁମାର ନାଏକ ଭୁବନେଶ୍ୱର ଠାରେ ଗତ ଗୁରୁ ଦିବସ ଉପଲକ୍ଷେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ କୃଷକ ସମ୍ମାନରେ ସମ୍ମାନିତ ହେବାର ଗୌରବ ଲାଭ କରିଛନ୍ତି।ପ୍ରକାଶ ଯୋଗ୍ୟ ଅଟେ ଶ୍ରୀ ନାଏକ ନିଜର ୬୫ ଏକର ଚାଷ ଜମିରେ ବିଭିନ୍ନ ପ୍ରକାର ଚାଷବାସ କରି ଲକ୍ଷାଧିକ ଟଙ୍କା ଅର୍ଥ ଉପାର୍ଜନ କରି ସୁରୁଖୁରୁରେ ପରିବାର ଭରଣ ପୋଷଣ କରନ୍ତି। ୩୫ ଏକର ଚାଷ ଜମିରେ ପଦ୍ମ ଫୁଲ ଚାଷ କରି ଠିକ ଭାବେ ଅର୍ଥ ଉପାର୍ଜନ କରି ନିଜକୁ ସ୍ୱାବଲମ୍ବୀ କରିବାରେ ସକ୍ଷମ ହୋଇଛନ୍ତି। ଏହା ସହ ଅନ୍ୟ ଚାଷ ଜମି ମାନଙ୍କରେ କପା,ମକା,ଧାନ, ମୁଗ, ବିରି ଚାଷ କରି ମୋଟ ଭାବରେ ଶହେ ପରିବାରକୁ କାମ ଯୋଗାଇ ଅଞ୍ଚଳକୁ ଦାଦନ ମୁକ୍ତ କରିବାରେ ସଫଳ ହୋଇଛନ୍ତି। ଜଣେ ସଫଳ ଓ ପ୍ରତିଷ୍ଠିତ ଚାଷୀ ହିସାବରେ ଚଳିତ ବର୍ଷ ସରକାର ତାଙ୍କୁ କୃଷକ ସମ୍ମାନରେ ସମ୍ମାନିତ କରିଥିବା ଜଣା ପଡ଼ିଛି। ଏଭଳି କୃତିତ୍ୱ ପାଇଁ କୁଳତା ସମାଜର ଜିଲ୍ଲା ସଭାପତି ସରୋଜ କୁମାର ସାହୁ ଓ ବ୍ଲକ କୁଳତା ସମାଜ ସଭାପତି ବୈଷ୍ଣାୟାନ ସାହୁ ସମେତ ସମସ୍ତ ଜାତିଭାଇ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

## କ୍ଲଷ୍ଟରସ୍ତରୀୟ ତ୍ରୟମାସିକ ବୈଠକ



ଗୋଲାମୁଣ୍ଡା,୮ ।୯ (ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧିନସ୍ତ ଗ୍ରୀଣ୍ଡୋଲ ଆଞ୍ଚଳିକ ସାଧନକେନ୍ଦ୍ରର ତ୍ରୟମାସିକ ବୈଠକ ମକ୍ରାଗୁଡା ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଗଜିନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ପ୍ରଥମେ ବିଦ୍ୟାଦତା ଶ୍ରୀଗଣେଶ ଏବଂ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶୁଭ ଉଦ୍‌ଘାଟନ କରିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା।ଡୁଡୁକେଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ଦାସ ମଞ୍ଚ ପରିଚାଳନା କରିଥିଲେ।ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଗୁଞ୍ଜାରୀ ପଟେଲ ବୈଠକର ଆୟୋଜନ କରିଥିବା ବେଳେ ସହ ଶିକ୍ଷକ ରବିନଲାଲ କାଣ୍ଡ,ଉପେନ୍ଦ୍ର ନାଏକ, ବାଗମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ସା, ରଣାପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଛତ୍ରିଆ,ଗୋଇଣ୍ଡିମୁଣ୍ଡାପଡ଼ା ଏନପିଏସର ପ୍ରଧାନଶିକ୍ଷକ ଖଗେନ୍ଦ୍ର ପ୍ରଧାନ,ଟଙ୍କଧର ନାଏକ ,ଅନିରୁଦ୍ଧ ଛତ୍ରିଆ,ସୁଶାନ୍ତ ଅଗ୍ରିଆ ପ୍ରମୁଖ ସହଯୋଗ କରିଥିଲେ।ବୈଠକର ଉଦ୍ଦେଶ୍ୟ ହେଉଛି ଶିଶୁ ବାଟିକା, ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ମୌଳିକ ସଂଖ୍ୟାଜ୍ଞାନ ଏବଂ ସାକ୍ଷରତା ଭାଷା ଜ୍ଞାନର ଗୁଣାତ୍ମକ ଶିକ୍ଷାଦାନ ପାଇପାରିବେ। ଗ୍ରୀଣ୍ଡୋଲ କ୍ଲଷ୍ଟର ୧୬ଟି ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।ଉପସ୍ଥିତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତିନୋଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ସକାରାତ୍ମକ କାର୍ଯ୍ୟକ୍ରମ କରି ଚଳିତ ମାସିକ ପାଠ ଯୋଜନାର ଦଳଗତ ହିସାବରେ ଶିକ୍ଷାଦାନ କରିଥିଲେ। ସମସ୍ତ ଶିକ୍ଷକ ଲେସନ ନୋଟ ପ୍ରସ୍ତୁତ କରି ଦାଖଲ କରିଥିଲେ।ଗ୍ରିଣ୍ଡୋଲ ସ୍କୁଲର ସହ ଶିକ୍ଷକ ସୁନୀଲ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିବା ବେଳ ସିଆରସିସି ଗଜିନ୍ଦ୍ର ନାଏକ ସଭା ସାଙ୍ଗ କରିଥିଲେ।

## ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମଶାଳା

ଜୁନାଗଡ,୮ ।୯ (ସମିସ): କଳାହାଣ୍ଡି ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦଙ୍କ ଅଧ୍ୟକ୍ଷତାରେ ଜୁନାଗଡ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ପ୍ରଭାରୀ ତଥା ସେବା ପକ୍ଷର ରାଜ୍ୟ ସଂଯୋଜକ ରମେଶ ସାହୁ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଥିଲେ। ଆସନ୍ତା ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶ ବ୍ୟାପି ସେବା ପକ୍ଷ ପାଳନ କରାଯିବ। ଏହି ସେବା ପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଦଳ ସ୍ଥିର କରିଛି ଯଥା ବୃକ୍ଷରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ମୋଦୀ ବିକାଶ ମାରାଥନ , ଲୋକାଲ ଫର ଭୋକାଲ, ପଣ୍ଡିତ ଦିନଦୟାଲ ଜୟନ୍ତୀ, ଗାନ୍ଧୀ ଜୟନ୍ତୀ ,ସାଂସଦ କ୍ରୀଡା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମକୁ ନେଇ ସେବା ପକ୍ଷ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଳାହାଣ୍ଡି ସାଂଗଠାନିକ ଜିଲ୍ଲା ର ୪୧ ଗୋଟି ମଣ୍ଡଳର କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।କର୍ମଶାଳାରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର , ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା , ବରିଷ୍ଠ ନେତା ଭାରତ ଦେଓ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମୋନୋଜ ମେହେର, ରମେଶ ମାଝୀ ,ଜିଲ୍ଲା ସେବା ପକ୍ଷ ସଂଯୋଜକ ସତ୍ୟ ବେହେରା, ହିମାଂଶୁ ପଣ୍ଡା, ଘନ ଗହିର ,ସୌଭାଗିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ କ୍ଷ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ଉପ ସଭାପତି ମୁକେଶ ଅଗ୍ରୱାଲ ,ପ୍ରଶାନ୍ତ ସାହୁ ,ଲକ୍ଷ୍ମୀକାନ୍ତ ବାଗ ,ଦିବ୍ୟ ଜ୍ୟୋତି ମୁଣ୍ଡ ,କାଞ୍ଚନ ବାଗ ,ଶର୍ମିଷ୍ଠା ମେହେର , ସନ୍ତୋଷିନି ଦାସ ପ୍ରମୁଖଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




## କେସିଙ୍ଗାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ବାହାରୁ ଆସୁଥିବା ବିଶେଷଜ୍ଞ ଡାକ୍ତର ହିଁ ଭରସା



କେସିଙ୍ଗା,୮ ।୯ (ସମିସ):ସ୍ୱାସ୍ଥ୍ୟସେବା ପାଇଁ ସରକାର ବିଭିନ୍ନ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ରମାନ ଖୋଲି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଥାଆନ୍ତି।ହେଲେ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। କେସିଙ୍ଗାରେ ମେଡିକାଲରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁଁ ଲୋକେ ମୁହଁ ମୋଡ଼ିବାରେ ଲାଗିଛନ୍ତି। କୌଣସି ସ୍ୱାସ୍ଥ୍ୟ ସମସ୍ୟା ହେଲେ ପଇସାକୁ ନ ଡରି ସରକାରୀ ମେଡିକାଲ୍ ପରିବର୍ତ୍ତେ ବେସରକାରୀ ମେଡିକାଲ ଯିବାକୁ ପସନ୍ଦ କରୁଛନ୍ତି।ହେଲେ ବର୍ତ୍ତମାନ କେସିଙ୍ଗା ର ପ୍ରାୟ ମେଡିକାଲ ଷ୍ଟୋରରେ ସପ୍ତାହରେ ଅତ୍ୟନ୍ତ ପକ୍ଷେ ଗୋଟିଏ ଦିନ ସୁଦୂର ବିଶାଖାପାଟଣା ହେଉ କିମ୍ବା ବୁର୍ଲା ଭୀମସାରରୁ କିଛି ଭଲ ବିଶେଷଜ୍ଞ ଡାକ୍ତରଙ୍କୁ ଅନୁରୋଧ କରି ନିଜ ମେଡିକାଲ ଷ୍ଟୋରରେ ବସାଇ ଅଞ୍ଚଳ ବାସୀଙ୍କ ଜୀବନ ବଞ୍ଚାଉଛନ୍ତି। ଫଳସ୍ୱରୂପ ଅଞ୍ଚଳବାସୀ ଅଯଥା ଖର୍ଚ୍ଚାନ୍ତ ସାଙ୍ଗକୁ ସମୟ ବରବାଦ ହେବା ଠାରୁ ବଞ୍ଚି ଯାଉଛନ୍ତି। ବାହାରୁ ଡାକ୍ତର ଆଣୁଥିବା ମେଡିକାଲ ଷ୍ଟୋରର କଣ ଲାଭ କେତେ ଲାଭ ହେଉଛି ତାହାର ଆକଳନ କେହି କରୁନଥିବା ବେଳେ ଘର ପାଖରେ ବିଶେଷଜ୍ଞ ଡାକ୍ତର ଆସିବା ଶୁଣି ଲୋକଙ୍କର ଲମ୍ବା ଲାଇନ ଦେଖିବାକୁ ମିଳୁଛି। ସହରରେ ଜଣେ ଜଣେ ବାହାରୁ ଆସୁଥିବା ଡାକ୍ତର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରୋଗୀ ଦେଖୁଥିଲେ ମଧ ରୋଗୀଙ୍କ ସଂଖ୍ୟା କମୁନି।ଏମିତି ପରିସ୍ଥିତିରେ ବାହାରୁ ଆସୁଥିବା ବିଶେଷଜ୍ଞ ଡାକ୍ତର ଅଞ୍ଚଳର ରୋଗୀଙ୍କୁ ଜୀବନ ଦାନ ଦେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ।ତେଣୁ ଅଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେସିଙ୍ଗା ମେଡିକାଲରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦ ଗୁଡିକୁ ଯଥା ଶୀଘ୍ର ପୂରଣ କରିବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

## ସାବିତ୍ରୀବାଇ ଫୁଲେ ମହିଳା ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୮ ।୯ (ସମିସ): କୋକସରା ବ୍ଲକ୍ ଲଡୁଗାଁ ଆମ୍ବେଦକର ପଡ଼ାଠାରେ କ୍ରାନ୍ତି ଜ୍ୟୋତି ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଙ୍ଘ ପକ୍ଷରୁ ରବିବାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଛି। ଭେଟ୍‌ଘାଟ ପୂର୍ବରୁ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଏବଂ ସାବିତ୍ରୀ ବାଇ ଫୁଲେଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ କରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଦେବାନନ୍ଦ ନାଏକ ମୁଖ୍ୟବକ୍ତା,ଟୁନୁ ମହାନନ୍ଦ, ଗରୁଡ଼ ବାଗ, ପ୍ରହ୍ଲାଦ ଠାକୁର, ବ୍ୟବସାୟୀ ଦୁର୍ଗା ପ୍ରାସାଦ ଅଗ୍ରୱାଲା, ରତ୍ନାକର ନିଆଲ, ତ୍ରିନାଥ ବାଗ, ପଙ୍କଜ ମୁଖ ଚୌଧୁରୀ, ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, ଚୈତନ୍ୟ ବାଗ, ଦିବାକର ଦୁର୍ଗା, ସାମ୍ବାଦିକ ବସନ୍ତ ସରାବୁ, ଗଜିନ୍ଦ୍ର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହିକ୍ରମରେ ଅତିଥିମାନେ ନୂଆଁଖାଇର ଗାରିମା, ପରମ୍ପରା ଓ ନିଶା ନିବାରଣ ଉପରେ ଆଲୋକପାତ କରିଥିଲେ। ପରେ ମହିଳା ସଂଘ କର୍ମକର୍ତ୍ତା ପରସ୍ପରକୁ ଅଭିବାଦନ ଜଣାଇ ଅତିଥିଙ୍କୁ ଜୁହାର ଭେଟ୍ ହେଇଥିଲେ।ଅନୁଷ୍ଠାନ ସଭାନେତ୍ରୀ ପିଙ୍କି ମହାନନ୍ଦ, ସମ୍ପାଦିକା କୁମୁଦିନୀ ପାଣିଗ୍ରାହୀ, କୋଷାଧ୍ୟକ୍ଷା ଜୟନ୍ତୀ ପାଣିଗ୍ରାହୀ, ଧନମତି କଣ୍ଟା, ଭାନୁମତୀ ପାଣିଗ୍ରାହୀ, ଗୋଲାପି ନାଗ, କସ୍ତୁରୀ କୁମାର, ସୁରଭି ନାଏକ, ସବିତା ନିଆଲ, ରତ୍ନମଣି ମହାନନ୍ଦ ପ୍ରେମସିଲା ବାଗ,ସରସ୍ୱତୀ ମହାନନ୍ଦ ତଥା ବେଣୁଧର କଣ୍ଟା, ଉଦ୍ଧବ ବାଗ, ହରେକୃଷ୍ଣ ମହାନନ୍ଦ, ଯୋଗେନ୍ଦ୍ର ବାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଧ୍ୱଜ ମହାନନ୍ଦ ଏବଂ ପିତାମ୍ବର ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।



## ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡରେଶନର ନୂଆଁଖାଇ ଭେଟ୍‌ଘାଟ

ଭବାନୀପାଟଣା,୮ ।୯ (ସମିସ):ଅଲ୍ ଓଡିଶା ସିଡ୍ୟୁଲ୍‌କାଷ୍ଟ ଫେଡରେଶନ କଳାହାଣ୍ଡି ଓ ଆଞ୍ଚଳିକ ଦମ୍ବ ବିକାଶ ପରିଷଦ ଦେପୁର ମିଳିତ ଆନୁକୂଲ୍ୟରେ ଦେପୁର ବଜାର ପ୍ରାଙ୍ଗଣରେ ବରିଷ୍ଠ ଉପଦେଷ୍ଟା ଧିମାନ୍ ପୁରୁନ୍ଧର କରୁଆଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାବା ସାହେବଙ୍କ ଫଟୋଚିତ୍ର ରେ ପୂଜାର୍ଚ୍ଚନା କରି ଗ୍ରାମ୍ୟଭ୍ରମଣ କରିଥିଲେ। ଉକ୍ତ ନୂଆଁଖାଇ ଭେଟ୍‌ଘାଟରେ ଅଲ୍‌ଓଡିଶା ସିଡୁଲ୍ କାଷ୍ଟ ଫେଡରେଶନ ର ଜିଲ୍ଲା ସଭାପତି ଦିଗାମ୍ବର ଲୁହା, ମହା ସଚିବ ଯତୀନ୍ଦ୍ର କର,ଆଇନ ପରାମର୍ଶଦାତା ଛବିଲାଲ ନିଆଳ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରୀଆ,ଉପ ସଭାପତି ଧବଳେଶ୍ୱର ନାଗ ,ବରୁଣ ନାଏକ, ଦୁର୍ଯ୍ୟାଧନ କୁମାର ,ଜିଲ୍ଲା ସମ୍ପାଦକ ଅଭିରାମ ନନ୍ଦ,ଶଙ୍କର କର,କୋଷାଧ୍ୟକ୍ଷ କୌସିକ୍ ଦୁର୍ଗା, ଯୁଧିଷ୍ଠିର ଭଗତ ସାମାଜିକ ମୁଖ୍ୟ ଲୋକନାଥ ନାଗ, ପ୍ରେମଲାଲ ନାଏକ,ପ୍ରକାଶ ସାଗର, ସରପଞ୍ଚ ଆଦିତ୍ୟ ନାଏକ ,ଆଞ୍ଚଳିକ ଡମ୍ବ ବିକାଶ ପରିଷଦର ସଭାପତି ବିଜୟ ଦୀପ, ଉପସଭାପତି କୃଷ୍ଣ ଚନ୍ଦ୍ର ନାଗ ,ସମ୍ପାଦକ ଅଭିରାମ ସାଗର,ମିଡ଼ିଆ ସେଲର ଧୀରେନ୍ଦ୍ର ସୁନାନି,ସଂସ୍କୃତି ବିଭାଗର ଅଭିରାମ କର। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ,ସମାଜର ବିଶିଷ୍ଟ ସଂଗ୍ରାମୀ ମାନଙ୍କର ମରଣତ୍ୱର ମାନପତ୍ର ତାଙ୍କ ପରିବାରଙ୍କୁ ଦିଆଯାଇଥିଲା।




## ବଙ୍ଗୋମୁଣ୍ଡା ବ୍ଲକ୍ ଅଞ୍ଚଳରେ ଦାଦନ ସର୍ଦ୍ଦାରଙ୍କ ପ୍ରାଦୁର୍ଭାବ

ବଙ୍ଗୋମୁଣ୍ଡା,୮ ।୯ (ସମିସ): ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ବ "ନୂଆଖାଇ' ସରିବା ପରେ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ଅନେକ ଗ୍ରାମରୁ ପ୍ରବାସୀ ଶ୍ରମିକଙ୍କ ଗତିବିଧି ଆରମ୍ଭ ହୋଇଯାଇଛି। ଏହି ପର୍ବ ପରେ ସ୍ଥାନୀୟ ଲୋକଙ୍କୁ ଚାଷୀ କାମ କମିଯାଇଛି। ଏହାସହ ଜୀବିକା ନିର୍ବାହ ଲାଗି କୌଣସି ବିକଳ୍ପ ସୁବିଧା ନ ଥିବାରୁ ସେମାନେ ପରିବାରର ଜୀବନଯାପନ ପାଇଁ ରାଜ୍ୟ ବାହାରକୁ ପ୍ରସ୍ଥାନ କରିବାକୁ ବାଧ ହେଉଛନ୍ତି। ଏହି ସୁଯୋଗକୁ ଲକ୍ଷ୍ୟ କରି ଦାଦନ ସର୍ଦ୍ଦାରମାନେ ପୁଣିଥରେ ଅଞ୍ଚଳରେ ସକ୍ରିୟ ହୋଇଯାଇଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ସେମାନେ ଗରିବ ଶ୍ରମିକ ପରିବାରକୁ ଅଗ୍ରିମ ଟଙ୍କା ଦେଇ ସେମାନଙ୍କୁ ଦୂରଦୂରାନ୍ତର ସହର, କାରଖାନା ଓ ଇଟାଭାଟିରେ କାମକୁ ନେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ନୂଆଖାଇ ପରେ ଘରେ କାମ କିଛି ନ ଥାଏ। ପରିବାର ଚଳାଇବାକୁ ଟଙ୍କା ଦରକାର। ସେଥିପାଇଁ ଦାଦନ ସର୍ଦ୍ଦାରଙ୍କଠାରୁ ଟଙ୍କା ନେଇ ସେମାନେ ବାହାରକୁ କାମକୁ ଯାଇଥାନ୍ତି। ଶତାଧିକ ପରିବାର ଦାଦନ ସର୍ଦ୍ଦାରଙ୍କ ପ୍ରଭାବରେ ପ୍ରବାସ ପଥକୁ ବାଛୁଛନ୍ତି। ଗତ କିଛି ବର୍ଷ ଧରି ପ୍ରତ୍ୟେକ ନୂଆଖାଇ ପରେ ଏହି ପ୍ରବାସ ପ୍ରବୃତ୍ତି ନିୟମିତ ପରମ୍ପରା ପରି ହୋଇଯାଇଛି; କିନ୍ତୁ ଏଥିରେ ସବୁଠାରୁ ବଡ଼ ସମସ୍ୟା ହେଲା ଶ୍ରମିକମାନେ ବହୁତ ସମୟରେ ଅସୁରକ୍ଷିତ ପରିସ୍ଥିତିରେ କାମ କରିବାକୁ ବାଧ ହେଉଛନ୍ତି। ଅଳ୍ପ ମଜୁରୀରେ ବ୍ୟବହୃତ ହୋଇଥାନ୍ତି। ଗ୍ରାମବାସୀଙ୍କ ମଧ୍ୟରୁ ଅନେକଙ୍କ କହିବା କଥା ଯେ, ଦାଦନ ସର୍ଦ୍ଦାରଙ୍କୁ ବିରୋଧ କରିବା ସହଜ ନୁହେଁ। ସେମାନଙ୍କର ପ୍ରଭାବ ଏତେ ବଢ଼ିଛି ଯେ ସରକାରୀ ବ୍ୟବସ୍ଥା ମଧ ପ୍ରାୟତଃ ନୀରବ। ବୁଦ୍ଧିଜୀବୀଙ୍କ ମତରେ ଏହି ଅଞ୍ଚଳରେ ଦାଦନ ପ୍ରଥା ବୃଦ୍ଧି ପାଇବାର ମୂଳ କାରଣ ସ୍ଥାନୀୟ ରୋଜଗାର ସୁବିଧା ଅଭାବ, ମନରେଗା କାମ ଠିକ୍‌ଭାବେ ନ ମିଳିବା ଓ କୃଷିରୁ ପରିବାରକୁ ଚାଲିବାକୁ ପର୍ଯ୍ୟାପ୍ତ ଆୟ ନ ହେବା। ଯଦି ସରକାରୀ ସ୍ତରରୁ ଗ୍ରାମୀଣ ଅଞ୍ଚଳରେ କାମ ସୃଷ୍ଟି, ମନରେଗାର ପ୍ରଭାବଶୀଳ କାର୍ଯ୍ୟାନ୍ୱୟନ ଓ ଶ୍ରମିକଙ୍କ ସୁରକ୍ଷା ପାଇଁ କଡ଼ା ଆଇନ ପ୍ରୟୋଗ ହେବ ତେବେ ଦାଦନ ସର୍ଦ୍ଦାରଙ୍କ ପ୍ରଭାବ କମି ପାରିବ।

## ଗୋପାଳନ ପାଇଁ ତାଲିମ ଶିବିର

ବୌଦ୍ଧ,୮ ।୯ (ସମିସ): ହରଭଙ୍ଗା ପ୍ରାଣୀପାଳନ ବିଭାଗ ପକ୍ଷରୁ ହରଭଙ୍ଗା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ହିତାଧିକାରୀଙ୍କୁ ଅନ୍ୟ ରାଜ୍ୟରୁ ଗାଈ କ୍ରୟ କରିବା ପାଇଁ ୬୦ରୁ ୭୦ପ୍ରତିଶତ ରିହାତି ପ୍ରାଣୀ ପାଳନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ହରଭଙ୍ଗା ବ୍ଲକ୍‌ରେ ଚୟନ କରାଯାଇଥିବା ୪୮ ହିତାଧିକାରୀଙ୍କୁ ଉତ୍ତମ ଗୋ ଚୟନ ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନ ଗୋପାଳନର ବିଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଷୀ କିପରି ସହଜରେ ଗାଈ କିଣିପାରିବେ ଏବଂ ଉତ୍ତମ ଗାଈ କିପରି ଚୟନ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ନ୍ୟାସନାଲ ଡାଇରୀ ଡେଭଲପମେଣ୍ଟ ବୋର୍ଡ ପକ୍ଷରୁ ଅନ୍ୟ ରାଜ୍ୟରୁ ଗାଈ ଆଣି ଚାଷଙ୍କୁ ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ଚାଷୀଙ୍କୁ ଅବଗତ କରାଯାଇଥିଲା। ହରଭଙ୍ଗା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ବିଭୂତି ପଣ୍ଡା ଉତ୍ତମ ଗାଈର ଲକ୍ଷଣ ଏବଂ କିଣିବା ସମ୍ପର୍କରେ କ'ଣ କ'ଣ ସଚେତନତା ଅବଲମ୍ବନ କରିବା ଉଚିତ ତାହା କହିଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ଡା. ବୀରେନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ଭବାନୀପାଟଣା,୮ ।୯ (ସମିସ): କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ନୂତନ ପରିକଳ୍ପନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡାଙ୍କ ପ୍ରୟାସରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରଥମଥର ସରକାରୀ କର୍ମଚାରୀଙ୍କ ପାଇଁ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ବ୍ୟସ୍ତବହୁଳ କର୍ମମୟ ଜୀବନରେ ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଗୁରୁତ୍ୱ ଦେଇ ସମସ୍ତ ସରକାରୀ କର୍ମଚାରୀ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ ଦୁବେଙ୍କ ତତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଭେଷଜ ଚିକିତ୍ସା ବିଭାଗ, ଦାନ୍ତ ଚିକିତ୍ସା ବିଭାଗ, ଚକ୍ଷୁ, ନାସା, କର୍ଣ୍ଣ ଓ ଗଳା, ଶିଶୁ ରୋଗ ବିଭାଗ ଇତ୍ୟାଦି ବିଶେଷଜ୍ଞ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଶିବିରରେ ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ,ଡିଡି ପ୍ଲାନିଂ ସୁକାନ୍ତ ଦଳେଇ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର,ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ସହକାରୀଯନ୍ତ୍ରୀ ପୂର୍ତ୍ତ ବିଭାଗ ସୁବ୍ରତ ସାହୁ,ଏପିଡି,ବିମ୍ବାଧର ସାହୁ, ଡିଇଜିଏମ୍,ସଞ୍ଜୀବ କୁମାର ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,କର୍ମଚାରୀ ପ୍ରମୁଖ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରର ପରିଚାଳନାରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାସ ସହଯୋଗ କରିଥିଲେ। ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଲୋକ ରଞ୍ଜନ ମୁଣ୍ଡ, ଅନନ୍ତ କୁମାର ପଣ୍ଡା, ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ କରିଥିଲେ।



## କନ୍ଧବାହାଲ ଆଜାଦ କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟଘାଟ

କଣ୍ଟାବାଞ୍ଜି,୮ ।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଧାମନଡ଼ଙ୍ଗା ପଞ୍ଚାୟତ କନ୍ଧବାହାଲ ଗାଁ ଆଜାଦ କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତ୍ରୀ ନିରୁପମା ମାଝି, ଯୁବ ବିଜେଡି ନେତା ଗିରିରାଜ ସିଂ ମାଝି, ଡକ୍ଟର ରମେଶ ଚନ୍ଦ୍ର ମାହାନନ୍ଦ, ଗୋବିନ୍ଦ ତାଣ୍ଡି, ବିଜେଡି ନେତା ଆଶାଦୁଲା ଖାଁ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲ୍ଲା ଉପ ସଭାପତି ରୋହନ ମହତ, ପତ୍ରକାର ସଂଘ ଜିଲ୍ଲା ସଭାପତି ତୁଳସୀରାମ ଜଗତ, ଯୁବ ସାମ୍ବାଦିକ ମୋହନ ସୁନା, ବିଜେଡି ନେତ୍ରୀ ପିଙ୍କି ଖର୍ସେଲ, ଶାନ୍ତାନୁ ବିଭାର, ବିଜେଡି ନେତା ଦେବରା ବାରିକ, ଦେବରାଜ ଯାଦବ, ଜିତେନ୍ଦ୍ର ଖୁରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେହିଭଳି ଅଭିନେତ୍ରୀ ପ୍ରାଚି ପାଣିଗ୍ରାହୀ, କଣ୍ଠଶିଳ୍ପୀ ଅଶୋକ ଯୋଗ ଦେଇଥିଲେ। ସଭାପତି ଚମ୍ପେଶ୍ୱର ବାଗଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଟୁ ମହାନନ୍ଦ, ରଞ୍ଜିତ ଦଣ୍ଡସେନା, ରାଜେଶ ଦଣ୍ଡସେନା, ବାସୁଦେବ ପନିକା, ଲକ୍ଷେଶ୍ୱର ଦଣ୍ଡସେନା, ରାଷ୍ଟ୍ରପତି ଜାନୀ, ଖଗେଶ୍ୱର ବାଗ କାର୍ଯ୍ୟକ୍ରମ ପରିଚାଳକ କରିଥଲେ। ଉପସ୍ଥାପିକା ବବିତା ବାଗ ମଞ୍ଚ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ବୈଠକ

ବଲାଙ୍ଗିର,୮ ।୯ (ସମିସ): ଅବସରପ୍ରାପ୍ତ ସରକାରୀ କର୍ମ.ରୀ ସଂଘ, ବଲାଙ୍ଗିର ଶାଖାର ସାଧାରଣ ବୈଠକ ଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ସଂଘର ବରିଷ୍ଠ ସଭ୍ୟ ନରେନ୍ଦ୍ର କବାଟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ କୃଷ୍ଣଚନ୍ଦ୍ର ନାଥ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଉପ-ସଭାପତି ପର୍ଶୁରାମ ନାୟକ, ସହ-ସଂପାଦକ ଚୈତନ୍ୟ ପଟେଲ, ବରିଷ୍ଠ ସଭ୍ୟ ଲୋକନାଥ ନେପାକ, କପିଳେଶ୍ୱର ଖମାରୀ, ମନୋରଞ୍ଜନ ମିଶ୍ର, ଡା.ଉମାକାନ୍ତ ପାତ୍ର, ଡା.ଦେବଦ ମିଶ୍ର, ରାଧାକାନ୍ତ ସେଠ, ଭକ୍ତବନ୍ଧୁ ନାଏକ, ଦଶରଥ ବାଘ, ପୂର୍ଣ୍ଣଚନ୍ଦ୍ର ଦାଶ, ବୈକୁଣ୍ଠ ସ୍ୱାଇଁ, ଜୟଦେବ ବେହେରା, ହରେକୃଷ୍ଣ ପଟେଲ, କୃଷ୍ଣଚନ୍ଦ୍ର ମାହାକୁର, ପ୍ରଶନ୍ନ ମିଶ୍ର, ଶ୍ୟାମ ସୁନ୍ଦର ଦାଶ, ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ପୁରୁଷୋତ୍ତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ

ବଲାଙ୍ଗିର,୮ ।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବନ୍ଧପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ପଦଯାତ୍ରା ଆୟୋଜନ ସହ ଏକ ସଭା ଅନୁଷ୍ଠତ ହୋଇଥିଲା। ଏହି ସଭାରେ ପୁଇଁନ୍ତଲା ବିଇଓ ରତ୍ନମୟୀ ପୁରୋହିତ, ଏବିଇଓ ଲଛମନ ପଧାନ, ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା, ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ବିଶ୍ୱାଳ, ସଭ୍ୟ ମୋହନ ପଧାନ, ସିଆରସିସି ଅଜିତ ଶତପଥୀ, ସିଆରସିସି ପ୍ରମୋଦ ପଟେଲ, ସିଆରସିସି ରଂଜିତ ମିଶ୍ର ପ୍ରମୁଖ ମତାମତ ରଖିଥିଲେ। ଶିକ୍ଷକ ପ୍ରଭାକର ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅପର୍ଣ୍ଣା ପଟେଲ। ଏହି କାର୍ଯ୍ୟକ୍ରମରେ ସିଆରସିସି ସୁଶାନ୍ତ ମିଶ୍ର, ସରୋଜ ଗଡତ୍ୟା, ରସାନନ୍ଦ କର୍ମୀ, ସତ୍ୟନାରାୟଣ ସାହୁ, ତରଣିସେନ ଧାରୁଆ, ନିତ୍ୟରାଜ ସେଠ, ପ୍ରତୀକ ପାଣିଗ୍ରାହୀ, ପ୍ରଦୀପ ନାଏକ, ଶିକ୍ଷୟତ୍ରୀ ମଞ୍ଜରୀ ସୁନା, ଶ୍ରୀମାସୂତା ମଲ୍ଲିକ, ହିସାବ ରକ୍ଷକ ସୁଧାଂଶୁ ଶେଖର ପାତ୍ର ସହଯୋଗ କରିଥିଲେ।

## ୟୁରିଆ ପାଇଁ ଚାଷୀ ହନ୍ତସନ୍ତ

# ଆଧାର ନ ଦେଖାଇଲେ ମିଳୁନି ସାର



ବୌଦ୍ଧ,୮ ।୯ (ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପାକ୍ସ ଆଗରେ ଶନିବାର ୟୁରିଆ ସାର ପାଇଁ ଚାଷୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ସାର ପାଇଁ ସକାଳୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ଚାଷଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବସ୍ତାଏ ସାର ପାଇଁ ଆଧାର କାର୍ଡର ଜେରକ୍ସ କପି ମାଗୁଥିବାରୁ ଜେରକ୍ସ କରିବା ପାଇଁ ଦୋକାନରେ ମଧ ଭିଡ଼ ଦେଖିବାକୁ ମିଳିଥିଲା। ଏହାର ସୁଯୋଗ ନେଇ ଜେରକ୍ସ କପି ଗୋଟେକୁ ୫ ଟଙ୍କା ନେଉଥିବା ଜଣାପଡିଛି। ଖୁଣ୍ଟବନ୍ଧ ପାକ୍ସ ପଦ୍ମନପୁର, ଲକ୍ଷ୍ମୀପ୍ରସାଦ ଓ ଖୁଣ୍ଟବନ୍ଧ ଆଦି ୩ ପଞ୍ଚାୟତର ଚାଷୀ ବହୁଳ ଗ୍ରାମକୁ ନେଇ ଗଠିତ ହୋଇଚି। ମାର୍କଫେଡ ପକ୍ଷରୁ ମାତ୍ର ୩୧୫ ବସ୍ତା ୟୁରିଆ ସାର ବିକ୍ରୟ ପାଇଁ ଖୁଣ୍ଟବନ୍ଧ ପାକ୍ସକୁ ଆବଣ୍ଟିତ ହୋଇଛି। ସାର ଆସିଥିବା ସୂଚନା ପାଇ ଚାଷୀ ସକାଳୁ ପାକ୍ସରେ ପହଞ୍ଚି ଧାଡ଼ିରେ ରହିଥିଲେ। ସାର ତୁଳନାରେ ଚାଷୀ ସଂଖ୍ୟା ଅଧିକ ଥିବା ବେଳେ କେମିତି ସାର ବଣ୍ଟନ କରିବେ ପାକ୍ସ କର୍ମକର୍ତ୍ତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରି ସାର ପାଇ ପାରି ନ ଥିବା ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ପେକ୍ସକୁ ଅଧିକ ସାର ଯୋଗାଇ ନଦେଲେ ଚାଷୀ ରାଜରାସ୍ତାକୁ ଓହ୍ଲେଇବାକୁ ତୋବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବରଗଡ଼,୮।୯(ସମିସ): ଓଡ଼ିଆ ବାଳକ କ୍ଲଷ୍ଟର ଅଧୀନରେ ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାଗ୍ୟବନ୍ତୀ ବିଶ୍ୱାଲଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି। ଏହାପରେ ତାଙ୍କୁ ସ୍ଥାନୀୟ ରାଣାପ୍ରତାପ ସ୍କୁଲ ଠାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ଯୋଗ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍, ସାମାଜିକକର୍ମୀ ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ଡ.ଡୋଲାମଣି ଶତପଥୀ, ମୀନା ପଣ୍ଡା, ଶିକ୍ଷକ ଦୁଃଖୀ ସେବକ ସାହୁ, ଶିକ୍ଷକ ଅଭିଭାବକ ସଂଘ ସଦସ୍ୟ ସୁଦର୍ଶନ ବାରିକ, ଆଲୋକ ରଞ୍ଜନ ଦାଶ, ବାଙ୍କା ବିହାରୀ ସାହୁ, ସନ୍ତୋଷ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଣାପ୍ରତାପ ସ୍କୁଲର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୃଣାଳ ମୋତିରାମ ଚୌହ୍ୱାଣ ଲଖନପୁର ବ୍ଲକ୍ ବାଦିମାଲ ପଞ୍ଚାୟତ ଗସ୍ତ କରିଛନ୍ତି। ଜିଲ୍ଲାପାଳ ଲଖନପୁର ବ୍ଲକ୍‌ର କୁସମେଲ ଗାଁରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ନିର୍ମିତ ଘରକୁ ଘର ବିଶୋଧନ ପିଇବା ପାଣି ଯୋଗାଣ ପ୍ରକଳ୍ପ ତଦାରଖ କରିଛନ୍ତି। ଏହି ପ୍ରକଳ୍ପରୁ ୧୬ଟି ପଞ୍ଚାୟତକୁ ଜଳ ଯୋଗାଣ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପଞ୍ଚାୟତି ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ଆଗାମୀ ସପ୍ତାହରେ ଏହି ପ୍ରକଳ୍ପ ଉଦ୍‌ଘାଟନ ହେବ। ଉଦ୍‌ଘାଟନ ପୂର୍ବରୁ ପ୍ରକଳ୍ପ କିପରି କାର୍ଯ୍ୟକାରୀ ହେଉଛି, ଠିକ ଭାବେ ସମସ୍ତ ପଞ୍ଚାୟତକୁ ପାଣି ପହଞ୍ଚି ପାରୁଛି ନା ନାହିଁ ସେନେଇ ଜିଲ୍ଲାପାଳ ତଦାରଖ କରିଛନ୍ତି।

**କୋଇଲା ଖଣିରେ ଦୁର୍ଘଟଣା**

# ହାଇୱା ଧକ୍କାରେ ଘରୋଇ ସୁରକ୍ଷାକର୍ମୀ ମୃତ

ଇବଥର୍ମାଲ,୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ରରେ କୋଇଲା ପରିବହନରେ ନିଯୁକ୍ତ ହାଇୱା ଧକ୍କାରେ ଜଣେ ଠିକା ସୁରକ୍ଷାକର୍ମୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ସକାଳ ୫ଟା ୩୦ରେ ଘଟିଥିଲା। ଆହତ ସୁରକ୍ଷାକର୍ମୀଙ୍କୁ ବନ୍ଧବାହାଲ ସ୍ଥିତ କୋଇଲାଖଣି ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ସୁରକ୍ଷାକର୍ମୀ ବନହରପାଲି ଥାନା ପିପିଲିକାନି ପଞ୍ଚାୟତ ପଦପାଲି ଗାଁର ସଞ୍ଜୀବ ପ୍ରଧାନ (୪୦) ବୋଲି ସୂଚନା ରହିଛି। ସଞ୍ଜୀବଙ୍କ ମୃତ୍ୟୁ ଖବର ପାଇ ଏମସିଏଲରେ କାର୍ଯ୍ୟରତ ଶ୍ରମିକ ସଂଗଠନ, ଶତାଧିକ ଅଞ୍ଚଳବାସୀ ଏବଂ ସଞ୍ଜୀବଙ୍କ ପରିବାର ତଥା ଗ୍ରାମବାସୀ ଡାକ୍ତରଖାନା ପରିସରରେ ପହଞ୍ଚିଥିଲେ। ଡ୍ୟୁଟି ବେଳେ କୋଇଲା ଗାଡି ଧକ୍କାରୁ ମୃତ୍ୟୁ ହୋଇଥିବା ଜାଣି ଉତ୍ତେଜନା ଦେଖାଦେଇଥିଲା। ଏକ ନିର୍ଦ୍ଦିଷ୍ଟ କୋଲ୍ ୱାସେରୀର ହାଇୱା କହିବା ପରେ ଲୋକଙ୍କ ରାଗ ଆହୁରି ବଢ଼ିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ଅଡି ବସିଥିଲେ। ଖବରପାଇ ବନସରପାଲି ଥାନା ବନ୍ଧବାହାଲ ଫାଣ୍ଡି ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ବି ଲୋକମାନେ ନିଜ ଦାବିରେ ଅଟଳ ରହିଥିଲେ। ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡି ରାଘବେନ୍ଦ୍ର ଖଣି ଭିତର ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଥିଲେ।

ସଞ୍ଜୀବ ଏମସିଏଲରେ କାମ କରୁଥିବା ଏସ୍‌ଆଇଏସ୍ ଠିକା ସଂସ୍ଥାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ସଞ୍ଜୀବଙ୍କ ଡ୍ୟୁଟି ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ପ୍ରିନ୍ସିପାଲ ଏମ୍ପ୍ଲୟର ହିସାବରେ ଏମସିଏଲ, ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ଓ ହାଇୱା



ଚଳାଉଥିବା ସଂସ୍ଥା ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଲୋକମାନେ ଦାବି କରିଥିଲେ। ଏହାସହ ସଞ୍ଜୀବଙ୍କ ବିଧବା ପତ୍ନୀଙ୍କୁ ନିଯୁକ୍ତି ସାଙ୍ଗକୁ ତାଙ୍କ ଦେଢ଼ ଦେଢ଼ ବର୍ଷର ଦୁଇଟି ଜାଆଁଳା ପିଲାଙ୍କ ପାଠପଢ଼ାର ବ୍ୟବସ୍ଥା କରାଯିବାକୁ ଦାବି ହୋଇଥିଲା। ଅନେକ ବୁଝାସୁଝା ପରେ ଲଖନପୁର କୋଇଲା କ୍ଷେତ୍ର କନଫରେନ୍ସ ହଲରେ ବୈଠକ ବସିଥିଲା। ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ ପାଣ୍ଡେ ତଥା ତାଙ୍କ ଅଧିକାରୀ ଗଣ, ଜିଲ୍ଲା ପ୍ରଶାସନ




ପକ୍ଷରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ, ମୃତକଙ୍କ ପରିବାର ପକ୍ଷରୁ ବଡଭାଇ ସରୋଜ ପ୍ରଧାନ, ରତନ ପ୍ରଧାନ, ମୋତିଲାଲ ପ୍ରଧାନ, ଗୌରହରି ପ୍ରଧାନ, ଅନିଲ ପ୍ରଧାନ, ରାଜେନ୍ଦ୍ର ନାଏକ, ସାମଲ ନାଏକ, ବିଶ୍ୱଜିତ ଷଡଙ୍ଗୀ, ବିଶ୍ୱଜିତ ଭୋଇ, ଶ୍ରମିକ ସଂଗଠନର ଜେସିସି ମେମ୍ବର ତଥା ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ଅଧିକାରୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ମୃତ ସଞ୍ଜୀବଙ୍କ ପତ୍ନୀ ମିନତି ପ୍ରଧାନଙ୍କୁ ଏମସିଏଲ ପକ୍ଷରୁ ଇସିଏ-୧୯୨୩ ଅନୁସାରେ ୧୪ଲକ୍ଷ ୧ହଜାର ୭୫୦ ଟଙ୍କା, ଏସ୍‌ଆଇଏସ୍ ସୁରକ୍ଷା ସଂସ୍ଥା ପକ୍ଷରୁ ଏସ୍‌ଇଡବ୍ଲୁଏ ବାବଦକୁ ୨ଲକ୍ଷ ୫୦ ହଜାର, ଗ୍ରୁପ ପର୍ସନାଲ ଆକ୍ସିଡେଣ୍ଟ ଇନସୁରାନ୍ସ ବାବଦକୁ ୧୫ଲକ୍ଷ, ଦୁର୍ଘଟଣା ଜନିତ ସୁବିଧା ସ୍ୱରୂପ ସିଏସପି ଆକାଉଣ୍ଟ ବାବଦକୁ ୪୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା।

ଏହାସହ ମୃତକଙ୍କ ସ୍ତ୍ରୀ ମିନତି ସୁରକ୍ଷା ସଂସ୍ଥାରେ କାମ ଅଥବା ଇଏସ୍‌ଆଇସି ଆକ୍ଟ-୧୯୪୮ ଅନୁସାରେ ମାସକୁ ମାସ ପେନସନ ସହ ଡିଏଭି ବନ୍ଧବାହାଲରେ ପିଲା ଦୁହିଁଙ୍କର ପାଠପଢ଼ା ଖର୍ଚ୍ଚ ଏମସିଏଲ ତରଫରୁ ବହନ କରାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶବ ଉଠିଥିଲା। ବନହରପାଲି ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିଥିବା ଓ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୁଲିସ୍ କହିଛି।

## ଘଟଣା ସନ୍ଦେହଜନକ, ବଢୁଛି ଜନଅସନ୍ତୋଷ

ସୁରକ୍ଷାକର୍ମୀ ସଞ୍ଜୀବ ପ୍ରଧାନଙ୍କ ହାଇୱା ଧକ୍କାରେ ମୃତ୍ୟୁ ଘଟଣା ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିବା ସହ ଜନ ଅସନ୍ତୋଷ କୁହୁଳୁଛି। ଦୁର୍ଘଟଣା କାରଣ ଜଣା ପଡ଼ିବା ପରେ ପ୍ରଥମେ ଏକ ନିର୍ଦ୍ଦିଷ୍ଟ କୋଲ୍ ୱାସେରୀର ହାଇୱା ବୋଲି ଜୋରଦାର ଚର୍ଚ୍ଚା ହୋଇଥିଲା। ପରେ ସିସିଟିଭି ଚାଲୁ ନଥିବା ଆଳ ଦେଖାଇ ଓ ସେହି କମ୍ପାନୀର ଡିଓ ସରିଯାଇଥିବା କହି ଗାଡି ଫେରାର ଥିବା କୁହାଗଲା। ଏମସିଏଲ କୋଟିକୋଟି ଟଙ୍କାର ଖର୍ଚ୍ଚ କରି ସବୁଠି ସିସିଟିଭି ଲଗାଇବାର ମୂଲ୍ୟ କ'ଣ ବୋଲି ଲୋକେ ପ୍ରଶ୍ନ କରିଥିଲେ। ବିଭାଗୀୟ ତଦନ୍ତ ହେଉଛି, ଏମସିଏଲ ହେଡକ୍ୱାର୍ଟର ତଦନ୍ତ ହେଉଛି, ଏପରିକି ସରକାରଙ୍କ ପକ୍ଷରୁ ଡିଜିଏମ୍‌ଏସ୍ ତଦନ୍ତ କରାଯାଉଛି ସତ ହେଲେ ପରିଣାମ ଶୂନ ବୋଲି ଅଭିଯୋଗ ହୋଇଛି। ଏପରିକି ଜିଏମ୍ ଅଫିସ୍ ଲଖନପୁର ଠାରେ ସର୍ଭିଲାନ୍ସ ଲାଇସେନ୍ସ ଥାଇ ଖଣି ଭିତରକୁ ଯାଉଥିବା ପ୍ରତ୍ୟେକ ଗାଡିରେ ଜିପିଏସ୍ ଲଗାଇ ସ୍ୟାଟ୍‌ଲାଇଟ୍ ମାଧ୍ୟମରେ ମନିଟର କରାଯାଉଛି। ହେଲେ ଏ ଦୁର୍ଘଟଣା ଘଟାଇଥିବା ଗାଡି ବିଷୟରେ କେମିତି କିଛି ଜଣା ପଡିନଥିଲା ଓ ଡିଓ ସରିଗଲା ପରେ କମ୍ପାନୀ ଗାଡି କାହିଁକି ଖଣି ଭିତରକୁ ଯାଇଥିଲା ଏସମସ୍ତ ତଦନ୍ତ ନିରପେକ୍ଷ ଭାବେ କରାଯାଇ ପ୍ରଶାସନ ଓ ଏମସିଏଲ କର୍ତ୍ତୃପକ୍ଷ ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ଲୋକେ ଦାବି କରିଛନ୍ତି।

# ସୁବର୍ଣ୍ଣ ଦୀପ ପତ୍ରିକାର ନୂଆଁଖାଇ ଜୁହାର



ବରଗଡ଼,୮।୯(ସମିସ): ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ-କିଶୋର ପତ୍ରିକାର ନୂଆଁଖାଇ ଜୁହାର ଉତ୍ସବ ବରଗଡ଼ ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁରର କବି, ସୁଲେଖକ ଅନନ୍ତ ସେନାପତି ମୁଖ୍ୟ ଅତିଥି ରୂପେ, ସୁବର୍ଣ୍ଣପୁର ଜିଲ୍ଲା ବିନିକାର ସାମ୍ବାଦିକ, ସମାଜସେବୀ ଅକ୍ଷୟ ପୁଜାହାରୀ ସମ୍ମାନିତ ଅତିଥିରୂପେ, ବରଗଡ଼ ଜିଲ୍ଲା ବରପାଲିର ସୁସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ କଳାକାର ବିଜୟ ବେହେରା। ପ୍ରାରମ୍ଭରୁ ମାଁ ସମଲେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ପରେ ନୂଆଁଖାଇ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା। ପରେ ସମସ୍ତ ଅତିଥି ନୂଆଁଖାଇର ବିଶେଷତ୍ୱ ଓ ଶିଶୁ ପତ୍ରିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଲେଖକ/ଲେଖିକା ସମ୍ମାନ, ପାଠକ ସମ୍ମାନ, ସମ୍ବର୍ଦ୍ଧିତ ପର୍ବ ଆଦି ସ୍ଥାନିତ ହୋଇଥିଲା। ଚଳିତ ବର୍ଷ ସୁବର୍ଣ୍ଣଦୀପ ପାଠକ ସମ୍ମାନ ଶିକ୍ଷାବିତ ତଥା ସମାଜସେବୀ ରମେଶ ମେହେରଙ୍କୁ ସମାଜସେବୀ ପ୍ରିତମ ସିଂ ସମ୍ବର୍ଦ୍ଧିତ କରିଥିଲେ। ସୁବର୍ଣ୍ଣଦୀପ ତରଫରୁ ପ୍ରଥମକରି ବରଗଡ଼ର ନାରୀଶକ୍ତି ଦ୍ୱାରା ପରିଚାଳିତ 'ଧରିତ୍ରୀ ବ୍ଲକ୍ ମହାସଂଘ ମିଶନଶକ୍ତି କାଫେ'କୁ ମାନପତ୍ର, ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ନୂଆଁଖାଇ ସଂଖ୍ୟାର ସମୀକ୍ଷା ସହ ମାନପତ୍ର ପଠନ କରିଥିଲେ। କ୍ରମାଗତ ଭାବେ ୩୧ ବର୍ଷଧରି ସୁବର୍ଣ୍ଣଦୀପକୁ ବଞ୍ଚାଇ ରଖିଥିବା ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଆଗାମୀ ଦିନରେ ପତ୍ରିକାକୁ ଆହୁରି ସୁଦୃଢ଼ କରିବାପାଇଁ ସମସ୍ତଙ୍କୁ ନିଜ ଅଭିଭାଷଣରେ କହିଥିଲେ। ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଙ୍ଘର ସଭାପତି ଦୟାନିଧି ପ୍ରଧାନ ସୁବର୍ଣ୍ଣଦୀପର ଭୂୟସୀ ପ୍ରଶଂସା କରିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ ଓ ଯୁବ କଂଗ୍ରେସ ସମ୍ମିଳନୀ

ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ପାହାଡି ମନ୍ଦିର ଠାରେ ଜିଲ୍ଲା ଯୁବ କଂଗ୍ରେସର ଏକ ସମ୍ମିଳନୀ ଏବଂ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ଏହି ସମ୍ମିଳନୀରେ ରାଷ୍ଟ୍ରୀୟ କଂଗ୍ରେସର ପୂର୍ବତନ ମହିଳା ସଭାପତି ତଥା ଓଡ଼ିଶା ପ୍ରଭାରୀ ଶୋଭା ଓଝା, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା, ମନୋଜ ଦେହେରୀ, ସସ୍ମିତା ପଣ୍ଡାଙ୍କ ସହ ଜିଲ୍ଲା ଯୁବ କଂଗ୍ରେସର ସଦସ୍ୟ ମାନେ ଉପସ୍ଥିତ ଥିଲେ। କଂଗ୍ରେସ ଦଳକୁ ତୃଣମୂଳ ସ୍ତରରୁ ମଜବୁଦ କରିବା ପାଇଁ ଯୁବ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହାସହ ଦଳର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା।



# ଲଖନପୁରରେ ଜନଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୮।୯(ସମିସ): ଲଖନପୁର ବ୍ଲକ୍ ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୃଣାଳ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଆଇଏଏସ୍ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି, ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୁତ୍, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୭ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୮ଟି ସାମୂହିକ ଓ ୩୯ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁଇ ଜଣଙ୍କୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ବନହରପାଲିରେ ବୁଲା ଗୋରୁଗାଈଙ୍କ ନିୟନ୍ତ୍ରଣ, ପ୍ରଧାନମନ୍ତ୍ରୀ ଗାଁ ସଡକ ନିର୍ମାଣ, କଣ୍ଡେଇକେଲାରେ ବସୁଧା ଯୋଜନା କାର୍ଯ୍ୟକାରୀ କରାଯିବା, ପଣ୍ଡରୀରେ ବିଦ୍ୟାଳୟ ପାକଶାଳା ନିର୍ମାଣ ଓ ସୁଭଦ୍ରା ଯୋଜନାରେ ତାଲିକାଭୁକ୍ତ କରାଯିବା, ସୁକୁଲପାଲିରୁ ପତ୍ରା ମାଲ ପଡାକୁରାସ୍ତା ସଂଯୋଗ, ଦେଓପାଲିରେ ଜଳମଗ୍ନ ଚାଷଜମି ପାଇଁ କ୍ଷତିପୂରଣ ପ୍ରଦାନ, ଛର୍ଲାରେ ଗ୍ଲୋବାଲ କୋଲ ମାଇନିଂରେ ନିଯୁକ୍ତି, ରେମେଣ୍ଡା ପଞ୍ଚାୟତରେ ହରଘର ଜଳ ଯୋଜନାରେ ପାନୀୟ ଜଳ ଯୋଗାଣ, ସମରବଗାରେ ଗ୍ରାମ୍ୟରାସ୍ତା ଅବରୋଧପୂର୍ବକ ଗୃହନିର୍ମାଣ, ଲଖନପୁର ପଞ୍ଚାୟତ ବିଦ୍ୟାଳୟରେ କାର୍ଯ୍ୟରତ ସଫେଇ ଓ ଜଗୁଆଳି କର୍ମଚାରୀଙ୍କୁ ଦରମା ପ୍ରଦାନ, ଭିକମପାଲିରେ ମିଶନ ଶକ୍ତି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଜମି ଜବରଦଖଲ, ଦଲ ଗାଁରେ ମୋ ବସ ସେବା ଯୋଗାଇବା ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଜମଲା ଦୁର୍ଗାପୂଜା ପାଇଁ କଳାକାର ବରଣ



ପଦ୍ମପୁର,୮।୯(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ଜମଲା ଗାଁରେ ହେବାକୁ ଥିବା ୪୯ ତମ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବର ରାବଣ ଦରବାର କାର୍ଯ୍ୟକ୍ରମ ପାଇଁ କଳାକାର ବରଣ ଜମଲା ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।

ପୂଜା କମିଟିର ସଭାପତି ତୁଳାରାମ ବେହେରା, ସମ୍ପାଦକ ଗଣେଶ ଭୋଇ ଓ କୋଷାଧ୍ୟକ୍ଷ କହ୍ନେଇ ପଧାନ୍‌ଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତି ଅନୁସାରେ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ରଙ୍ଗମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନିଙ୍କୁ ରାବଣ ଭୂମିକା ପାଇଁ ଏବଂ ରାମ, ଲକ୍ଷ୍ମଣ, ହନୁମାନ ଇତ୍ୟାଦି ବିଭିନ୍ନ ଭୂମିକାରେ ଅଭିନୟ କରିବାକୁ ଯାଉଥିବା କଳାକାରଙ୍କୁ ବରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଦସ୍ୟ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଓବିସି ମଞ୍ଚର ବୈଠକ

ଇବଥର୍ମାଲ,୮।୯(ସମିସ)

ଲଖନପୁର ବ୍ଲକ୍‌ସ୍ତରୀୟ ଓବିସି ମଞ୍ଚ ତରଫରୁ ଏକ ବୈଠକ ସିଂହାରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ତିନିଟି ଯାକ ଜିଲ୍ଲା ପରିଷଦ ଜୋନରୁ ଓବିସି ଜାତିର ବିଭିନ୍ନ ସାମାଜ ପକ୍ଷରୁ ଲୋକମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ଦୁଇ ନମ୍ବର ଜୋନର ସଂଯୋଜକ କମିଟି ଗଠନ କରାଯାଇଛି। ମୁଖ୍ୟ ସଂଯୋଜକ ଭାବେ ସତ୍ୟାନନ୍ଦ ସାହୁ, ନରୋତ୍ତମ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ମୁରଲୀ ପ୍ରଧାନ, ହେମକାନ୍ତ ବାଡେଇଙ୍କ ସହ ୧୫ ଜଣଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି କମିଟି ଆସନ୍ତା ୧୫ ଦିନ ଭିତରେ ଜୋନର ପଞ୍ଚାୟତ କମିଟି ଗଠନ କରିବା ପାଇଁ ଘୋଷଣା କରିଥିଲେ। ତିନି ନମ୍ବର୍ ଜୋନ୍‌ର ମୁଖ୍ୟ ସଂଯୋଜକ ଭୋ ନାଥ ବାଡେଇ, ଯାଦବ ସମାଜର ଜିଲ୍ଲା ସଭାପତି ପବିତ୍ର ସଣ୍ଡ, ନରେଶ ବାରିକ ପ୍ରମୁଖ ଅନ୍ୟତମ ସଭ୍ୟ ମାନେ ୧୫ ଦିନ ଭିତରେ ଜୋନ କମିଟି ଗଠନ କରିବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ ଜିଲ୍ଲା ଓବିସି ମଞ୍ଚ ପକ୍ଷରୁ ବିରଞ୍ଚି ସାହୁ, ଗୋପୀନାଥ ବେହେରା, ସିରଜୁ ଖମାରି, କାହ୍ନୁଚରଣ ଭୋଇ, କିଶୋର୍ ବିଶ୍ୱାଳ, ଜାଗବନ୍ଧୁ ସା, ବନମାଳି ସାହୁ, ମୋତିରାମ ମେହେର୍, ବଂଶୀଧର ମେହେର୍, ହିମାଂଶୁ ପ୍ରଧାନ, ମଞ୍ଜରି ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ପ୍ରକାଶ ରଣା, ପଞ୍ଚାନନ ପ୍ରଧାନ, ବଳରାମ ସା, ଜିତେନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ବେହେରାଙ୍କ ସହ ତିନିଟି ଜିଲ୍ଲାପରିଷଦ ଜୋନରୁ ବହୁ ସଂଖ୍ୟାରେ ଓବିସି ଜାତିର ଲୋକମାନେ ଉପସ୍ଥିତ ଥିଲେ। ଶେଷରେ ସଭାପତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶିଶୁମନ୍ଦିରରେ ପାନୀୟ ଜଳ ବ୍ୟବସ୍ଥା କଲେ ମହାବିଦ୍ୟାଳୟ କର୍ମଚାରୀ

ବିଜେପୁର,୮।୯(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ତାଳପଦର ସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀଙ୍କ ସାମୂହିକ ପ୍ରୟାସରେ ତାଳପଦର ସରସ୍ୱତୀ ଶିଶୁ ମନ୍ଦିରରେ ଏକ ୱାଟର ଫିଲ୍ଟର ସ୍ଥାପନ ହୋଇଛି। ଫିଲଟର ସ୍ଥାପନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପଞ୍ଚାନନ ମିଶ୍ର, ଅଧ୍ୟାପକ ଧନପତି ଦେବତା, ଅକ୍ଷୟ ପଧାନ, ଉମାକାନ୍ତ ସାହୁ, ଦୁଷ୍ମନ୍ତ ଦେବତା, ଶିଶୁପାଳ ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ପୂର୍ବରୁ ମଧ ଅଧ୍ୟାପକ ଓ କର୍ମଚାରୀମାନେ ଉକ୍ତ ବିଦ୍ୟାଳୟ ପାଇଁ ବେଞ୍ଚ ଓ ଟେବୁଲ ଦାନ କରିଥିଲେ। ଶିଶୁ ମନ୍ଦିର ପରିବାର ପକ୍ଷରୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଡକାୟତି ଉଦ୍ୟମ ବେଳେ ୫ ଗିରଫ



ଝାରସୁଗୁଡ଼ା,୮।୯(ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ପୁଞ୍ଜିପଥର ନିକଟ ଓପିଟିସିଏଲ ଗ୍ରୀଡ଼ରୁ ଡକାୟତି ଉଦ୍ୟମ ବେଳେ ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ପଶ୍ଚିମବଙ୍ଗର ଉସଦାର ଅଲୀ, କଲମ ସେକ, ଅବଦୁଲ ଜବ୍ବାର ଶେକ, ୱାସିମ ଆକ୍ରମ ଏବଂ ମଧ୍ୟପ୍ରଦେଶର ରାଜୁ ବର୍ମା ବୋଲି ଲଖନପୁର ପୁଲିସ ସୂଚନା ଦେଇଛି। ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ମାନେ ପୁଞ୍ଜିପଥର ଓପିଟିସିଏଲ ଗ୍ରୀଡ଼ରୁ ଡକାୟତି ଉଦ୍ଦେଶ୍ୟରେ ଏକାଠି ହୋଇଥିଲେ। ଲଖନପୁର ପୁଲିସ ଏନେଇ ଖବର ପାଇ ତୁରନ୍ତ ଚଢ଼ଉ କରିବା ସହ ଅଭିଯୁକ୍ତ ମାନଙ୍କୁ କାବୁ କରି ସେମାନଙ୍କ ଡକାୟତି ଉଦ୍ୟମକୁ ପଣ୍ଡ କରିଥିଲା। ଏହାସହ ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଟେମ୍ପୋ ଗାଡି, ଦୁଇଟି ଲୁହାରଡ, ଏକ ଖଣ୍ଡା, ଦୁଇଟି ଛୁରୀ, ଏକ ତାର କଟା ଯନ୍ତ୍ର, ଦୁଇ ପ୍ୟାକେଟ ଲଙ୍କା ଗୁଣ୍ଡ, ୫୫୦୦ ନଗଦ ଟଙ୍କା ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ବିଭିନ୍ନ ଥାନାରେ ଥିବା ସୂଚନା ରହିଛି।

**ଗଣେଶ ପୂଜା ଭସାଣି ଗଣ୍ଡଗୋଳ**

# ରେଲୱେ କଲୋନୀରେ ଘର ଉପରକୁ ୬ ରାଉଣ୍ଡ ଗୁଳିମାଡ଼

ଝାରସୁଗୁଡ଼ା,୮।୯(ସମିସ): ଝାରସୁଗୁଡ଼ା ସହରସ୍ଥ ରେଲୱେ କଲୋନୀରେ ଥିବା ଏକ ଘରକୁ ଶନିବାର ବିଳମ୍ବିତ ରାତ୍ରିରେ ୬ରାଉଣ୍ଡ ଗୁଳିମାଡ ହୋଇଥିବା ବେଳେ କାହାର ଜୀବନ ହାନି ହୋଇନଥିବା ସୂଚନା ମିଳିଛି। ଶନିବାର ରାତିରେ ରେଲୱେ କଲୋନୀରେ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଡବଲିଂ କଲୋନୀର କିଛି ଯୁବକ ଓ ରେଲୱେ କଲୋନୀର ସୋହନ ସୁନା ଓ ସୁଶାନ୍ତ ସୁନାଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣାକୁ କେନ୍ଦ୍ରକରି



ଡବଲିଂ କଲୋନୀର କିଛି ଯୁବକ ରେଲୱେ କଲୋନୀକୁ ଆସିଥିଲେ। ରାତି ପ୍ରାୟ ୩ଟା ବେଳେ ସୋହନ ଓ ସୁଶାନ୍ତଙ୍କ ଘର ସମ୍ମୁଖରେ ପହଞ୍ଚି କବାଟ ଖୋଲିବାକୁ କହିଥିଲେ। ଏହି ସମୟରେ ସୁନାଙ୍କ ମାଁ କେବଳ ଘରେ ଶୋଇଥିଲେ। ଦୁର୍ବୃତ୍ତ ମାନେ କାହାକୁ ନପାଇ ଉତ୍ୟକ୍ତ ହୋଇ ତାଙ୍କ ଘର ଉପରକୁ ୬ରାଉଣ୍ଡ ଗୁଳିମାଡ କରିବା ପରେ ଫେରାର ହୋଇଯାଇଥିଲେ। ଗୁଳିଗୁଡିକ ଘର କବାଟ ଭେଦ କରି କେଉଁଠି କାନ୍ଥରେ ତ କେଉଁଠି କୁଲରରେ ବାଜିଥିବା ବେଳେ କାହାର ଜୀବନ ହାନି ହୋଇ ନ ଥିବା ସୂଚନା ମିଳିଛି। ରବିବାର ସକାଳେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ କରିଥିଲେ। ଘଟଣାଟି ରେଲୱେ କଲୋନୀଠାରେ ଘଟିଥିବା ହେତୁ ଜିଆରପି ଏହାର ଅଧିକ ତଦନ୍ତ ଆରମ୍ଭ କରିଛି ଏବଂ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

**ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟାଗ୍ରହ**

# ଶ୍ରେଣୀଗୃହରେ ଡିଜିଟାଲ୍ ଶିକ୍ଷଣର ଶୁଭାରମ୍ଭ

**ଝାରସୁଗୁଡ଼ା, ୮।୯ (ସମିସ)**

ପ୍ରତ୍ୟେକ ପିଲାକୁ ଗୁଣାତ୍ମକ ଶିକ୍ଷା ସମ୍ବଳରୁ ଶିଖିବାର ସମାନ ସୁଯୋଗ ଦିଆଗଲେ ସମାଜରେ ପ୍ରକୃତ ପ୍ରଗତି ଆରମ୍ଭ ହୁଏ। ଏହି ବିଶ୍ୱାସ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରୋଜେକ୍ଟ ବିଦ୍ୟାଗ୍ରହ ମାଧ୍ୟମରେ ମାର୍ଗଦର୍ଶନ କରିଛି, ଯାହାକି ଏକ ଡିଜିଟାଲ୍ ଶିକ୍ଷଣ ପଦକ୍ଷେପ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ପ୍ରବେଶକୁ ପରିବର୍ତ୍ତନ କରିଛି।

୨୦୨୨ରେ ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ଡିଜିଟାଲ୍ ଶିକ୍ଷଣ ସାମଗ୍ରୀ ଭାବରେ ୩୦୦ ରୁ ଅଧିକ ପୂର୍ବ-ରେକର୍ଡ କରାଯାଇଥିବା ପାଠ ପ୍ରଦାନ କରିଛି। ଏହି ଡିଜିଟାଲ୍ ଶିକ୍ଷଣ ମଡ୍ୟୁଲ୍‌ଗୁଡ଼ିକୁ ପରିପୂରକ ସମ୍ବଳ ଭାବରେ ଡିଜାଇନ୍ କରାଯାଇଛି, ଯାହା ଗ୍ରାମୀଣ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରିଥାଏ। ଏହି ପ୍ରୋଜେକ୍ଟ ଝାରସୁଗୁଡ଼ା ଜିଲ୍ଲାର ୫ ଟି ବ୍ଲକର ୧୦୬ ଟି ସରକାରୀ ବିଦ୍ୟାଳୟରେ ୧୨, ୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିଛି, ଶିକ୍ଷଣ ସମ୍ବଳକୁ ୨୧, ୦୦୦ ରୁ ଅଧିକ ଥର ଉପଲବ୍ଧ କରାଯାଇଛି। ପାରମ୍ପରିକ ଶିକ୍ଷାଦାନକୁ ସହଜରେ ସୁଗମ ଡିଜିଟାଲ୍ ବିଷୟବସ୍ତୁ ସହିତ ପରିପୂରକ କରି, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ନିଜ ଗତିରେ ଶିଖିବାକୁ ଏବଂ ଆବଶ୍ୟକ ଅନୁଯାୟୀ ଜଟିଳ ବିଷୟଗୁଡ଼ିକୁ ପୁନଃପଠନ କରିବାକୁ ସଶକ୍ତ



କରେ, ଯାହାଦ୍ୱାରା ଉନ୍ନତ ଶୈକ୍ଷିକ ଫଳାଫଳ ସମ୍ଭବ ହୁଏ। ଲାଇକେରାର କୈଳାସ ଭାଇ ଜୟସ୍ୱାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଆଲିଭ ରଞ୍ଜନ ପ୍ରୁସେଥ ଏହି ବର୍ଷ ତାଙ୍କ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ୯୩.୩୩% ସ୍କୋର କରିଛନ୍ତି। ତାଙ୍କ ପାଇଁ, ବିଦ୍ୟାଗ୍ରହଙ୍କ ଭିଡିଓ ପାଠ ଏବଂ ଇଣ୍ଟରାକ୍ଟିଭ୍ ସମ୍ପ୍ରଦାୟ ଶ୍ରେଣୀଗୁଡ଼ିକ ସେହି ବିଷୟଗୁଡ଼ିକରେ ସ୍ୱଚ୍ଛତା ପ୍ରଦାନ କରିଛି ଯାହା ଥରେ ବହୁତ କଷ୍ଟକର ମନେ ହେଉଥିଲା। 'ପାଠଗୁଡ଼ିକ ପର୍ଯ୍ୟାୟକ୍ରମେ ସବୁକିଛି ବୁଝାଯାଇପାରୁଥିଲା। ଯଦି ମୁଁ ପ୍ରଥମ ଥର କିଛି ବୁଝିପାରି ନଥିଲି, ତେବେ ମୁଁ ପୁଣି ଥରେ ଶିଖିପାରିଥିଲି, ଆତ୍ମବିଶ୍ୱାସ ହାସଲ କରିଥିଲି ବୋଲି ଆଲିଭ କହିଛନ୍ତି।

ଏକାତାଲିର ମ୍ୟୁନିସିପାଲ୍ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ଦଲାଇ କହିଛନ୍ତି ସେ ତାଙ୍କ ବୋର୍ଡ ପରୀକ୍ଷାରେ ପ୍ରଭାବଶାଳୀ ୯୩.୩୩% ହାସଲ କରିଥିଲେ, ବିଦ୍ୟାଗ୍ରହଙ୍କ ମିଶ୍ରିତ ଶିକ୍ଷା ମଡେଲ୍ ମାଧ୍ୟମରେ ନୂତନ ସମର୍ଥନ ପାଇଥିଲେ। ତାଙ୍କ ପାଇଁ, ବିଦ୍ୟାଗ୍ରହ ଆପ୍ ଏବଂ ଶ୍ରେଣୀଗୁଡ଼ିକ ଏକ ସଂରଚିତ, ଉତ୍ସାହଜନକ ପରିବେଶ ସୃଷ୍ଟି କରିଥିଲା ଯାହାକି ତାଙ୍କୁ ପ୍ରେରଣା ଦେଇଥିଲା। 'ଆପ୍ ଏବଂ ଶ୍ରେଣୀଗୁଡ଼ିକ ସହିତ, ମୁଁ ପ୍ରତ୍ୟେକ ପଦକ୍ଷେପରେ ସମର୍ଥିତ ଅନୁଭବ କରିଥିଲି। ସ୍ପଷ୍ଟ ମାର୍ଗଦର୍ଶନ ଏବଂ ସ୍ଥିର ପ୍ରୋତ୍ସାହନ ମୋତେ ଭଲ କରିବାକୁ ସାହାଯ୍ୟ କରିଥିଲା ବୋଲି ମଧୁସ୍ମିତା କୁହନ୍ତି। ଆଲିଭ ଏବଂ ମଧୁସ୍ମିତା ଦୃଢ଼ ନିଷ୍ଠା ଏବଂ କଠିନ ପରିଶ୍ରମ ମାଧ୍ୟମରେ ଶିକ୍ଷାଗତ ସଫଳତାର ଉଜ୍ଜ୍ୱଳ ଉଦାହରଣ, ଏବଂ ସେମାନଙ୍କ କାହାଣୀଗୁଡ଼ିକ ବେଦାନ୍ତର ଶିକ୍ଷା ପଦକ୍ଷେପ ଦ୍ୱାରା ଗ୍ରାମୀଣ ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ। ସମଗ୍ର ଝାରସୁଗୁଡ଼ାରେ, ଶିକ୍ଷକମାନେ ଅଧିକ ନିୟୋଜିତ, ଉନ୍ନତ ଶିକ୍ଷାଗତ ଫଳାଫଳ ହାସଲ କରୁଥିବା ଏବଂ ନୂତନ କୌତୁହଳ ସହିତ ସେମାନଙ୍କ ଅଧ୍ୟୟନକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ଦେଖୁଛନ୍ତି। ଏହି ପଦକ୍ଷେପର ପ୍ରଭାବ ବିଷୟରେ କହି, ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ ତାଙ୍କର ମତାମତ ଦେଇ କହିଛନ୍ତି 'ଶିକ୍ଷା ହେଉଛି ସାମାଜିକ ପ୍ରଗତିରେ ମୂଳଦୁଆ, ଏବଂ ଏକ ଉଜ୍ଜ୍ୱଳ କାଲି ଗଠନ ପାଇଁ ଆମକୁ ସଶକ୍ତ କରିବା ଅତ୍ୟାବଶ୍ୟକ। ପ୍ରୋଜେକ୍ଟ ବିଦ୍ୟାଗ୍ରହ ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଛାତ୍ରଛାତ୍ରୀମାନଙ୍କୁ ସୀମା ବାହାରକୁ ସ୍ୱପ୍ନ ଦେଖିବା ଏବଂ ସଫଳ ହେବା ପାଇଁ ଉପକରଣ ସହିତ ସଜ୍ଜିତ କରୁଛୁ, ଯାହା ଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବିକାଶର ସ୍ମାରକ ସୃଷ୍ଟି ହେଉଛି।

ଆଜି, ପ୍ରୋଜେକ୍ଟ ବିଦ୍ୟାଗ୍ରହ କେବଳ ଡିଜିଟାଲ୍ ଶିକ୍ଷା ପଦକ୍ଷେପଠାରୁ ଅଧିକ ବୃଦ୍ଧି ପାଇଛି; ଏହା ସଶକ୍ତିକରଣର ଏକ ଆନ୍ଦୋଳନ ପାଲଟିଛି। ଫଳାଫଳ ନିଜେ କହିଥାଏ - ଶ୍ରେଣୀଗୃହରେ ଅଧିକ ଆତ୍ମବିଶ୍ୱାସ, ଅଧିକ ଛାତ୍ରଛାତ୍ରୀ କୃତିତ୍ୱ ସହିତ ଉତ୍ତୀର୍ଣ୍ଣ ହେବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଅଧିକ ଦ୍ୱାର ଖୋଲିବା। ଏହିଭଳି ପ୍ରୟାସ ଯୋଗୁଁ ଝାରସୁଗୁଡ଼ା ୨୦୨୪-୨୫ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଭାବଶାଳୀ ୯୭.୮୭% ପାସ୍ ହାର ରେକର୍ଡ କରିଛି, ଯାହା ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତ ଶିକ୍ଷକ ଦିବସ ପାଳନ କରୁଥିବା ସମୟରେ, ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ଏବଂ ଶିକ୍ଷାର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଅବସର, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଏକ ବିଶେଷ ଉଲ୍ଲେଖଯୋଗ୍ୟ ପଦକ୍ଷପ ଅଟେ। ମାତ୍ର ତିନି ବର୍ଷ ମଧ୍ୟରେ, ଉଦ୍ଦେଶ୍ୟ ପୂରଣ କରିବାରେ ସମର୍ଥ ହୋଇଛି। ଝାରସୁଗୁଡାର ଛାତ୍ରଛାତ୍ରୀମାନଙ୍କ ପାଇଁ, ଏହା ସେମାନଙ୍କର ପ୍ରକୃତ ସମ୍ଭାବନାକୁ ଆବିଷ୍କାର କରିବାର ଏକ ପ୍ରବେଶପଥ। ବ୍ୟାପକ ସମ୍ପ୍ରଦାୟ ପାଇଁ, ଏହା ପ୍ରଗତି ପାଇଁ ଏକ ଅନୁପ୍ରବେଶକ ଅଟେ।

## ପଙ୍ଖାରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ଲାଞ୍ଜିଗଡ଼, ୮।୯ (ସମିସ):** ଲାଞ୍ଜିଗଡ଼ ଥାନା ଲାଞ୍ଜିଗଡ଼ ପୂଜାରୀପଡ଼ାଠାରେ ଏକ ଭଡ଼ାଘରେ ରହୁଥିବା କମଳାକାନ୍ତ ନାମକ ଜଣେ ଯୁବକ ରବିବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ କମଳାକାନ୍ତ ଲାଞ୍ଜିଗଡ଼ ଏକ କମ୍ପାନୀରେ ଟେକ୍‌ନିସିଆନ ଭାବେ କାର୍ଯ୍ୟରତ ଥିଲେ। ଏହି କମ୍ପାନୀର କେତେଜଣ କର୍ମଚାରୀ ଏବଂ କମଳାକାନ୍ତ ଗୋଟିଏ ଭଡ଼ାଘରେ ରହୁଥିଲେ। ରବିବାର କମଳାକାନ୍ତ ଏ ସିଫ୍ଟ ଡିଉଟିରେ ଥିବାବେଳେ ସେ ଯାଇ ନ ଥିଲେ ଏବଂ ତାଙ୍କ ସହିତ ରହୁଥିବା ଦୁଇଜଣ ସାଥୀ ଡିଉଟି ଯାଇଥିଲେ। ଦୁଇଜଣ ସାଥୀ ଡିଉଟି ସାରି ଅପରାହ୍ନ ୨ଟାରେ ଫେରିଲା ପରେ ଘର କବାଟ ବନ୍ଦ ଥିବାହେତୁ କବାଟ ବାଡେଇଥିଲେ, କବାଟ ନ ଖୋଲିବାରୁ ଝରକାବାଟେ ଝରକା ପଟେ ଦେଖିଲାବେଳକୁ କମଳାକାନ୍ତ ବେକରେ ଗାମୁଛା ଗୋଡେଇ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଯୁବକ ଜଣକ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ପୋଡ଼ାଡିହ ଗ୍ରାମର କୈଳାସ ଚନ୍ଦ୍ର ପରିଡ଼ାଙ୍କ ପୁଅ କମଳାକାନ୍ତ ପରିଡ଼ା (୩୦) ବୋଲି ଜଣାପଡ଼ିଛି। ତେବେ ତାଙ୍କ ସାଥୀମାନେ ଝୁଲନ୍ତା ଅବସ୍ଥାରେ ଦେଖି କମ୍ପାନୀକୁ ଜଣାଇଥିଲେ ଏବଂ କମ୍ପାନୀ କର୍ମଚାରୀ ଆସି ପୁଲିସକୁ ଜଣାଇଥିଲେ। ଲାଞ୍ଜିଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ରବିବାର ସନ୍ଧ୍ୟା ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ଏନେଇ ଲାଞ୍ଜିଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟର ସ୍ୱାସ୍ଥ୍ୟ ଶିବିର



**ରାଉରକେଲା, ୮।୯ (ସମିସ):** ସ୍ଥାନୀୟ ସେକ୍ଟର - ୨ ସ୍ଥିତ ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପକ୍ଷରୁ କେନ୍ଦ୍ର ପରିସରରେ ୩୦ ଦିନିଆ ରୋଗ ନିରୂପଣ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗତ ସେପ୍ଟେମ୍ବର ୩ ତାରିଖରେ ଏହି ଶିବିରକୁ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ତନ୍ତୀ କହିଥିଲେ, ଏଲୋପାଥିକ ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟା ରହିଥିବା ବେଳେ ଏହି ପ୍ରାକୃତିକ ଚିକିତ୍ସାରେ କୌଣସି ପ୍ରତିକ୍ରିୟା ନ ଥିବାରୁ ଏହି ଚିକିତ୍ସା ସମ୍ପୂର୍ଣ୍ଣ ନିରାପଦ। ହରିଆଣାରୁ ଆସିଥିବା କେନ୍ଦ୍ରର ସଂସ୍ଥାପକ ଟ୍ରଷ୍ଟି ତଥା ନିର୍ଦ୍ଦେଶକ ଇଂ ଗୋବିନ୍ଦରାମ ଅଗ୍ରୱାଲ ଯୋଗ ଦେଇ ଆହାର, ନିଦ୍ରା ଏବଂ ବ୍ରହ୍ମଚର୍ଯ୍ୟ ସହିତ ରୋଗରୁ ମୁକ୍ତି ପାଇବା ପାଇଁ ମନର ଶୁଦ୍ଧିକରଣ ଆବଶ୍ୟକ ଅଟେ ବୋଲି କହିଥିଲେ। ଟ୍ରଷ୍ଟି ଓ ଯୋଗ ପ୍ରଶିକ୍ଷଣ ଅମୂଲ୍ୟ କୁମାର ପାତ୍ର ନିୟମିତ ଯୋଗାଭ୍ୟାସ କଲେ ମଣିଷ ଅନେକ ଦୂରାରୋଗ୍ୟରୁ ମୁକ୍ତି ପାଇଥାଏ ବୋଲି କହିଥିଲେ। ଜଗଦିଶ ପଶାୟତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଟ୍ରଷ୍ଟି ପୁରଣମଲ୍ଲ ଅଗ୍ରୱାଲ, କୈଳାଶ ସୁବୁଦ୍ଧି, ସୁମନ ଦତ୍ତ, ମହାପ୍ରତାପ ସିଂହ, ଡାକ୍ତର ବିଭୁ ଜେନା, ଡାକ୍ତର ସ୍ମୃତି ଝା, ମନିଷ କୁମାରଷା, ମନୋରମା ସୁବୁଦ୍ଧି, କଳ୍ପନା କୁମ୍ଭାର, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟ୍ରଷ୍ଟି ପ୍ରଫେସର ଏସ୍. ଜୟନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ର: ଜମିଛି ଦୁଇ ଫୁଟ ପାଣି

**କର୍ଲାମୁଣ୍ଡା, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ଦାଣ୍ଡିଭଜା ଅଙ୍ଗନବାଡ଼ି କେନ୍ଦ୍ର ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ପ୍ରବଳ ବର୍ଷା ଯୋଗୁଁ ଜଳ ନିଷ୍କାସନ ହୋଇ ନ ପାରି କେନ୍ଦ୍ର ସମ୍ମୁଖରେ ଦୁଇଫୁଟ ପାଣି ରହିଛି। ଫଳରେ ଛୋଟ ଛୋଟ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଏହି କେନ୍ଦ୍ରକୁ ଆସିବାକୁ ଭୟଭୀତ ହେଉଥିବା ଜଣାପଡ଼ିଛି। ଏନେଇ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ଖିତିସୁତା ସାହୁଙ୍କୁ ପଚାରିବାରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ବର୍ଷା ସମୟରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ପୂର୍ବରୁ ଜଣେଇଛୁ ବୋଲି କହିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଯଥାଶୀଘ୍ର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଣୁ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଡିଏଭି ପବ୍ଲିକ ସ୍କୁଲରେ ଗୁରୁଦିବସ

**ରାଉରକେଲା, ୮।୯ (ସମିସ):** ସ୍ଥାନୀୟ ସେକ୍ଟର-୧୬ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି। ଡିଏଭି ପବ୍ଲିକ୍ ସ୍କୁଲର



ଅଧ୍ୟକ୍ଷ ରାଜେଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁରୁ ବିନା ଜୀବନ ନିରର୍ଥକ। ଗୁରୁ ହିଁ ପ୍ରତ୍ୟେକ ଛାତ୍ରର ପଥ ପ୍ରଦର୍ଶକ। ଗୁରୁ ହେଉଛନ୍ତି ସାକ୍ଷାତ ଭଗବାନ ସଦୃଶ ବୋଲି ତାଙ୍କ ବକ୍ତବ୍ୟରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ କହିଥିଲେ। ଏହି ଅବସରରେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ଉପରେ ଲିଲା ବେହେରା ବକ୍ତୃତା ଓ ପ୍ରତିମା ଦାସ ଏକ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## 'ମା' ପାଇଁ ଗଛଟିଏ' ସଚେତନା ରଥର ଶୁଭାରମ୍ଭ

**ବଣାଇଁ, ୮।୯ (ସମିସ):** ବଣାଇଁ ବନଖଣ୍ଡ ପକ୍ଷରୁ ମା' ପାଇଁ ଗଛଟିଏ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଆସନ୍ତା ୧୭ ତାରିଖରେ ବଣାଇଁ ବ୍ଲକରେ ହେବାକୁ ଥିବା ସାମୁହିକ ଚାରାରୋପଣ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେବାକୁ ନିବେଦନ କରିଥିଲେ। ଏହି ରଥ ବଣାଇଁ ବନଖଣ୍ଡର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ୫୫୦ଟି ଗଛ ଚାରା ବଣ୍ଟନ କରାଯାଇଥିଲା। ବଣାଇଁ ବନଖଣ୍ଡ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ନଳିନୀକାନ୍ତ ବେହେରା, ଦୁର୍ଯ୍ୟୋଧନ ଜେରେଇ, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ବନରକ୍ଷୀ ଉତ୍କଳ କେଶରୀ ରାଉତ, ସ୍କ୍ୱାର୍ଡ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଦୁର୍ଗମ ଅଞ୍ଚଳରେ ହାତୀ ଉପଦ୍ରବ**

# ଭାଙ୍ଗିଲେ ଘର; ନଷ୍ଟକଲେ ଆସବାବପତ୍ର

**ଲାଞ୍ଜିଗଡ଼, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଛି। ଗତ କିଛିଦିନ ବ୍ୟବଧାନ ପରେ ପୁଣି ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ।



ସୂଚନାଯୋଗ୍ୟ ପାହାଡ଼ପଦର ପଞ୍ଚାୟତ ଅଧୀନ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପଞ୍ଚାୟତର ଢୋଡ଼ୱାଲୀ ଗାଁରେ ରହି ପୋଡୁ ଚାଷ କରି ଆସୁଥିଲେ। ରବିବାର ବିଳମ୍ବିତ ରାତିରେ ୨୨ ଟିକିଆ ହାତୀପଲ ଲାଞ୍ଜିଗଡ଼ ନିକଟସ୍ଥ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଭୀଷଣ ଗର୍ଜନ କରିଥିଲେ। ଗର୍ଜନ ଶୁଣି ଦୁଇ ପରିବାର ଜୀବନ ବିକଳରେ ଘର ଛାଡି ନିକଟସ୍ଥ ଗାଁ ଘୋଡ଼ାପୋଖରୀକୁ ଚାଲି ଯାଇଥିଲେ। ହେଲେ ସକାଳୁ ଗାଁକୁ ଆସିକି ଦେଖିବାବେଳକୁ ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବାବପତ୍ର ମାଡ଼ି ଚକଟି ଦେଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ହାତୀପଲ ଗାଁ ନିକଟରେ ଥିବା ଝିମିରି ଜଙ୍ଗଲରେ ରହିଥିବାବେଳେ ଲୋକେ ଲାଞ୍ଜିଗଡ଼ଠାରୁ ବେନଗାଁ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ମୂଷାନାଲ ସେକ୍ସନ ଭାରପ୍ରାପ୍ତ ବନପାଳ ମହେଶ କୁମାର ମହାପାତ୍ର, ବନରକ୍ଷୀ ସୁରେନ୍ଦ୍ର ଶବର, ନିରାକାର ଦାସ, ଗଜସାଥୀ ସୁରେନ୍ଦ୍ର ପୂଝରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ତେବେ ଏହି ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ସରକାର ଓ ବନବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦୁଇ ବେସାହାରା ପରିବାର ଆକୁଳ ନିବେଦନ କରିଛନ୍ତି। ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ନ୍ତଭୁକ୍ତ କରି ଗୃହନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ସେବା ପକ୍ଷ ପାଇଁ କୁତ୍ରା ମଣ୍ଡଳର ପ୍ରସ୍ତୁତି

**କୁତ୍ରା, ୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ସଦର ପଞ୍ଚାୟତଠାରେ ଥିବା କଲ୍ୟାଣ ମଣ୍ଡପରେ ସୋମବାର ସେବା ପକ୍ଷ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଶଙ୍କର ମାଝୀ ପ୍ରଭାରୀ ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜାମପାଲି ମଣ୍ଡଳ ପ୍ରତିନିଧି ବିତନା ମାଝୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଅର୍ଡିନେଟର ଭାବେ କୁତ୍ରା ମଣ୍ଡଳ ସଭାପତି ରାଜେଶ ଲାକ୍ରା ଓ କୋଅର୍ଡିନେଟର ଭାବେ କୁତ୍ରା ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂହ ଓ ପୂର୍ବତନ କୁତ୍ରା ମଣ୍ଡଳ ସଭାପତି ସଞ୍ଜିବ ମହାନନ୍ଦିଆ କାର୍ଯ୍ୟ ତୁଲାଇଥିଲେ। ସଭା କାର୍ଯ୍ୟଟି କୁତ୍ରା ମଣ୍ଡଳ ସଭାପତି ରାଜେଶ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସୁରେନ୍ଦ୍ର ଭଇସାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସେବା ପକ୍ଷର କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଥିଲା। ଏଥିରେ ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ମା' ପାଇଁ ଗଛଟିଏ ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦଳ ବରିଷ୍ଠ କାର୍ଯ୍ୟକର୍ତ୍ତା ରଜନୀକାନ୍ତ ହୋତା, ମହାରାଜା ମାଝୀ, ଫ୍ରାନସିସ ମିଞ୍ଜ, ସୁରେନ୍ଦ୍ର ଭଇସାଲ, ଗୋକୁଳାନନ୍ଦ ସାହୁ, ବର୍ମା ହେସ, କରୁଣାକର ଜୟପୁରିୟା, ସିରଧର ଭୋଇ ଓ ବହୁ ବିଜେପି କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ସମସ୍ତଙ୍କ ମୁହଁରେ ରାଜେନ୍ଦ୍ର ଢୋଲକିଆଙ୍କ ଗୁଣଗାନ

**ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗରେ ସାରା ନୂଆପଡ଼ା ଜିଲ୍ଲାରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଜିଲ୍ଲାର ସମସ୍ତ ଅଧିବାସୀ ତାଙ୍କ ପ୍ରିୟ ରାଜୁ ଭାଇ ଢୋଲକିଆଙ୍କୁ ହରାଇ ଅତ୍ୟନ୍ତ ମର୍ମାହତ ଓ ମ୍ରିୟମାଣ ହୋଇ ପଡ଼ିଛନ୍ତି। ଖରିଆରରୋଡ଼ ସହର କାହିଁକି; ସାରା ଜିଲ୍ଲା ପାଇଁ ସେ ଜଣେ ନିର୍ବିବାଦୀୟ ମଣିଷ ଥିଲେ। ତାଙ୍କ ବିୟୋଗରେ ଖରିଆରରୋଡ଼କୁ ଦୁଇ ଦିନ ପାଇଁ ବନ୍ଦ ଘୋଷଣା କରାଯାଇଛି। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ କହିଛନ୍ତି ଯେ, ରାଜୁ ଭାଇଙ୍କ ବିୟୋଗ କେବଳ ନୂଆପଡ଼ା କିମ୍ବା ବିଜୁ ଜନତା ଦଳ ପରିବାର ପାଇଁ ନୁହଁ; ସାରା ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ସେ ନୂଆପଡ଼ା ଜିଲ୍ଲା ଗଠନଠାରୁ ଦୁଇ ଦଶନ୍ଧି ଧରି ନୂଆପଡ଼ା ଜିଲ୍ଲାର ପ୍ରଗତି ପାଇଁ ଏକ ମାଇଲ ଖୁଣ୍ଟ ଥିଲେ। ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ବିଜେଡିରେ ଏକ ଶୂନ୍ୟସ୍ଥାନ ହୋଇରହିଯିବ। ତାଙ୍କ ବିୟୋଗରେ ସେ ମର୍ମାହତ ବୋଲି କହିଛନ୍ତି। ପୂର୍ବତନ ଜିଲ୍ଲା ବିଜେଡି ସଭାପତି ମନୋଜ ମିଶ୍ର କହିଛନ୍ତି ଯେ, ରାଜୁ ଭାଇ ଚାଲିଗଲା ପରେ ସାରା ଜିଲ୍ଲାରେ ଅନ୍ଧକାର ଖେଳି ଯାଇଛି। ସେ ଦଳୀୟ କର୍ମକର୍ତ୍ତା, ସାଧାରଣ ଲୋକଙ୍କୁ ଜଣେ ରାଜନେତା ଭାବରେ ନୁହେଁ; ବରଂ ଜଣେ ସମାଜସେବୀ ଭାବେ ବାନ୍ଧି ରଖିଥିଲେ। ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ କହିଛନ୍ତି ଯେ, ନୂଆପଡ଼ା କାହିଁକି; ସାରା ରାଜ୍ୟରେ ରାଜୁଭାଇ ଏକ ଚର୍ଚ୍ଚିତ ଚେହେରା। ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ। ତାଙ୍କ ବ୍ୟକ୍ତିଗତ ସହାୟକ ପରାମଲାଲ ହଂସ କହିଛନ୍ତି ଯେ, ରାଜୁ ବାବୁ ତାଙ୍କ ବାଲ୍ୟ ବନ୍ଧୁ ଥିଲେ। ରାଜୁ ବାବୁ ରାଗିବା ସେ କେବେ ଦେଖିନାହାନ୍ତି। ସେ ତାଙ୍କ

**ବିଧାୟକଙ୍କ ବିୟୋଗରେ ଦୁଇ ଦିନ ଖରିଆରରୋଡ଼ ବନ୍ଦ**


ପିଏ ନୁହେଁ; ବରଂ ଜଣେ ବନ୍ଧୁ ଭଳି ସବୁବେଳେ ନିକଟରେ ରହିଥିଲେ। ବନ୍ଧୁକୁ ହରାଇ ସେ ଅତ୍ୟନ୍ତ ଦୁଃଖିତ। ପୂର୍ବତନ ଓକିଲ ସଂଘ ସଭାପତି ପ୍ରସନ୍ନ ପାଢ଼ୀ କହିଛନ୍ତି ଯେ, ରାଜେନ୍ଦ୍ର ଢୋଲକିଆ ଜଣେ ଦରଦୀ ମଣିଷ ଥିଲେ। ଉଚ୍ଚକୋଟୀର ସମାଜସେବୀ ଥିଲେ। ଜିଲ୍ଲାର ବହୁବିଧ ଉନ୍ନତିମୂଳକ କାମରେ ତାଙ୍କର ହାତ ରହିଛି। ସେହିଭଳି ସିଭିଲ ବାର୍ ଆସୋସିଏସନ ସଭାପତିପିଣ୍ଟୁ ପାଣିଗ୍ରାହୀ କହିଛନ୍ତି ଯେ, ରାଜୁ ବାବୁଙ୍କ ଭଳି ଜଣେ ହୃଦୟବାନ ମଣିଷଙ୍କ ପରଲୋକ ଜିଲ୍ଲା ପାଇଁ ଏକ ବଡ କ୍ଷତି। ରାଜୁ ବାବୁଙ୍କ ସହ ମିଶିଥିବା ଲୋକେ କେବେ ବି ତାଙ୍କୁ ଭୁଲି ପାରିବେନି।

## ଆଦି କର୍ମଯୋଗୀ ଅଭିଯାନ ପ୍ରଶିକ୍ଷଣ ଶିବିର

**ବଣାଇଁ, ୮।୯ (ସମିସ):** ବଣାଇଁଗଡ଼ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ବଣାଇଁ ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କ ଅଧ୍ୟକ୍ଷତାରେ ଆଦି କର୍ମଯୋଗୀ ଅଭିଯାନର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଗ୍ରାମର ବିକାଶ ନିମନ୍ତେ କ୍ଷେତ୍ରସ୍ତରରେ କିଭଳି କାର୍ଯ୍ୟ କରିବେ ସେ ସମ୍ପର୍କରେ ବ୍ୟବହାରିକ ଅଭ୍ୟାସ କରାଯାଇଥିଲା। ଗ୍ରାମର ଲୋକମାନଙ୍କ ସହିତ କିପରି ଭାବରେ ଭୟ ମୁକ୍ତ କରି ତାଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିପାରିବା, ସରକାରଙ୍କ ଜନ ହିତକାରୀ ଯୋଜନା ଗୁଡିକରେ କିପରି ଭାବରେ ଲାଭ ପାଇପାରିବେ ସେ ବିଷୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବଣାଇଁଗଡ଼ ବ୍ଲକର ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଏବଂ ସଂଖ୍ୟା ଲଘୁ କଲ୍ୟାଣର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆ, ସିଡିପିଓ ବୀଣାପାଣି ନାୟକ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ବିନତି ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌତମ ନାୟକ, ଏବିଡିଓ ସାରିଆ ଲାକ୍ରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର

**ରାଉରକେଲା, ୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ରବିବାର ସଂଧ୍ୟାରେ ଛେଣ୍ଡ କଲୋନୀ ସ୍ଥିତ ମଧୁସୂଦନ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। କବି




ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ 'ମୋକ୍ଷ ପ୍ରାପ୍ତିର ମାର୍ଗ ଓ ଶକ୍ତିପୂଜା' ଶୀର୍ଷକ ଆଲୋଚନାଚକ୍ରର ପ୍ରଥମାର୍ଦ୍ଧରେ ସଭାପତି ବିଶିଷ୍ଟ ସାହିତ୍ୟିକ ଓ କଥାକାର ଭୂପେନ ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଭୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷ କ୍ଷୀରୋଦ କୁମାର ବରାଳ ଯୋଗଦେଇ ମୋକ୍ଷ ପ୍ରାପ୍ତିର ମାର୍ଗ ଓ ଶକ୍ତିପୂଜାର ବିଭିନ୍ନ ଦିଗ ଓ ପୌରାଣିକ ଐତିହାସିକ ପୃଷ୍ଠଭୂମି ବିଷୟରେ ଆଲୋଚନା କରିଥିଲେ। କବୟିତ୍ରୀ ଗୀତାରାଣୀ ବେହେରାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ବିଶିଷ୍ଟ ଗାଳ୍ପିକ କାଶୀନାଥ ନନ୍ଦୀ ଗଳ୍ପ ପଠନ କରିଥିଲେ। ସମ୍ପାଦିକା ରଶ୍ମିବାଳା ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିବା ସହ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଗୌତମ ଦାସ ଓ କବି ଉର୍ବଶୀ ଦାଶପତି ପାଠୋତ୍ସବକୁ ସଂଯୋଜନା କରିଥିଲେ। ଡକ୍ଟର ଗୀତାଞ୍ଜଳି ପତ୍ରୀ, କବି ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଅର୍ଚ୍ଚନା ପାତ୍ର, ବ୍ରହ୍ମାନନ୍ଦ ପାଢ଼ୀ, ନିକୁଞ୍ଜ ବିହାରୀ ଦାଶ, ବଳରାମ ଦାଶ, ଅର୍ଚ୍ଚନା ଦେବତା, ସଞ୍ଜୀବ ଭୋଇ ପ୍ରତାପ ତ୍ରିପାଠୀ, ସତ୍ୟ ନାରାୟଣ ଦାସ, ସଂଯୋଜକ ଦ୍ୱୟଙ୍କ ସମେତ ୨୨ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରୁପମା ନାୟକ, ସବିତା ପରିଡ଼ା, ବ୍ରଜକିଶୋର ପାଣି, ସୂର୍ଯ୍ୟମଣୀ ପଣ୍ଡା ସହ ସହରର ବହୁ ବୁଦ୍ଧିଜୀବି ଅଂଶ ଗ୍ରହଣ କରିଥିଲେ।

# ଗୋପବନ୍ଧୁ ପାଠାଗାରରେ ଅଜିତ ଦାସ ସ୍ମୃତି ସମାରୋହ

**ରାଉରକେଲା, ୮।୯ (ସମିସ)**

ସ୍ଥାନୀୟ ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାରରେ ପବିତ୍ର ଗୁରୁ ଦିବସ ଓ ଅଜିତ ଦାସ ସ୍ମୃତି ସମାରୋହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ଶିକ୍ଷକତା ଏକ ବୃତ୍ତି ନହୋଇ ବ୍ରତରେ ପରିଣତ ହେଲେ ଶିକ୍ଷକ ଗୁରୁରେ ରୂପାନ୍ତରିତ ହୁଅନ୍ତି। ଶିକ୍ଷକ ଆମକୁ ରୋଜଗାର କ୍ଷମ କରିବା ପାଇଁ ପୋଥିଗତ ସୂଚନା ପ୍ରଦାନ କରୁଥିବା ବେଳେ ଗୁରୁ ଜ୍ଞାନ ରୂପକ ଆଲୋକରେ ଶିଷ୍ୟର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ତା'ର ଅନ୍ତର୍ଚେତନାର ଉନ୍ମେଷ ଓ ମାନବିକ ମୂଲ୍ୟବୋଧର ପରିପ୍ରକାଶ କରିବାରେ ସହାୟକ ହୋଇଥାନ୍ତି




ବୋଲି କହିଥିଲେ। ପାଠାଗାରର ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚିନ୍ମୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୀତା ମଣ୍ଡଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ପ୍ରାଞ୍ଜଲ ପ୍ରୀୟଦର୍ଶିନୀ ବେହେରା, ଶିକ୍ଷାରାଣୀ ସିଂହ, ପାୟଲ ବିଷୋୟୀ ଏବଂ ଭାଗ୍ୟଶ୍ରୀ ପାତ୍ର ଗୁରୁ ବନ୍ଦନା ଗାନ କରିଥିଲେ। ଅନ୍ୟତମ ବକ୍ତା ଭାବେ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସେବା ନିବୃତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇ ଗୁରୁ ଏବଂ ଶିଷ୍ୟ ପରମ୍ପରା କିପରି ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ତାହା ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଗୋପବନ୍ଧୁ ପାଠାଗାରର ନିଆରା ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ଅଜିତ ଦାସଙ୍କୁ ଜଣେ ସରଳ, ନିଷ୍ପାପର ଏବଂ ଦୂରଦୃଷ୍ଟି ସମ୍ପନ୍ନ ସମାଜ ସେବୀ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ରାଜ କିଶୋର ମିଶ୍ରଙ୍କୁ ସ୍ୱର୍ଗତ ଅଜିତ ଦାସ ସ୍ମୃତି ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରାଜୀବ ପାଣି ମାନପତ୍ର ପାଠ କରିଥିଲେ। ପାଠାଗାରର ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ଦାସ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ପାଠାଗାରର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଲକ୍ଷ୍ମଣ ନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ।

**କର୍କଟ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ଶିଖନ୍ତୁ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅତିଥି ସତ୍କାର କରିବେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯ - ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୭- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨- ଇରାକରେ ହୋଇଥିବା ବୋମା ବିସ୍ଫୋରଣ ଯୋଗୁଁ ଶହେରୁ ଅଧିକ ଲୋକ ମୃତ, ୩୫୦ରୁ ଅଧିକ ଆହତ।



# ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା’ ହେବା ପରେ ତାଙ୍କ ଜୀବନ ପୂରାପୂରି ବଦଳି ଯାଇଛି। ଏହି କାରଣରୁ ସେ ଏବେ ବାଛି ବାଛି ଫିଲ୍ମ ସାଇନ୍ କରୁଛନ୍ତି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଆଲିଆ କମେଡି ଫିଲ୍ମରେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ତେବେ ସେ ତାଙ୍କ ଝିଅ ରାହା ପାଇଁ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଆଲିଆ କହିଥିଲେ ଯେ, ‘ମୁଁ ଏପରି ଫିଲ୍ମ କରିବାକୁ ଚାହୁଁଛି ଯାହାକୁ ମୋ ଝିଅ ଦେଖିପାରିବ। ମୁଁ କମେଡି ଫିଲ୍ମ ଆଦୌ କରି ନ ଥିବାରୁ ଏବେ ଏଭଳି ଫିଲ୍ମ କରିବାକୁ ଚାହୁଁଛି। ଇତିମଧ୍ୟରେ ଏଭଳି କିଛି ପ୍ରୋଜେକ୍ଟ ମୋ’ ହାତକୁ ଆସିଛି। ଏବେ କିନ୍ତୁ ମୁଁ ସେବିଷୟରେ କିଛି କହିବାକୁ ଚାହୁଁନାହିଁ। ମୁଁ ସଠିକ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛି।’ ଆଲିଆଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍‌ଶୀଘ୍ର ‘ଆଲ୍‌ଫା’ ଫିଲ୍ମରେ ନଜର ଆସିବେ। ଏହା ଏକ ଆକ୍ସନ୍ ଡ୍ରାମା ହେବ। ଏଥିରେ ଆଲିଆଙ୍କ ସହ ଶର୍ବରୀ ୱାଗ୍ ମଧ୍ୟ ନଜର ଆସିବେ।

# ବୟସ ବୃଦ୍ଧିକୁ ରୋକିବ ଭିଟାମିନ୍ ଡି’



ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ ଡି କେବଳ ହାଡ଼କୁ ମଜଭୁତ କରି ନ ଥାଏ ବରଂ ବୟସ ବଢ଼ିବା ପ୍ରକ୍ରିୟାକୁ ମଧ ଧୀମା କରିଦିଏ। ଏହି ଗବେଷଣାରେ ହଜାରେରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କ ଶରୀରରେ ଭିଟାମିନ୍ ଡି’ର ସ୍ତର ଭଲ ଥିଲା, ସେମାନଙ୍କ ବୟସ ବଢ଼ିବା ଗତି ଧିମା ଥିଲା। ଏହି ଗବେଷଣା ଆଣ୍ଟି ଏଜିଂ ପାଇଁ ଚିନ୍ତାରେ ଥିବା ଲୋକଙ୍କ ପାଇଁ ଏକ ଆଶାର କିରଣ ନେଇ ଆସିଛି। ଭିଟାମିନ୍-ଡି ଡିଏନ୍‌କୁ ସୁରକ୍ଷିତ ରଖେ ଏବଂ ଟେଲୋମେରିସ୍ (କ୍ରୋମୋଜୋମର ଶେଷ ମୁଣ୍ଡରେ ଥିବା ଡିଏନ୍‌ଏ ଏବଂ ପ୍ରୋଟିନ୍‌ର ଏକ ସଂରଚନା) ର ଲମ୍ବ ବଜାୟ ରଖେ। ଯଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଗବେଷଣାରୁ ଏକଥା ବି ଜଣାପଡ଼ିଛି ଯେ, ଭିଟାମିନ୍ ଡି’ ହାଡ଼କୁ ମଜଭୁତ ରଖେ, ଇମ୍ୟୁନୋ ସିଷ୍ଟମକୁ ସୁସ୍ଥ ରଖେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ କୋଷକୁ ରକ୍ଷା କରିଥାଏ। ଏହା ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଭଳି ରୋଗରୁ ମଧ ସୁରକ୍ଷା ପ୍ରଦାନ କରିଥାଏ। ଭିଟାମିନ୍ ଡି’ ନିତିଦିନ ନେବା ଦ୍ୱାରା ଶରୀରର ଇମଫ୍ଲାମେଟାରି ମେକାନିଜିମ୍‌କୁ ଧୀମା କରିଥାଏ। ଏହାଦ୍ୱାରା ଅଟୋଇମ୍ୟୁନୋ ରୋଗ ଏବଂ କାର୍ଡିଓଭସ୍କୁଲାର ସମସ୍ୟା ଆଶଙ୍କା ହ୍ରାସ ପାଏ। ତେବେ ଭାରତରେ ୭୦-୭୦ ପ୍ରତିଶତ ଲୋକଙ୍କଠାରେ ଭିଟାମିନ୍-ଡିର ଅଭାବ ଦେଖିବାକୁ ମିଳେ। ଭାରତୀୟଙ୍କୁ ନିୟମିତ ଭାବେ ଭିଟାମିନ୍ ଡି’ର ସ୍ତର ପରୀକ୍ଷା କରାଇବା ଦରକାର। ଯଦି ଏହା ୨୦ ନାନୋଗ୍ରାମ ପ୍ରତି ମିଲିଲିଟରରୁ କମ୍ ହୁଏ, ତେବେ ଭିଟାମିନ୍ ଡି’ ସପ୍ଲିମେଣ୍ଟ ନେବା ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ଓ ଛୋଟ ପିଲାମାନେ ଭିଟାମିନ୍ ଡି’ ସପ୍ଲିମେଣ୍ଟ ନେବା ଉଚିତ। ତେବେ ଭିଟାମିନ୍ ଡି’ ଅଧିକ ସେବନ କରିବା ଦ୍ୱାରା ଶରୀରରେ କ୍ୟାଲସିୟମ୍ ଅସନ୍ତୁଳନ ରହେ। ଏହା ବୃକ୍କ ଓ ହୃଦ୍‌ଯନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ସନ୍ତୁଳିତ ଆହାର ଓ ସୂର୍ଯ୍ୟକିରଣ ଏ ଲାଗି ସବୁଠୁ ଉପଯୋଗୀ। ବିଶେଷଜ୍ଞଙ୍କ ମତରେ, ଭିଟାମିନ୍ ଡି’ ବୟସ ବଢ଼ିବା ପ୍ରକ୍ରିୟାକୁ ଧିମା କରିବା ସହ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ଏହି ଗବେଷଣା ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶ ପାଇଛି।

# ମଶାଶୂନ୍ୟ ଦେଶ

ମଣିଷ ପାଇଁ ବିଶ୍ୱର ସବୁଠୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶା ଯୋଗୁ ପ୍ରତିବର୍ଷ ମ୍ୟାଲେରିଆ ଓ ଡେଙ୍ଗୁରେ ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ପ୍ରାଣ ହରାଇଥାନ୍ତି। ତେଣୁ ମଶା ଦାଉରୁ ରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦିଅନ୍ତି। ଏପରି ସ୍ଥଳେ ମଶା ନ ଥିବା ସ୍ଥାନ କଳ୍ପନା କରିବା ଅସମ୍ଭବ। ହେଲେ ଏକ ଦେଶ ରହିଛି, ଯେଉଁଠି ଗୋଟିଏ ହେଲେ ମଶା ଦେଖିବାକୁ ମିଳନ୍ତିନି। ଉତ୍ତର ଆଟଲାଣ୍ଟିକ୍ ମହାସାଗରସ୍ଥିତ ଆଇସ୍‌ଲ୍ୟାଣ୍ଡରେ ଏଭଳି ଭିନ୍ନତା ଦେଖାଯାଇଥାଏ। ଏହା ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠି ମଶା ନାହାଁନ୍ତି। ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଆଇସ୍‌ଲ୍ୟାଣ୍ଡରେ ମଶା ନ ଥିବା ପଛରେ ଅନେକ କାରଣ ଥିବା କହିଛନ୍ତି। ସବୁଠୁ ମୁଖ୍ୟ କାରଣ ହେଉଛି, ଏହାର ପାଣିପାଗ ଓ ଭୌଗୋଳିକ ଅବସ୍ଥିତି। ଏହାର ପଡ଼ୋଶୀ ଦେଶ ନରୱେ, ସ୍କଟ୍‌ଲ୍ୟାଣ୍ଡ, ଡେନ୍‌ମାର୍କ, ଗ୍ରୀନ୍‌ଲ୍ୟାଣ୍ଡରେ ବହୁ ପରିମାଣରେ ମଶା ଦେଖାଯାଉଥିବାବେଳେ ଆଇସ୍‌ଲ୍ୟାଣ୍ଡରେ ଗୋଟିଏ ହେଲେ ମଶା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ସାମୁଦ୍ରିକ ଜଳବାୟୁ। ଏଠାରେ ମଶା କେବଳ ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାନ୍ତି। ମ୍ୟୁଜିୟମ୍‌ରେ ଏକ ମଦ ଜାର୍‌ରେ ମଶାଗୁଡ଼ିକୁ ରଖାଯାଇଛି। ସେହିପରି ଆଇସ୍‌ଲ୍ୟାଣ୍ଡର ତାପମାତ୍ରା



ସବୁବେଳେ ଖୁବ୍ କମ୍ ରହିଥାଏ। ବିଶେଷ କରି ଶୀତଦିନେ ଏହା ଶୂନରୁ ତଳକୁ ଚାଲିଯାଏ। ମଶାଙ୍କ ପ୍ରଜନନ ପାଇଁ ସ୍ଥିର ଜଳ ସମେତ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାର ଆବଶ୍ୟକତା ଥାଏ। ଅତ୍ୟଧିକ ଥଣ୍ଡା କାରଣରୁ ଏଠାରେ ଥିବା ପାଣି ଜମାଟ ବାନ୍ଧିଯାଏ। ଫଳରେ ମଶାର ଡିମ୍ବ(ଲାର୍ଭା) ଗୁଡ଼ିକ ଜୀବିତ ରହିପାରନ୍ତିନି। ସେହିଭଳି ଅନ୍ୟ ଦେଶଗୁଡ଼ିକରେ ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ ମଶା ସେମାନଙ୍କ ବଂଶ ବିସ୍ତାର କରିପାରନ୍ତି। ଆଇସ୍‌ଲ୍ୟାଣ୍ଡରେ କିନ୍ତୁ ଏହା ସମ୍ଭବ ନୁହେଁ। ସେହିପରି ଏଠାକାର ମାଟିର ରାସାୟନିକ ସଂରଚନା ମଧ୍ୟ ମଶାଙ୍କ ପାଇଁ କ୍ଷତିକାରକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଏହି ଦେଶ ମଶା ମୁକ୍ତ ରହିବା ଅସମ୍ଭବ ବୋଲି ବୈଜ୍ଞାନିକ ଓ ପରିବେଶବିତ୍‌ମାନେ କହିଛନ୍ତି। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହେଲେ ଏଠାରେ ମଶା ସେମାନଙ୍କ ବଂଶ ବିସ୍ତାର କରିଦେବେ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।



## ସୁବର୍ଣ୍ଣା

## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ସ୍ଥଗିତ ରଖନ୍ତୁ।
- ବର୍ଷା ଛାଡ଼ିଗଲା ପରେ ଗେଣ୍ଡୁ ଓ ଗୋଲାପରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲ୍‌ଫର ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡ଼ିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ଝାଉଁଳା ରୋଗର ପରିଚାଳନା ପାଇଁ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ସହିତ



୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବେ ଭିଜାନ୍ତୁ।

- ଶୁଖିଲା ପାଗ ଦେଖି ଝୁଡୁଙ୍ଗରେ ଛୁଇଁ ବିନ୍ଧା ପୋକର ପରିଚାଳନା ପାଇଁ ଇମାମେକ୍ଟିକ ବେଞ୍ଜୋଏଟ୍ ୮୦ ଗ୍ରାମ୍ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ବନ୍ୟା ପ୍ରଭାବିତ ଫସଲର ଯତ୍ନ

**ଚାଷୀଙ୍କ ପାଇଁ ବର୍ଷା ବରଦାନ ସଦୃଶ । ହେଲେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ହୋଇ ଫସଲ ପାଣିରେ ବୁଡ଼ି ରୁହେ। ଏହାଦ୍ୱାରା ଫସଲ ମୂଳ ପଚିସଢ଼ି ଯିବା ସହିତ ଫସଲ ନଷ୍ଟ ହୋଇଥାଏ। ତେଣୁ ବନ୍ୟା ପାଣି ଛାଡିଲା ପରେ ଫସଲର ଯତ୍ନ କିପରି ନେବେ ଜାଣିବା।**

ବନ୍ୟା ପାଣିରେ ଦୀର୍ଘ ସମୟ ପନିପରିବା ଫସଲ ବୁଡ଼ି ରହିଲେ ମୂଳ ପଚି ସଢ଼ିଯାଏ। ଏଥିରେ ଅମୃତଭଣ୍ଡା ଗଛ ଅଧିକ ପ୍ରଭାବିତ ହୁଏ। ତେଣୁ ପ୍ରଥମେ ଜମିରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। ରୋଗପୋକ ଲକ୍ଷଣ ଅନୁଯାୟୀ ଔଷଧ ପ୍ରୟୋଗ କରିପାରିବେ।

**ଧାନ ଫସଲର ଯତ୍ନ:** ବର୍ତ୍ତମାନ ଧାନ ଫସଲ ଅଙ୍ଗୀୟ ବୃଦ୍ଧ ଅବସ୍ଥାରେ ରହିଛି। ୬ରୁ୭ ଦିନ ଧାନଫସଲ ପାଣିରେ ବୁଡ଼ି ରହିଲେ ଧାନ ଫସଲ ଆଂଶିକ ଭାବେ କ୍ଷତି ହେବ। ଦୀର୍ଘ ସମୟ ପାଣିରେ ଗଛ ବୁଡ଼ି ରହିବା ଦ୍ୱାରା ଗଛକୁ ଅମ୍ଳଜାନ ମିଳି ପାରିବନି। ଏହାଦ୍ୱାରା ପତ୍ର ହଳଦିଆ ପଡ଼ିବା ସହ ମୂଳ ସଢ଼ି ଶେଷରେ ଗଛଟି ମରିଯିବ। ପତ୍ରାଚ୍ଛଦ ପୋଡ଼ାରୋଗର ଅଧିକ ଆଶଙ୍କା ମଧ ଥାଏ। ତେଣୁ ବିଭିନ୍ନ ଉପାୟ ଆପଣାଇ ଜମିରୁ ନାଳୀ କାଟି ଜଳ ନିଷ୍କାସନ କରିବା ଜରୁରି।

ସେହିପରି ବନ୍ୟାପାଣି ଯୋଗୁଁ ଫସଲରେ କାଦୁଅ ପାଣି ବା ପଟୁ ବସିଯାଇଥାଏ। ତେଣୁ ବନ୍ୟା ପରେ ସୁବିଧା ଥିଲେ ପତ୍ର ସଫା କରିପାରିବେ। ହାଲୁକା ବର୍ଷା ହୋଇଗଲେ ପତ୍ର ସଫା ହୋଇ ଆଲୋକଶ୍ଳେଷଣ କରିପାରେ।

**ଗଛ ବୃଦ୍ଧି ପାଇଁ ପୋଷକତତ୍ତ୍ୱ:** ସାଧାରଣତଃ ବନ୍ୟାପାଣି ଯୋଗୁଁ ମାଟି ଧୋଇଯାଇଥାଏ। ଗଛ ବୃଦ୍ଧି ପାଇଁ ମାଟିର ଯବକ୍ଷାରଜାନ ତଥା ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ହ୍ରାସ ପାଏ । ଏହାଦ୍ୱାରା ପତ୍ର ହଳଦିଆ ପଡ଼ିଯାଏ। ଗଛ ବଢ଼ିବାରେ ସମସ୍ୟା ହୁଏ। ତେଣୁ ଫସଲ ପାଇଁ ଜରୁରି ପୋଷକତତ୍ତ୍ୱ ଉପଲବ୍ଧ କରାଇବା ଆବଶ୍ୟକ। ଏନେଇ ବନ୍ୟା ଛାଡ଼ିଯିବା ପରେ ପାଗ ଶୁଖିଲା ଦେଖି ୧୦୦ଲିଟର ପାଣିରେ ୨ କିଗ୍ରା ୟୁରିଆ ପକାଇ ପତ୍ର ସିଞ୍ଚନ କରିପାରିବେ। ସେହିପରି ୟୁରିଆର ପିଲସାର ଓ ଥୋଡ଼ସାର ପ୍ରତି ଏକର ପିଛା ୨୫ରୁ ୩୦ କିଗ୍ରା ପ୍ରୟୋଗ କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ ମିଳିବ। ଗଛ ବୃଦ୍ଧି ପାଇବ।




# କମ୍ ଖର୍ଚ୍ଚରେ କୀଟ ନିୟନ୍ତ୍ରଣ

**ଯେକୌଣସି ଫସଲରେ କୀଟ ଲାଗିବା ଦ୍ୱାରା ଗଛର ବିକାଶ ହୁଏନି। ଫୁଲ ଫଳ ଆସିବାରେ ବାଧା ସୃଷ୍ଟି ହୁଏ। ଏନେଇ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ କରିପାରିବେ। ଏହା ପରିବେଶ ଅନୁକୂଳ।**



- ଗଛ ପତ୍ର ଉପରେ ପୋକ ଲାଗିଥିଲେ ଏକ ଚାମଚ ସର୍ଫରେ ଚାରି କପ୍ ପାଣି ମିଶାଇ ଗଛ ମୂଳରେ କିମ୍ବା ପତ୍ର ସିଞ୍ଚନ କରିପାରିବେ। ସପ୍ତାହକୁ ଥରେ ଦୁଇଥର ସିଞ୍ଚନ କଲେ, ଏହା ଦ୍ୱାରା ଜଉପୋକ, ବୁଢ଼ିଆଣୀ, ଅଷ୍ଟପଦୀ କୀଟ ଦୂର ହୋଇଥାନ୍ତି।
- ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣ ଥିବାରୁ ଏହି ପତ୍ରକୁ ପାଣିରେ ଫୁଟାଇ ଥଣ୍ଡା କରି ସପ୍ତାହକୁ ଥରେ ଗଛ ମୂଳେ ପ୍ରୟୋଗ କରିପାରିବେ। ଏହା ଫଳମାଛି, ଜଉପୋକ ନିୟନ୍ତ୍ରଣ କରେ। ରସୁଣ କୋଳାକୁ ଛେଚି ଏହାକୁ ସିଧାସଳଖ ମାଟିରେ ପୋତି ପାରିବେ। ରସୁଣ ଛେଚା ପାଣିକୁ ସିଞ୍ଚନ କରିବା ଦ୍ୱାରା ଫସଲରୁ କୀଟ ନିୟନ୍ତ୍ରଣ ହୋଇଥାଏ।
- ତୁଳସୀ, ପୁଦିନା, ଜୁଆଣି ଜଡିବୁଟି ପତ୍ରକୁ ପାଣିରେ ଭିଜାଇ ଏହାକୁ ପତ୍ରସିଞ୍ଚନ କରିପାରିବେ। ଏହାର ସୁଗନ୍ଧରେ ଗଛରୁ ପୋକ ଦୂର ହୋଇଥାଏ।

# ପାଞ୍ଚରଙ୍ଗର ମକା



ଉତ୍ତରପ୍ରଦେଶ, ସହରାନପୁରର ସଞ୍ଜୟ ସେନି ଜମିରେ ସ୍ୱତନ୍ତ୍ର ପ୍ରକାର ମକା ଫଳାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଦ୍ୱାରା ଫଳା ଯାଇଥିବା ମକାଟି ପାଞ୍ଚ ରଙ୍ଗର। ଏହା ଯେତିକି ସ୍ୱାଦିଷ୍ଟ, ଦେଖିବାକୁ ମଧ ବହୁତ ଆକର୍ଷଣୀୟ। ଏହି ମକାକୁ ସଞ୍ଜୟ ମହାରାଷ୍ଟ୍ର ପୁଣେରୁ ଆଣି ସହରାନପୁରରେ ପରୀକ୍ଷଣ କରିଥିଲେ। ପ୍ରାୟତଃ ୧୦ଟି କିସମ ମଧ୍ୟରୁ ସେ ଏଠାରେ ପାଞ୍ଚଟି କିସମ ଲଗାଇଥିଲେ। ସେଥିରେ ସେ ସଫଳ ହେଲେ । ଏହି ମକାରେ ଅନେକ ପୋଷକତତ୍ତ୍ୱ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସାଧାରଣ ମକାଠାରୁ ଏହା ପାଖାପାଖି ୫ ଗୁଣ ଅଧିକ ମହଙ୍ଗା। ଏହି କିସମ ମକା ଗଛର ଉଚ୍ଚତା ପାଖାପାଖି ୧୦ ଫୁଟରୁ ଉର୍ଦ୍ଧ୍ୱ ହେବ। ବିଶେଷ କଥା ହେଉଛି, ଏହି ମକାର ଅଟା ମଧ ରଙ୍ଗବେରଙ୍ଗ ହୋଇଥାଏ। ତେଣୁ ଆଗକୁ ସେ ଏହି ରଙ୍ଗବେରଙ୍ଗ ମକା ଅଧିକ ମାତ୍ରାର ଚାଷ କରିବାକୁ ଆଶା ରଖିଛନ୍ତି। ଏହାଦ୍ୱାରା ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ସଞ୍ଜୟ କୁହନ୍ତି ।

# ଏସିଆ କପ୍ କ୍ରିକେଟ ଆଜିଠାରୁ

## ରାତି ୮ରୁ ମ୍ୟାଚ୍ ଆରମ୍ଭ, ୧୪ରେ ଭାରତ-ପାକ୍ ମୁକାବିଲା

ଦୁବାଇ,୮ ।୯ (ଏଜେନ୍ସି)

ୟୁଏଇରେ ଏସିଆ କପ୍ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆର ଶ୍ରେଷ୍ଠ ୮ଟି ଦଳ ଟି-୨୦ ଫର୍ମାଟରେ ଖେଳିବେ। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିଲେ ମଧ୍ୟ ପାକିସ୍ତାନ ଖେଳିବାକୁ ନ ଆସିବାରୁ ନିରପେକ୍ଷ ଦେଶ ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ପୂର୍ବରୁ ଏକାଧିକ ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଭିଜ୍ଞତା ଥିବାରୁ ଭାରତ ଏହି ଭେନ୍ୟୁରେ ଆୟୋଜନ କରିବାକୁ ରାଜି ହୋଇଛି। ଏହା ଫଳରେ ଦୁବାଇ ଓ ଆବୁଧାବିରେ ଥିବା ଦୁଇଟି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆୟୋଜନ କରାଯିବ। ଏସିଆ କପ୍‌ର ପୂର୍ବସଂସ୍କରଣ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଚଳିତ ସଂସ୍କରଣର ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳିବାକୁ ଏସୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

### ଭାରତ-ପାକ୍ ଗୋଟିଏ ଗ୍ରୁପ୍‌ରେ

ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ'ରେ ଭାରତ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଦଳଗୁଡ଼ିକ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ଗୋଟିଏ ଗ୍ରୁପ୍ ହୋଇଥିବା ସୁପର-୪'କୁ ଉନ୍ନୀତ ହେବେ। ସୁପର-୪'ରେ ମଧ୍ୟ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ସ୍ଥାନ ପାଇଥିବା ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।


ନୂଆ ହେୟାର ଷ୍ଟାଇଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା

### ୯ରେ ଆରମ୍ଭ, ୨୮ରେ ଫାଇନାଲ

ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଆଫଗାନିସ୍ତାନ ଓ ହଂକଂ ମୁକାବିଲାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୧୯ରେ ଶେଷ ହେବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ମୁକାବିଲା ଖେଳାଯିବ। ୨୮ରେ ଫାଇନାଲ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଥିବା ଭାରତ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ୍ ୟୁଏଇ, ୧୪ରେ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ଓ ତୃତୀୟ ମ୍ୟାଚ୍ ଓମାନ ସହ ୧୯ରେ ଖେଳିବ। ଭାରତ-ଓମାନ ମୁକାବିଲାଟି ମଧ୍ୟ ଲିଗ୍ ପର୍ଯ୍ୟାୟରେ ଶେଷ ମ୍ୟାଚ୍ ହେବ।

| | |
|---|---|
| ଗ୍ରୁପ୍: 'ଏ' | ଭାରତ, ପାକିସ୍ତାନ, ଓମାନ, ୟୁଏଇ। |
| ଗ୍ରୁପ୍: 'ବି' | ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ। |

### ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କରେ ପ୍ରସାରଣ

ଏହି ମେଗା ଇଭେଣ୍ଟର ଟେଲିଭିଜନରେ ପ୍ରସାରଣ ଲାଗି ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଅଧିକାର ହାସଲ କରିଛି। ଏହା ଛଡ଼ା ସୋନି ଲାଇଭ୍ ଆପ୍‌ରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖାଯାଇପାରିବ। ହଟ୍‌ଷ୍ଟାରରେ ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।

ସେହିପରି ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ୍ ଆରମ୍ଭ ହେବ। ଏସିଆ କପ୍‌ରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ଗ୍ରୁପ୍-ବି'ର ଓମାନ-ୟୁଏଇ ମୁକାବିଲା ଭାରତୀୟ ସମୟ ଅପରାହ୍ଣ ୪ଟାରୁ ଆରମ୍ଭ। ଟୁର୍ଣ୍ଣାମେଣ୍ଟରେ ଏହି ଗୋଟିଏ ଦିନ ଡବଲ ହେଡର ମ୍ୟାଚ୍ ଖେଳାଯିବ। ରାତି ୮ଟାରୁ ଶ୍ରୀଲଙ୍କା ଓ ହଂକଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ମ୍ୟାଚ୍‌ଗୁଡିକର ଆରମ୍ଭ ସମୟ ରାତି ୮ଟା ରଖାଯାଇଛି।

### ଏସିଆ କପ୍ ଖେଳସୂଚୀ

ସେପ୍ଟେମ୍ବର ୯-୨୮, ଦୁବାଇ ଓ ଆବୁଧାବି

| ତାରିଖ | ମୁକାବିଲା | ଭେନ୍ୟୁ |
|---|---|---|
| ୦୯।୯ | ଆଫଗାନିସ୍ତାନ-ହଂକଂ | ଆବୁଧାବି |
| ୧୦।୯ | ଭାରତ-ୟୁଏଇ | ଦୁବାଇ |
| ୧୧।୯ | ବାଂଲାଦେଶ-ହଂକଂ | ଆବୁଧାବି |
| ୧୨।୯ | ପାକିସ୍ତାନ-ଓମାନ | ଦୁବାଇ |
| ୧୩।୯ | ଶ୍ରୀଲଙ୍କା-ବାଂଲାଦେଶ | ଆବୁଧାବି |
| ୧୪।୯ | ଭାରତ-ପାକିସ୍ତାନ | ଦୁବାଇ |
| ୧୫।୯ | ୟୁଏଇ-ଓମାନ | ଆବୁଧାବି |
| ୧୫।୯ | ଶ୍ରୀଲଙ୍କା-ହଂକଂ | ଦୁବାଇ |
| ୧୬।୯ | ବାଂଲାଦେଶ-ଆଫଗାନିସ୍ତାନ | ଆବୁଧାବି |
| ୧୭।୯ | ପାକିସ୍ତାନ-ୟୁଏଇ | ଦୁବାଇ |
| ୧୮।୯ | ଶ୍ରୀଲଙ୍କା-ଆଫଗାନିସ୍ତାନ | ଆବୁଧାବି |
| ୧୯।୯ | ଭାରତ-ଓମାନ | ଆବୁଧାବି |
| ସୁପର-୪ ମୁକାବିଲା | | |
| ୨୦।୯ | ୧. ବି୧ ବନାମ ବି୨ | ଦୁବାଇ |
| ୨୧।୯ | ୨. ଏ୧ ବନାମ ଏ୨ | ଦୁବାଇ |
| ୨୩।୯ | ୩. ଏ୨ ବନାମ ବି୧ | ଦୁବାଇ |
| ୨୪।୯ | ୪. ଏ୧ ବନାମ ବି୨ | ଦୁବାଇ |
| ୨୫।୯ | ୫. ଏ୨ ବନାମ ବି୨ | ଦୁବାଇ |
| ୨୬।୯ | ୬. ଏ୧ ବନାମ ବି୧ | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

### ଅଂଶୁମାନ ରଥ ଏକମାତ୍ର ଓଡ଼ିଆ



ବାମହାତୀ ସ୍ପିନର ପ୍ରଜ୍ଞାନ ଓଝାଙ୍କ ପରେ ଭାରତୀୟ କ୍ରିକେଟ ଦଳରେ ଓଡ଼ିଆ ଛାପ କିମ୍ବା ଓଡ଼ିଶାର ପ୍ରତିନିଧିତ୍ୱ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଶା ପକ୍ଷରୁ ଦୁଇ ସିଜନ ଧରି ଭାରତର ଘରୋଇ କ୍ରିକେଟ ଖେଳିଥିବା ଅଂଶୁମାନ ରଥ ହଂକଂ ଦଳରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ଏକମାତ୍ର ଓଡ଼ିଆ ଖେଳାଳି। କିନ୍ତୁ ଓଡ଼ିଶା ଦଳରେ ହେଉଥିବା ହୀନମନ୍ୟତା, ଅତ୍ୟାଚାର, କୋଚ୍‌ମାନଙ୍କ ଅଶୋଭନୀୟ ବ୍ୟବହାର, ବରିଷ୍ଠ କନିଷ୍ଠ ଖେଳାଳିଙ୍କ ବିବାଦ ମଧ୍ୟରେ ପେସି ହୋଇଯାଇଥିବା ଅଂଶୁମାନ ଖେଳ ଛାଡିଦେଇଥିଲେ। ଭୁବନେଶ୍ୱର ଏହି ବାସିନ୍ଦା ପ୍ରଥମେ ହଂକଂ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ଓ ପରେ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ପରେ ଭାରତରେ ବଡ଼ ଧରଣର କ୍ରିକେଟ କ୍ୟାରିୟର ଗଢ଼ିବାକୁ ଆସି ଚାପି ହୋଇଯିବା ପରେ କ୍ରିକେଟ ଖେଳ ଛାଡ଼ିବାକୁ ଚିନ୍ତାକରିଥିଲେ। ଏବେ ପୁଣିଥରେ ହଂକଂ ପକ୍ଷରୁ ଖେଳିବାକୁ ମନୋନୀତ ହେବା ସହ ଅନ୍ତର୍ଜାତୀୟ କ୍ରିକେଟରେ ଓଡ଼ିଶାର ପରିଚୟ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

## ଅଗଷ୍ଟ ମାସର ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ସିରାଜ୍



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଭାରତୀୟ ଫାଷ୍ଟବୋଲର ମହମ୍ମଦ ସିରାଜ୍ ଆଇସିସି ପକ୍ଷରୁ ଅଗଷ୍ଟ ମାସ ପାଇଁ ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ରହିଛନ୍ତି। ଓଭାଲ୍‌ରେ ଘରୋଇ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନ ପାଇଁ ସିରାଜ୍‌ଙ୍କୁ ଏହି ତାଲିକାରେ ଆଇସିସି ରଖିଛି। ତାଙ୍କ ସହ ଏହି ତାଲିକାରେ ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଓ ୱେଷ୍ଟଇଣ୍ଡିଜ୍‌ର ପେସ୍ ବୋଲର ଜେଡେନ୍ ସିଲ୍ ମଧ୍ୟ ରହିଛନ୍ତି। ଭୋଟିଂ ମାଧ୍ୟମରେ ଅଗଷ୍ଟର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଇଂଲଣ୍ଡରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସିରାଜ୍? ଏକମାତ୍ର ଭାରତୀୟ ପେସ୍ ବୋଲର ଭାବେ ୫ଟିଯାକ ଟେଷ୍ଟ ଖେଳିଥିଲେ। ପୂରା ସିରିଜ୍‌ରେ ସେ ୧୮୫ରୁ ଅଧିକ ଓଭର ବୋଲିଂକରି ସର୍ବାଧିକ ୨୩ଟି ୱିକେଟ୍ ନେଇଥିଲେ। ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ଥିବା ବେଳେ ଅନ୍ତିମ ଟେଷ୍ଟରେ ୯ଟି ୱିକେଟ ନେଇ ସିରାଜ୍ ଭାରତକୁ ଜିତାଇବା ସହ ଶୃଙ୍ଖଳା ୨-୨ରେ ଡ୍ର ରଖି ପାରିଥିଲେ। ସେ ଏହି ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ୨ଟି ଟେଷ୍ଟରେ ଯଶପ୍ରୀତ ବୁମ୍‌ରା ନ ଥିବା ବେଳେ ସିରାଜ୍ ଭାରତୀୟ ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ। ଜିମ୍ବାୱେ ବିପକ୍ଷ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ୧୬ଟି ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଏହି ତାଲିକାରେ ଅଛନ୍ତି। ହେନ୍‌ରି ମାତ୍ର ୯ ଆଭ୍‌ରେଜରେ ୧୬ଟି ୱିକେଟ୍ ନେଇ ଦଳକୁ ୨-୦ରେ ଶୃଙ୍ଖଳା ଜିତାଇଥିଲେ। ଅଗଷ୍ଟରେ ଦୀର୍ଘ ୩୪ ବର୍ଷ ପରେ ପାକିସ୍ତାନ ମାଟିରେ ୱେଷ୍ଟଇଣ୍ଡିଜ୍ ଦିନିକିଆ ଶୃଙ୍କଳା ଜିତିଥିଲା। ଏହି ଶୃଙ୍ଖଳାର ୨ୟ ମ୍ୟାଚ୍‌ରେ ସିଲ୍‌ସ ୩ଟି ଏବଂ ନିର୍ଣ୍ଣାୟକ ୩ୟ ତଥା ଅନ୍ତିମ ଦିନିକିଆରେ ସିଲ୍‌ସ ୧୮ ରନ୍‌ଦେଇ ୬ଟି ୱିକେଟ୍ ନେଇ ଜୀବନର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜ ଦିନିକିଆ ଶୃଙ୍ଖଳା ଜିତି ପାରିଥିଲା।

## ମହିଳା ଏସିଆ କପ୍ ହକି ପୁଲ-ବି' ଶୀର୍ଷରେ ଭାରତ



ହାଙ୍ଗଝୋଉ,୮ ।୯ (ଏଜେନ୍ସି): ଦୁର୍ବଳ ସିଙ୍ଗାପୁରକୁ ୧୨-୦ ଗୋଲରେ ହରାଇ ଭାରତ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ହକି ପ୍ରତିଯୋଗିତାର ପୁଲ-ବି'ରେ ଶୀର୍ଷସ୍ଥାନ ହାସଲ କରିଛି। ଏହା ଫଳରେ ନଂ-୧ ଦଳ ଭାବେ ଭାରତ ମଧ୍ୟ ସୁପର-୪'ରେ ପ୍ରବେଶ କରିଛି। ପୂର୍ବରୁ ପୁଲ-ବି'ରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୧-୦ରେ ପରାସ୍ତ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ସିଙ୍ଗାପୁର ବିପକ୍ଷ ବୃହତ ବିଜୟରେ ଭାରତ ପକ୍ଷରୁ ମମ୍‌ତାଜ୍ ଖାନ୍ ଓ ନବନିତ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ନେହା ୨ଟି, ଲାଲରେମସିଆମି, ଉଦିତା, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପୁଲ-ବି'ରେ ଭାରତ ୨ ବିଜୟ ଓ ୧ ଡ୍ର କରିବା ଫଳରେ ଜାପାନ ସହ ସମାନ ପଏଣ୍ଟ ସଂଗ୍ରହ କରିଥିଲା। କିନ୍ତୁ ଗୋଲ ବ୍ୟବଧାନରେ ଭାରତ ପ୍ରଥମ ଓ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ସୁପର-୪'ରେ ପ୍ରବେଶ କରିଥିଲେ। ସେହିପରି ପୁଲ-ଏ'ରେ ଆୟୋଜକ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ସହ ପ୍ରଥମ ଓ ୨ଟି ବିଜୟ ସହ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ସ୍ଥାନରେ ରହି ସୁପର-୪'କୁ ପ୍ରବେଶ କରିଛନ୍ତି। ଭାରତ ସୁପର୍-୪ରେ ପ୍ରଥମ ମ୍ୟାଚ୍ ୧୦ରେ ଦକ୍ଷିଣ କୋରିଆ, ୧୧ରେ ଚୀନ ଓ ୧୩ରେ ଜାପାନ ସହ ଖେଳିବ।

● ଓଡ଼ିଶା ପିକଲ୍‌ବଲ୍ ଓପନ ଉଦ୍‌ଯାପିତ

## ପ୍ରସିଦ୍ଧି ପୋଦ୍ଦାରଙ୍କୁ ତ୍ରିମୁକୁଟ




ଭୁବନେଶ୍ୱର,୮ ।୯ (ସମିସ): ଓଡ଼ିଶା ପିକଲବଲ ସଂଘ ଓ ଭାରତୀୟ ପିକଲବଲ ମହାସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓପନ ପିକଲବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଶତାଧିକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବାରୁ ରାଜ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧିପାଇଥିବା ଜଣାଯାଇଛି। ମହିଳା ଖେଳାଳି ପ୍ରସିଦ୍ଧି ପୋଦ୍ଦାର ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ, ଡବଲ୍ସ ଓ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷ ବିଭାଗ ଓପନ ସିଙ୍ଗଲସରେ ସୁମିତ ପଣ୍ଡା ଓ ଅଂଶୁମାନ ବାବୁ, ଡବଲ୍ସରେ ଐଶ୍ୱଜିତ ଶାହା-ଅଂଶୁମାନ ବାବୁ ଓ ରୋହନ ମିଶ୍ର-ରାଜେଶ ପ୍ରଧାନ, ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ଓ ସ୍ୱୀକୃତି ଦାଶ, ଡବଲ୍ସରେ ସ୍ନେହା ଗର୍ଗ-ପ୍ରସିଦ୍ଧି ପୋଦ୍ଦାର ଓ ଅନିଶା ପାଣିଗ୍ରାହୀ-ଆଲିସ ମହାନ୍ତିଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ହର୍ନେକ ସିଂହ ଓ ଅକ୍ଷଜ କୁମାର, ବାଳିକା ସିଙ୍ଗଲ୍ସରେ ଅନିଶା ପାଣିଗ୍ରାହୀ ଓ ଆୟୁଷୀ ରୟ, ପୁରୁଷ ଓପନ ମିକ୍ସଡ ଡବଲ୍ସରେ ଐଶ୍ୱଜିତ ଶାହା-ପ୍ରସିଦ୍ଧି ପୋଦ୍ଦାର ଓ ଅଂଶୁମାନ ବାବୁ-ଅନିଶା ପାଣିଗ୍ରାହୀଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବିଭାଗରେ ଆନନ୍ଦ ପୋଦ୍ଦାରଙ୍କୁ ହରାଇ ଦିଲୀପ ମହାନ୍ତି ଟାଇଟଲ ଜିତିଥିଲେ।

● କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ବରିଷ୍ଠ ବିଭାଗରେ ଅନୁପମା ଓ ଆଶିଷ ଶ୍ରେଷ୍ଠ




ଭୁବନେଶ୍ୱର,୮ ।୯ (ସମିସ): ତୃତୀୟ ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ଅନୁପମା ସ୍ୱାଇଁ ଓ ପୁରୁଷ ବିଭାଗରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର ମିଳିତ ସହଯୋଗରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ଉତ୍କଳ କରାଟେ ସ୍କୁଲ୍ ୧୯ଟି ସ୍ୱର୍ଣ୍ଣ ସହ ପ୍ରଥମ, ଫିଟ୍‌ନେସ ମନ୍ତ୍ରା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ଡି ଜିମ୍ ୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ସ୍ୱନସର ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନର ଏମ୍‌ଡି ବିଜୟକୁମାର ମିଶ୍ର, ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସ୍କୁଲ ଓପନ ଚେସ୍ : ସତ୍ୟମ ସ୍ୱରୂପ ଚାମ୍ପିଅନ




ଭୁବନେଶ୍ୱର,୮ ।୯ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଡିଏଭି ପୋଖରୀପୁଟ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସତ୍ୟମ ଓ ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସତ୍ୟମ ପ୍ରଥମ ହୋଇ ଚାମ୍ପିଅନ ଓ ସ୍ୱସ୍ତିକ ଦ୍ୱିତୀୟ ସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲେ। ନୟାପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ତୃତୀୟ, ଏପିଜେ ସ୍କୁଲ୍‌ର ପ୍ରାଂଶୁ ସାହୁ ଚତୁର୍ଥ ଓ ୟୁନିଟ୍ ୮ ଡିଏଭିର ଆକର୍ଷ ପ୍ରକାଶ ୫ମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ ସାହୁ ଉଦ୍‌ଘାଟନ କରିଥିଲାବେଳେ ସ୍କୁଲ୍‌ର ଶିକ୍ଷକମାନେ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ୟୁଏସ୍ ଓପନ୍ ଟେନିସ୍

## ଟାଇଟଲ ସହ ଆଲ୍‌କାରାଜ୍ ବିଶ୍ୱର ନଂ-୧

ନ୍ୟୁୟର୍କ,୮ ।୯ (ଏଜେନ୍ସି)



ସ୍ପେନର୍ ଯୁବ ଟେନିସ ତାରକା କାର୍ଲୋସ ଆଲକାରାଜ ଚଳିତବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ରେ ଏଥର ବାଜି ମାରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଆଲ୍‌କାରାଜ୍ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ଟପ୍ ସିଡ୍ ଇଟାଲୀର ୟାନିକ ସିନରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ୨୨ ବର୍ଷୀୟ ଆଲାକାରାଜ ୟୁଏସ୍ ଓପନ୍‌ରେ ଦ୍ୱିତୀୟ ଓ କ୍ୟାରିଅରର ଷଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୨ରେ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ସେ ସେମିରେ ୭ମ ସିଡ୍ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬-୪, ୭-୬, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ଅନ୍ୟପଟେ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗୁର-ଆଲିଆଜିମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆଲକାରାଜ ଏଥିସହ ଦୁଇଥର ଲେଖାଏଁ ଫ୍ରେଞ୍ଚ୍ ଓପନ୍ (୨୦୨୪,୨୦୨୫), ୱିମ୍ବଲଡନ (୨୦୨୩-୨୦୨୪) ଓ ୟୁଏସ୍ ଓପନ (୨୦୨୨, ୨୦୨୩) ଟାଇଟଲ ହାସଲ କରିଛନ୍ତି। କ୍ୟାରିଅରରେ ସେ ମୋଟ୍ ଉପରେ ୨୩ତମ ଟାଇଟଲ ହାସଲ କରିଛନ୍ତି।

ଫାଇନାଲ ମ୍ୟାଚରେ ଶେଷ ପର୍ଯ୍ୟନ୍ତ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଆଲକାରାଜ, ଦ୍ୱିତୀୟରେ ସିନର, ତୃତୀୟ ଓ ଚତୁର୍ଥରେ ପୁଣି ଆଲକାରାଜ ଜିତି ଟାଇଟଲ ହାସଲ କରିଥିଲେ। ଏହି ବିଜୟ ସହ ସେ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ସିନରଙ୍କୁ ହଟାଇ ବିଶ୍ୱର ନଂ୧ ସ୍ଥାନ ହାସଲ କରିଛନ୍ତି। ଅବଶ୍ୟ ପୂର୍ବରୁ ସେ ୨୦୨୩ରେ ନଂ୧ ସ୍ଥାନ ହାସଲ କରିଥିଲେ ଓ ୫ମଥର ପାଇଁ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହାପୂର୍ବରୁ ସେ ମୋଟ୍ ଉପରେ ୩୭ ସପ୍ତାହ ଧରି ନଂ୧ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ତୃତୀୟଥର ପାଇଁ ଅଲକାରାଜ ଓ ସିନର ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହୋଇଥିଲେ। ଗତ ଜୁନ୍‌ରେ ଆଲକାରାଜ ସିନରଙ୍କୁ ହରାଇ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ଜୁଲାଇରେ ସିନର ୱିମ୍ବଲଡନ ଫାଇନାଲରେ ଆଲକାରାଜଙ୍କୁ ହରାଇ ଟାଇଟଲ ଜିତିଥିଲେ। ଗତ ୮ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ଖେଳାଳି ପତିଆରା ଜାହିର କରି ଆସିଛନ୍ତି। ସେହିପରି ସିନର ଫାଇନାଲ ଖେଳିବା ସହ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଖେଳାଳି ଭାବେ ଗୋଟିଏ ବର୍ଷରେ ୪ଟି ଗ୍ରାଣ୍ଡସ୍ଲାମର ଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ରଡ ଲିଭର (୧୯୬୯), ରୋଜର ଫେଡରର (୨୦୦୬, ୨୦୦୭, ୨୦୦୮) ଓ ଜୋକୋଭିଚ୍ (୨୦୧୫, ୨୦୨୧, ୨୦୨୩) ଏହି ସଫଳତା ହାସଲ କରିଥିଲେ। ସେହିପରି ଆଲକାରାଜ ମଧ୍ୟ ଏକ ରେକର୍ଡରୁ ବଞ୍ଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାତ୍ର ଗୋଟିଏ ସେଟ୍‌ରେ ହାରି ଟାଇଟଲ ଜିତିଥିଲେ। ଫାଇନାଲରେ ସିନରଙ୍କଠାରୁ ଦ୍ୱିତୀୟ ସେଟ୍‌ରେ ହାରି ନ ଥିଲେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ କୌଣସି ସେଟ୍ ଡ୍ରପ୍ ନ କରି ଟାଇଟଲ ଜିତିବାରେ ରେକର୍ଡ କରିଥାନ୍ତେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS